୬ ▸ ବିଜୟ ଧାରାକୁ ଫେରିଲେ ଭର୍ଷ୍ଟାପେନ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹ 2.00

● ବର୍ଷ–୩୧ ● ସଂଖ୍ୟା–୭୨ ● ୯ ଅପ୍ରେଲ ୨୦୨୪, ମଙ୍ଗଳବାର ● ଭୁବନେଶ୍ୱର ● Vol -31 ● Issue-72 ● 9th April 2024, Tuesday ● Bhubaneswar

Licensed to post without pre-payment of postage No- BN-60/22-24

## ଅପ୍ରେଲ ସୁଦ୍ଧା ଓଡ଼ିଶାର ବିଭିନ୍ନ ଜଙ୍ଗଲର ୮,୦୦୦ ସ୍ଥାନରେ ଲାଗିଛି ନିଆଁ

**ଭୁବନେଶ୍ୱର, ୮।୪**

**ନ୍ୟୁଜ୍ ବ୍ୟୁରୋ**



ଚଳିତ ଅପ୍ରେଲ ମାସ ୭ ତାରିଖ ସୁଦ୍ଧା ଓଡ଼ିଶାର ପ୍ରାୟ ୮,୦୦୦ ସ୍ଥାନରେ ଜଙ୍ଗଲ ନିଆଁ ଲାଗିଛି। ଏଥିସହ ପ୍ରାୟ ୯୯.୫ ପ୍ରତିଶତ ନିଆଁ ସଫଳତାର ସହ ଆୟତ୍ତ କରାଯାଇଛି । ପିସିସିଏଫ୍ ଦେବଦତ୍ତ ବିଶ୍ୱାଳ ସୋମବାର ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କାଳବୈଶାଖୀ ଏବଂ ବନ ବିଭାଗ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ଯୋଗୁଁ ଜଙ୍ଗଲ ନିଆଁକୁ ଆୟତ୍ତ କରାଯାଇପାରିଛି। ଗତ ବର୍ଷ ସମାନ ସମୟ ମଧ୍ୟରେ ୨୭,୦୦୦ ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଥିବା ସେ କହିଛନ୍ତି।

ଏହା ସହିତ ଶ୍ରୀ ବିଶ୍ୱାଳ ସୂଚନା ଦେଇଛନ୍ତି ଯେ, କୋରାପୁଟ, ଭବାନୀପାଟଣା ଓ ବ୍ରହ୍ମପୁର ବନଖଣ୍ଡ ଅଞ୍ଚଳରେ ରବିବାର ୨୫୬ଟି ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ କରାଯାଇଥିଲା। 'ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ'ର ତଥ୍ୟ ଅନୁସାରେ ରାଜ୍ୟର ୨୮୪ଟି ସ୍ଥାନରେ ଜଙ୍ଗଲରେ ନିଆଁ ଲାଗିଥିଲା। ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାରେ ୧୫୦ରୁ ଅଧିକ ସ୍ଥାନରେ ଜଙ୍ଗଲ ନିଆଁ ଚିହ୍ନଟ ହୋଇଥିଲା ।


ସୂଚନାଯୋଗ୍ୟ ଗତ ମାର୍ଚ୍ଚ ମାସରେ ଦେଶରେ ୫୮ହଜାର ୮୦୦ରୁ ଅଧିକ ସ୍ଥାନରେ ଜଙ୍ଗଲ ଗୁଡ଼ିକରେ ନିଆଁ ଲାଗିଥିବା ବେଳେ ଚଳିତ ମାସର ରବିବାର ସୁଦ୍ଧା ୨୨ହଜାର ୬୦୦ଟି ସ୍ଥାନରେ ଦେଶର ଜଙ୍ଗଲ ଗୁଡ଼ିକରେ ନିଆଁ ଲାଗିଥିବା ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆର ତଥ୍ୟରେ କୁହାଯାଇଛି ।

ତେବେ କୃଷି ସମ୍ବନ୍ଧୀୟ କାର୍ଯ୍ୟକଳାପ, ମହୁଲ ଫୁଲ ସଂଗ୍ରହ ତଥା ପଶୁମାନଙ୍କୁ ମାରିବା କାରଣରୁ ମାଲକାନଗିରି ଜିଲ୍ଲା ଜଙ୍ଗଲରେ ନିଆଁ ଲାଗିବା ଘଟଣା ଅଧିକ। ଏହା ମଧ୍ୟ ଦେଖାଯାଇଛି ଯେ କିଛି ଦୁର୍ବୃତ୍ତ ନିଆଁ ଲଗାଉଛନ୍ତି। ଏଭଳି ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର *(ପୃଷ୍ଠା ୭ରେ)*

### ସାରା ଦେଶରେ ନିଆଁ ଜଳିବ

## କେନ୍ଦ୍ରମନ୍ତ୍ରୀଙ୍କ ନିକଟକୁ ଆତଙ୍କବାଦୀ ସଂଗଠନ ନାଁରେ ଆସିଲା ଧମକପୂର୍ଣ୍ଣ ପତ୍ର

**ନୂଆଦିଲ୍ଲୀ, ୮।୪**



କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁରଙ୍କୁ ଧମକପୂର୍ଣ୍ଣ ଫୋନ ଆସିଛି । ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ଠାକୁରଙ୍କୁ ଚିଠି ମାଧ୍ୟମରେ ଧମକ ଦିଆଯାଇଛି। ପଶ୍ଚିମବଙ୍ଗରେ ଏନଆରସି ଓ ସିଏଏ ଲାଗୁ ହେଲେ ପରିଣାମ ଭୋଗିବାକୁ ପଡ଼ିବ ବୋଲି ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ପକ୍ଷରୁ ଏହି ଚିଠି ପଠାଯାଇଛି।

କେନ୍ଦ୍ରମନ୍ତ୍ରୀଙ୍କୁ ପଠାଯାଇଥିବା ଚିଠିରେ କୁହାଯାଇଛି, ଯଦି ପଶ୍ଚିମବଙ୍ଗରେ ଏନଆରସି ହୁଏ ଏବଂ ମୁସଲମାନଙ୍କ ଉପରେ ଅତ୍ୟାଚାର କରାଯାଏ, ତେବେ ବଙ୍ଗଳା ଓ ସମଗ୍ର ଭାରତରେ ନିଆଁ ଜଳିବ । ଆପଣଙ୍କ ଠାକୁରବାଡ଼ି ମଧ୍ୟ ଜଳିଯିବ। ତାଙ୍କୁ କେହି ବଞ୍ଚାଇ ପାରିବେ ନାହିଁ । ଆପଣ ଲସ୍କର-ଏ-ତୋଇବାର ନାମ ଶୁଣିଛନ୍ତି କି? ଆମେ ଲସ୍କରର ସଦସ୍ୟ, ହାଫିଜ ସୟିଦଙ୍କ ନିର୍ଦ୍ଦେଶ ଅନୁଯାୟୀ ପଶ୍ଚିମବଙ୍ଗରେ ଏନଆରସି ଲାଗୁ ହେବା ମାତ୍ରେ ଆମେ ଆମର କାମ ଆରମ୍ଭ କରିବୁ।

ଶାନ୍ତନୁ ଠାକୁର ୨୦୧୯ ଲୋକସଭା ନିର୍ବାଚନରେ ପଶ୍ଚିମବଙ୍ଗର ୨୪ ପ୍ରଗଣା ଜିଲ୍ଲାରୁ ବିଜୟୀ ହୋଇ ସଂସଦ ଭବନରେ ପହଞ୍ଚିଥିଲେ । ଜୁଲାଇ ୨୦୨୧ରେ କ୍ୟାବିନେଟ ଅଦଳବଦଳ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କ୍ୟାବିନେଟରେ ତାଙ୍କୁ ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ କରାଯାଇଥିଲା।

ଗତ ମାର୍ଚ୍ଚ ମାସରେ କେନ୍ଦ୍ର ସରକାର ସାରା ଦେଶରେ ନାଗରିକତା ସଂଶୋଧନ ଆଇନ ଲାଗୁ କରିଥିଲେ । ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହାକୁ ବିରୋଧ କରୁଛନ୍ତି ।

### ୨୪ ଘଣ୍ଟା ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ କାଳବୈଶାଖୀ ଜନିତ ବର୍ଷା ସତର୍କତା



**ଭୁବନେଶ୍ୱର, ୮।୪**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବଦଳିଛି ପାଗର ମିଜାଜ। ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି । ରବିବାର ରାଜ୍ୟର ଏକାଧିକ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଯୋଗୁଁ ଗରମ ଗୁଳୁଗୁଳିରୁ ମୁକ୍ତି ମିଳିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ରାଜ୍ୟ ଉପରେ ବର୍ତ୍ତମାନ ଏକ ପଶ୍ଚିମା ଝଡ଼ ସକ୍ରିୟ ହୋଇଥିବା ବେଳେ ବାୟୁମଣ୍ଡଳର ଉପରିଭାଗରେ ଏକ ନିମ୍ନଚାପରେଖା ସୃଷ୍ଟି ହୋଇଛି । ଏହାସହ ଉପକୂଳ ଓଡ଼ିଶାରେ ଏକ ଘୁରୁଚପବଳୟ ମଧ୍ୟ ସକ୍ରିୟ ରହିଛି। ଏଥିପାଇଁ ରାଜ୍ୟକୁ ପ୍ରଚୁର ମାତ୍ରାରେ ଜଳୀୟବାଷ୍ପ ପୂର୍ଣ୍ଣ ବାୟୁ ପ୍ରବେଶ କରୁଛି। ତେଣୁ ରାଜ୍ୟରେ ବିଜୁଳି ଘଡ଼ଘଡ଼ି ସହ ଝଡ଼ବର୍ଷା ପାଇଁ ପାଗ ଅନୁକୂଳ ହୋଇଛି।

ଅଧିକାଂଶ ସ୍ଥାନରେ କାଳବୈଶାଖୀ ଜନିତ ବର୍ଷା ଓ ଘଡ଼ଘଡ଼ି ହେବା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ ଜାରି କରିଛି । ଆସନ୍ତା *(ପୃଷ୍ଠା ୭ରେ)*

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

## କେଜରିୱାଲଙ୍କୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ନେଇ ଆବେଦନ ଖାରଜ

**ନୂଆଦିଲ୍ଲୀ, ୮।୪**



ଅରବିନ୍ଦ କେଜରିୱାଲଙ୍କୁ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ପଦରୁ ହଟାଇବା ଆବେଦନ ଖାରଜ କରିଛନ୍ତି ଅଦାଲତ । ଏଭଳି ଆବେଦନ ଉପରେ ବିପୁଳ ପରିମାଣର ଜରିମାନା ହେବା ଆବଶ୍ୟକ ବୋଲି କହିଛନ୍ତି ଦିଲ୍ଲୀ ହାଇକୋର୍ଟ । ମାମଲାର ଶୁଣାଣି କରି ଏଭଳି ମନ୍ତବ୍ୟ ପ୍ରକାଶ କରିଛନ୍ତି ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ ସୁବ୍ରମଣ୍ୟମ ପ୍ରସାଦ।

ଏହି ମାମଲାର ଶୁଣାଣି କରି ଅଦାଲତ କହିଛନ୍ତି ଯେ, ପୂର୍ବରୁ ଏ ପ୍ରସଙ୍ଗ ନେଇ ଦୁଇ ଦୁଇଟି ଆବେଦନ ଖାରଜ ହୋଇସାରିଛି। ଏଭଳି ସ୍ଥଳରେ ଏହି ଆବେଦନର କିଛି ମୂଲ୍ୟ ରହୁନାହିଁ । କେବଳ ପ୍ରଚାର ଲାଗି ଏଭଳି ଆବେଦନ କରାଯାଉଛି ବୋଲି କହିଛନ୍ତି ବିଚାରପତି । ଆମ ଆଦମୀ ପାର୍ଟି ପୂର୍ବତନ ନେତା ତଥା ମନ୍ତ୍ରୀ ସନ୍ଦୀପ କୁମାର ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ପଦରୁ ହଟାଇବାକୁ ଦାବି କରି ଆବେଦନ ରୁଜୁ କରିଥିଲେ। କେଜରିୱାଲଙ୍କୁ ଇଡି ଗିରଫ କରିଥିବାବେଳେ ସେ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରିବାକୁ ଅକ୍ଷମତା ପ୍ରଦର୍ଶନ କରୁଛନ୍ତି ବୋଲି ଆବେଦନରେ ପ୍ରକାଶ କରିଥିଲେ। ଦିଲ୍ଲୀ ମଦ ନୀତି ମାମଲାରେ ଗିରଫ ହେବା ପରେ ମୁଖ୍ୟମନ୍ତ୍ରୀ ଭାବେ ରହିବାର ଅଧିକାର କେଜରିୱାଲ ହରାଇ ସାରିଛନ୍ତି ବୋଲି ଆବେଦନରେ ଉଲ୍ଲେଖ କରିଥିଲେ ଆମ ଆଦମୀ ପାର୍ଟି ନେତା ସନ୍ଦୀପ କୁମାର । ଏଭଳି ଜନସ୍ୱାର୍ଥ ମାମଲାକୁ କଡ଼ା ସମାଲୋଚନା କରିଛନ୍ତି ଜଷ୍ଟିସ ସୁବ୍ରମଣ୍ୟମ। ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ମନମୋହନ ଏଭଳି ସମାନ ଆବେଦନକୁ ଖାରଜ କରିଥିଲେ। ଅପ୍ରେଲ ୪ ତାରିଖରେ ସାମାଜିକ କର୍ମୀ ବିଷ୍ଣୁଗୁପ୍ତଙ୍କ ଆବେଦନକୁ ଖାରଜ କରିଥିଲେ ମୁଖ୍ୟ ବିଚାରପତି। ଏହା ପୂର୍ବରୁ ମାର୍ଚ୍ଚ ୨୮ରେ ସୁରଜିତ ସିଂ ନାମକ ବ୍ୟକ୍ତି କରିଥିବା ଆବେଦନକୁ ଖାରଜ କରିଥିଲେ ଦିଲ୍ଲୀ ହାଇକୋର୍ଟ। ଦିଲ୍ଲୀ ମଦ ନୀତି ମାମଲାରେ ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ଆସନ୍ତା ୧୫ ପର୍ଯ୍ୟନ୍ତ ରହିବେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ।

## କାରରୁ ୫୫.୨୦ ଲକ୍ଷ ଟଙ୍କା ମିଳିବା ଘଟଣା ଛାନ୍‌ଭିନ୍ ଆରମ୍ଭ କଲା ଆୟକର ବିଭାଗ




**ବିନିକା, ୮।୪ : ନ୍ୟୁଜ୍ ବ୍ୟୁରୋ**

ବିନିକା ପୋଲିସ ହାତରେ ଲାଗିଥିବା ୫୫ ଲକ୍ଷ ୨୦ ହଜାର ଟଙ୍କାକୁ ନେଇ ଛାନ୍‌ଭିନ୍ ଆରମ୍ଭ କରିଛି ଆୟକର ବିଭାଗ। ଦୁଇଦିନ ତଳେ ବିନିକା ପୋଲିସ କଲେଜ ଛକରେ ଚେକିଂ କରୁଥିବା ସମୟରେ ଏକ ଇନୋଭା କାରରୁ ୫୫ଲକ୍ଷ ୨୦ ହଜାର ଟଙ୍କା ଜବତ କରିଥିଲା । ଏତେ ଟଙ୍କା କିଏ, କେଉଁଠୁ ଆଣିଲା ତାର ତଦନ୍ତ କରିବା ସହ ଆୟକର ବିଭାଗକୁ ମଧ୍ୟ ଖବର ଦେଇଥିଲା ବିନିକା ପୋଲିସ। ସୋମବାର ସମ୍ବଲପୁର ଆୟକର ବିଭାଗର ଏକ ଟିମ ବିନିକା ଥାନାକୁ ଆସି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। କାରରେ ଥିବା ଲୋକଙ୍କୁ ପଚରାଉଚରା କରାଯାଉଛି, ତେବେ ଏନେଇ ଆୟକର ବିଭାଗ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ। ଯଦିଓ କାରରେ ଥିବା ଆନ୍ଧ୍ରପ୍ରଦେଶର ଲୋକ କହିଛନ୍ତି ଯେ ଏହା ଜମି ବିକ୍ରି ଟଙ୍କା।

## ଆଉ ୨ ଜିଲ୍ଲାରେ ନୂଆ ଏସ୍‌ପି

**ଭୁବନେଶ୍ୱର, ୮।୪ : ନ୍ୟୁଜ୍ ବ୍ୟୁରୋ**

ସାଧାରଣ ନିର୍ବାଚନ ପାଇଁ ପ୍ରକ୍ରିୟା ଜାରି ରହିଥିବା ବେଳେ ସୋମବାର ଆଉ ୨ଜିଲ୍ଲାରେ ନୂଆ ପୁଲିସ ଏସ୍‌ପିଙ୍କୁ ନିଯୁକ୍ତି ମିଳିଛି । ପୂର୍ବରୁ ନିର୍ବାଚନ କମିଶନ ୨ଜଣ ଆଇଏଏସ ଓ ୬ଜଣ ଆଇପିଏସଙ୍କୁ ନିର୍ବାଚନ କାର୍ଯ୍ୟରୁ ଦୂରେଇ ରଖିବାକୁ ନିର୍ଦ୍ଦେଶ ଦେଇ ୩ଟି ଜିଲ୍ଲାରେ ନୂଆ ପୁଲିସ ଏସପିଙ୍କୁ ନିଯୁକ୍ତି ଦେଇଥିଲେ ।

ନିର୍ବାଚନ କମିଶନଙ୍କ ସଚିବ ରାକେଶ କୁମାର ସୋମବାର ରାଜ୍ୟ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କୁ ଚିଠି ଲେଖି ବ୍ରହ୍ମପୁର ପୁଲିସ ଏସପି ଭାବେ ୨୦୦୭ ବ୍ୟାଚ ଆଇପିଏସ ସାର୍ଥକ ଷଡ଼ଙ୍ଗୀ ଓ ଖୋର୍ଦ୍ଧା ପୁଲିସ ଏସପି ଭାବେ ୨୦୦୭ ବ୍ୟାଚ ଆଇପିଏସ ଅଶ୍ୱିନୀ କୁମାରଙ୍କୁ ନିଯୁକ୍ତି *(ପୃଷ୍ଠା ୭ରେ)*

## ଦେଶରେ ସକ୍ରିୟ ଅଙ୍ଗପ୍ରତ୍ୟଙ୍ଗ ର୍‍ୟାକେଟ, ଚୋରାଚାଲାଣ ହେଉଛି କିଡ୍‌ନୀ-ଲିଭର

**ଜୟପୁର, ୮।୪**



ଅନେକ ସମୟରେ ବିଭିନ୍ନ ଡାକ୍ତରଖାନାରେ କିଡ୍‌ନୀ (ବୃକକ) ଏବଂ ଲିଭର (ଯକୃତ)ର ସଫଳ ଅସ୍ତ୍ରୋପଚାର ହୋଇଥିବା ନେଇ ଖବର ପ୍ରକାଶ ପାଇଥାଏ। ଡାକ୍ତରୀ ଟିମ ଅକ୍ଳାନ୍ତ ପରିଶ୍ରମ କରି ଜୀବନ ବଞ୍ଚାଇ ଥିବା କୁହାଯାଇଥାଏ । ବର୍ଷେ ମଧ୍ୟରେ ରାଜସ୍ଥାନର ଅନେକ ଘରୋଇ ଡାକ୍ତରଖାନା ଏଭଳି ଦାବି କରିଥିଲେ। ଏବେ ଏହି ସବୁ ଦାବି କାଠଗଡ଼ାକୁ ଟାଣି ହୋଇଯାଇଛି । ଏହି ସବୁ ଅସ୍ତ୍ରୋପଚାର ଉପରେ ପ୍ରଶ୍ନ ଉଠିଛି। ରାଜ୍ୟରେ ଅଙ୍ଗପ୍ରତ୍ୟଙ୍ଗ ର୍‍ୟାକେଟ ଚାଲିଛି। କିଡ୍‌ନୀ-ଲିଭର ଚୋରାଚାଲାଣ କରାଯାଉଛି। ଦୁର୍ନୀତି ବିରୋଧୀ ବ୍ୟୁରୋ (ଏସିବି)ର ଯାଞ୍ଚରୁ ଏହି ତଥ୍ୟ ସାମ୍ନାକୁ ଆସିଛି । ସବାଇ ମାନ ସିଂହ (ଏସଏମଏସ) ହସ୍ପିଟାଲରେ ଟଙ୍କା ନେଇ ଅଙ୍ଗ ପ୍ରତିରୋପଣର ଜାଲ ଏନଓସି ଦେଇଥିବା ଲୋକକୁ ଏସିବି ଗିରଫ କରିଛି। ତଦନ୍ତରୁ ଜଣାପଡ଼ିଛି ଯେ ଗତ ୮ ମାସ ହେଲା ଅଙ୍ଗ ପ୍ରତିରୋପଣ ପାଇଁ ବନା ଯାଇଥିବା ଡାକ୍ତରଙ୍କ କମିଟିର କୌଣସି ବୈଠକ ବସିନାହିଁ। ଏହି କମିଟି ହିଁ ଅଙ୍ଗ ପ୍ରତିରୋପଣ ପାଇଁ ଏନଓସି ପ୍ରଦାନ କରିଥାଏ।

ଇତି ମଧ୍ୟରେ ଏସିବି ଏସଏମଏସ ହସ୍ପିଟାଲରେ ଚଢ଼ଉ କରି ଜାଲ ଏନଓସି ଦେଇଥିବା ସହାୟକ ପ୍ରଶାସନିକ ଅଧିକାରୀ ଗୌରବ ସିଂହ ଏବଂ ଇଏଚସିସି ହସ୍ପିଟାଲର ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ କୋଅର୍ଡିନେଟର ଅନୀଲ ଯୋଶୀଙ୍କୁ ଗିରଫ କରିଥିଲା। ୭୦ ହଜାର ଟଙ୍କା ସହିତ ୩ ଜାଲ୍ ଏନଓସି ମଧ୍ୟ ଜବତ କରାଯାଇଥିଲା। ଏହା ପରେ ସେହିଦିନ ରାତିରେ ଗୌରବ ଏବଂ ଯୋଶୀଙ୍କ ଘରେ ଓ ଅନ୍ୟ ଠିକଣାରେ ମଧ୍ୟ ତଲାସୀ କରାଯାଇଥିଲା। ଏହି *(ପୃଷ୍ଠା ୭ରେ)*

## ମଣିପୁରକୁ ରକ୍ଷା କରିଛନ୍ତି କେନ୍ଦ୍ର ସରକାର: ମୋଦି

**ନୂଆଦିଲ୍ଲୀ, ୮।୪**



ଆଦିବାସୀ ଓ ଅଣଆଦିବାସୀ ସଂଘର୍ଷ ଯୋଗୁ ଅଶାନ୍ତ ହୋଇ ପଡ଼ିଥିବା ମଣିପୁର ପ୍ରସଙ୍ଗରେ ବଡ଼ ବୟାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ମଣିପୁର ହିଂସାରେ ଅନେକ ଲୋକ ପ୍ରାଣ ହରାଇଥିବା ବେଳେ ଲକ୍ଷାଧିକ ଲୋକ ବେଘର ହୋଇ ରିଲିଫ କ୍ୟାମ୍ପରେ ରହୁଛନ୍ତି।

ତଥାପି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ କେନ୍ଦ୍ର ସରକାର ଠିକ ସମୟରେ ହସ୍ତକ୍ଷେପ କରି ମଣିପୁରକୁ ରକ୍ଷା କରି ଦେଇଛନ୍ତି । ଅତ୍ୟନ୍ତ ସମ୍ବେଦଶୀଳ ଭାବେ ମଣିପୁର ସ୍ଥିତିର ମୁକାବିଲା କରିବା ସମସ୍ତଙ୍କ ଦାୟିତ୍ୱ। କେନ୍ଦ୍ର ଓ ରାଜ୍ୟ ସରକାର ଠିକ ସମୟରେ ହସ୍ତକ୍ଷେପ କରିବାରୁ ମଣିପୁର ସ୍ଥିତିରେ ସୁଧାର ଆସିଥିବା ମୋଦି ଦାବି କରିଛନ୍ତି।

ଏକ ଗଣମାଧ୍ୟମ ସଂସ୍ଥାକୁ ସାକ୍ଷାତକାର ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ମଣିପୁର ବିବାଦର ସମାଧାନ ପାଇଁ କେନ୍ଦ୍ର ସରକାର ତାଙ୍କର ଶ୍ରେଷ୍ଠ ସମ୍ବଳ ଓ ପ୍ରଶାସନିକ ବ୍ୟବସ୍ଥାକୁ ବ୍ୟବହାର *(ପୃଷ୍ଠା ୭ରେ)*

### ଏକାଳ ପଖାଳ



ଇସ୍ତଫା ପରବ ଚାଲିଛି ଏଇନା
ସଭିଁଏ କରନ୍ତି ନାଚ
ସ୍ୱାର୍ଥ ଆଗେ ସବୁକିଛି ଛୋଟ
ଆଗେ ନିଜେ ଟିକେ ବଞ୍ଚ
ପରସ୍ପରକୁ ଖାଲି କେଞ୍ଚ
ଏଇମିତି ପାଣି ନିଇତି ପକେଇଲେ
ବଢେ ରାଜନୀତି ଗଛ।

## ନିର୍ବାଚନ ମଣ୍ଡଳୀରେ ଶୁଭିଲାଣି ନବୀନଙ୍କ ବିକାଶର ବାର୍ତ୍ତା



**ଭୁବନେଶ୍ୱର, ୮।୪**

**ନ୍ୟୁଜ୍ ବ୍ୟୁରୋ**

ନିର୍ବାଚନ ମଣ୍ଡଳୀରେ ପହଞ୍ଚିଲାଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶର ବାର୍ତ୍ତା। ପ୍ରଚାରମଇଦାନରେ ଶୁଭିଲାଣି ନବୀନଙ୍କ ଏହି ବିକାଶର ସ୍ୱର। ଆଗାମୀ ନିର୍ବାଚନରେ ବିରୋଧୀଙ୍କୁ ମାତ୍ ଦେବା ପାଇଁ ବିଜୁ ଜନତା ଦଳ (ବିଜେଡ଼ି)ର ପ୍ରାର୍ଥୀମାନେ ଏବେ ମୁଖ୍ୟମନ୍ତ୍ରୀ ନବୀନଙ୍କ ଦୀର୍ଘ ୨୪ବର୍ଷର ସୁଶାସନ ଓ ଜନ କଲ୍ୟାଣକାରୀ ଯୋଜନା କାର୍ଯ୍ୟକ୍ରମ ଆଧାରିତ ବିକାଶ ପ୍ଲାନକୁ ପ୍ରଚାର ମାଧ୍ୟମରେ ଲୋକଙ୍କ ପାଖରେ ପହଞ୍ଚାଇ ସମର୍ଥନ ହାସଲ ପାଇଁ ସମସ୍ତ ଶକ୍ତି ଖଟେଇବା ଆରମ୍ଭ କରି ଦେଇଛନ୍ତି। ରାଜ୍ୟର ସୀମାନ୍ତବର୍ତ୍ତୀ ଜିଲ୍ଲା କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଠାରୁ ଆରମ୍ଭ କରି ପଶ୍ଚିମ ଓଡ଼ିଶାର ସମ୍ବଲପୁର, ବଲାଙ୍ଗୀର, ସୁନ୍ଦରଗଡ, ଝାରସୁଗୁଡା ଓ ପୂର୍ବରେ ମୟୂରଭଞ୍ଜ,କେନ୍ଦୁଝର ଆଦିରେ ଏଭଳି ଚିତ୍ର ଦେଖିବାକୁ ମିଳିଲାଣି। ପ୍ରାର୍ଥୀ ଘୋଷଣା ହୋଇସାରିଥିବା ନିର୍ବାଚନମଣ୍ଡଳୀ ଗୁଡ଼ିକରେ ବିଜେଡ଼ି ଏବଂ ବିଜେପି ପ୍ରାର୍ଥୀଙ୍କ ପ୍ରଚାର ଆରମ୍ଭ ହୋଇସାରିଥିବା ବେଳେ କଂଗ୍ରେସ ଏ କ୍ଷେତ୍ରରେ ପଛରେ ରହିଛି। କାରଣ କଂଗ୍ରେସ ଦଳ ପକ୍ଷରୁ ମାତ୍ର ୮ଟି ଲୋକସଭା ଓ ୪୭ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। ଅନ୍ୟପକ୍ଷରେ ଏଯାବତ୍ *(ପୃଷ୍ଠା ୭ରେ)*

### ବର୍ଷର ପ୍ରଥମ ସୂର୍ଯ୍ୟ ପରାଗ

## ୫୪ ବର୍ଷରେ ସବୁଠାରୁ ଲମ୍ବା ସମୟ ଧରି ହେବ

**ନୂଆଦିଲ୍ଲୀ, ୮।୪**



ସୋମବାର ସୂର୍ଯ୍ୟପରାଗ ନେଇ ସାରା ବିଶ୍ୱର ଲୋକମାନେ ଉତ୍ସାହିତ ଅଛନ୍ତି । ଏହା ବର୍ଷର ପ୍ରଥମ ସୂର୍ଯ୍ୟ ପରାଗ ଏବଂ ଗତ ୫୪ ବର୍ଷ ମଧ୍ୟରେ ସବୁଠାରୁ ଲମ୍ବା ସମୟ ଧରି ଚାଲିଥିବା ସୂର୍ଯ୍ୟପରାଗ ହେବ। ଭାରତୀୟ ସମୟ ଅନୁସାରେ ରାତି ୯ଟା ୧୨ରୁ ବିଳମ୍ବିତ ରାତି ୨ଟା ୨୨ ପର୍ଯ୍ୟନ୍ତ ସୂର୍ଯ୍ୟପରାଗ ହେବ।

ସମ୍ପୂର୍ଣ୍ଣ ସୂର୍ଯ୍ୟପରାଗ ଉତ୍ତର ଆମେରିକାର କେତେକ ସ୍ଥାନରେ ଦୃଶ୍ୟମାନ ହେବ ଏବଂ ୪ ମିନିଟ ୯ ସେକେଣ୍ଡ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅନ୍ଧାର ରହିବ । ପୂର୍ବ ସୂର୍ଯ୍ୟପରାଗ ତୁଳନାରେ ଏହି ସମୟ ବହୁତ ଲମ୍ବା । ତେଣୁ ଏହି ସମୟରେ ନାସା *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୯ ଅପ୍ରେଲ ୨୦୨୪ ମଙ୍ଗଳବାର





# ପ୍ରବଳ ଖରା ଓ ହିଟ୍ ୱେଭ ସ୍ଥିତିକୁ ଦେଖି ଅଂଶୁଘାତ ମୁକାବିଲା ପାଇଁ କ୍ୟାପିଟାଲ ହସ୍ପିଟାଲ ପ୍ରସ୍ତୁତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପ୍ରବଳ ଖରା ଓ ହିଟ ୱେବ ସ୍ଥିତିକୁ ଦେଖି ଅଂଶୁଘାତ ମୁକାବିଲା ପାଇଁ କ୍ୟାପିଟାଲ ହସ୍ପିଟାଲ ସଜାଗ ହୋଇଛି ବୋଲି କହିଛନ୍ତି ହସପିଟାଲର ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ । ସେ କହିଛନ୍ତି ଯେ, ଅଂଶୁଘାତ ମୁକାବିଲା ପାଇଁ କ୍ୟାପିଟାଲ ହସ୍ପିଟାଲରେ ୧୦ଟି ବେଡ଼ ମହଜୁଦ ରଖାଯାଇଛି । ଏହା ସହ ଖରାର ମୁକାବିଲା ପାଇଁ କ୍ୟାପିଟାଲ ହସ୍ପିଟାଲ କ୍ୟାମ୍ପସରେ ମଧରେ ୩ଟି ଓଆରଏସ କର୍ଣ୍ଣର ଖୋଲା ଯାଇଛି ଯେଉଁଠି ଓଆରଏସ ପାଣି ଦିଆ ଯାଉଛି । ବାହାରକୁ ଯିବା ସମୟରେ ସାଙ୍ଗରେ ପାଣି ବୋତଲ, ଛତା, ଓଦା ଗାମୁଛା ନେବା ପାଇଁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ଯଦି ଖରାରେ ମୁଣ୍ଡ ବୁଲାଉଛି ତେବେ ପ୍ରାଥମିକ ଚିକିତ୍ସା ସ୍ୱରୂପ ପ୍ରଥମେ ଓଦା କପଡ଼ାରେ ମୁଣ୍ଡ ପୋଛିବା ସହ ,ଲେମ୍ବୁ ଲୁଣ,ଚିନି ପାଣି ଦିଅନ୍ତୁ ବୋଲି ସେ କହିଛନ୍ତି । ଶରୀର ରୁ ଝାଳ ବାହାରିଲେ ସୋଡିୟମ ସ୍ତର କମି ଯାଏ। ତେଣୁ ଖରା ଦିନରେ ପ୍ରଚୁର ପରିମାଣରେ ପାଣି ପିଅନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି ।

# ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପକ୍ଷରୁ ବ୍ୟାଗ୍ ଟ୍ରାକ୍ ଓ ସୁରକ୍ଷା ସେବାର ଶୁଭାରମ୍ଭ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଏୟାର ଇଣ୍ଡିଆ ଏକ୍ସପ୍ରେସ ବ୍ଲୁ ରିବନ ବ୍ୟାଗ ସହ ସହଯୋଗିତାରେ 'ବ୍ୟାଗ୍ ଟ୍ରାକ୍ ଆଣ୍ଡ ପ୍ରୋଟେକ୍ଟ' ସେବା ଶୁଭାରମ୍ଭ କରିଛି। ଏହି ସେବା ଅତିଥିମାନଙ୍କ ପାଇଁ ସେମାନଙ୍କ ବ୍ୟାଗେଜ୍ ଯାଂଚ କରିବା ପାଇଁ ତମ ଯାତ୍ରା ସୁନିଶ୍ଚିତ କରିବ। ଏୟାରଲାଇନ୍ସର ମୋବାଇଲ୍ ଆପ୍ ଏବଂ ୱେବସାଇଟ୍ www. air india express.comରେ ଆଡ୍-ଅନ୍ସ ପେଜ୍‌ରୁ ଏହି ସେବା ପ୍ରି-ବୁକିଂ କରାଯାଇପାରିବ।
ଏହି ସେବା ଅତିଥିମାନଙ୍କୁ ବିଳମ୍ବିତ ବ୍ୟାଗେଜ୍‌କୁ ଟ୍ରାକ୍ ଏବଂ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିବ ଏବଂ ଇମେଲ୍ ଏବଂ ଏସଏମଏସ ମାଧ୍ୟମରେ ବାସ୍ତବ ସମୟ ଅପଡେଟ୍




ପ୍ରଦାନ କରିବ । ଯଦି ବିମାନ ଗଂବ୍ୟ ସ୍ଥଳରେ ଅବତରଣ କରିବାର ୯୬ ଘଂଟା ମଧରେ ବ୍ୟାଗେଜ୍ ଡେଲିଭରି କରାନଯାଏ ତେବେ ଘରୋଇ ଏବଂ ଅଂର୍ଜାତୀୟ ବିମାନ ପାଇଁ ଯଥାକ୍ରମେ ୧୯,୦୦୦ ଟଙ୍କା ଏବଂ ୬୬,୦୦୦ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ। ଘରୋଇ ବିମାନରେ ୯୫ ଟଙ୍କା ଓ ଅନ୍ତର୍ଜାତୀୟ ବିମାନରେ ୩୩୦ ଟଙ୍କାରେ ଏହି ସେବା ବୁକିଂ କରାଯାଇପାରିବ।
ଏୟାର ଇଣ୍ଡିଆ ଏକ୍ସପ୍ରେସର ମୁଖ୍ୟ ବାଣିଜ୍ୟିକ ଅଧିକାରୀ ଡ. ଅଙ୍କୁର ଗର୍ଗ କହିଛନ୍ତି ଯେ, 'ଆମେ ଆମର ଅତିଥିମାନଙ୍କୁ ବୈଷୟିକ ଜ୍ଞାନକୌଶଳରେ ସକ୍ଷମ ସେବା ପ୍ରଦାନ କରିବା ଉପରେ ନିରନ୍ତର କାର୍ଯ୍ୟ କରୁଛୁ ଯାହା ଆରାମ ଏବଂ ସୁବିଧାକୁ ବଢ଼ାଉଛି। ଆମର ବ୍ରାଣ୍ଡ ପ୍ରସ୍ତାବ 'ଫ୍ଲାଏ ଆଜ୍ ୟୁ ଆର'କୁ ପୂରଣ କରି ଆମେ କେବଳ ବିମାନ ନୁହେଁ ବରଂ ଅନୁଭୂତି ପ୍ରଦାନ କରିବାକୁ ଚେଷ୍ଟା କରୁଛୁ ଯାହା ଆମ ଅତିଥିଙ୍କ ଆବଶ୍ୟକତା ଏବଂ ପସନ୍ଦ ସହିତ ଅନୁକୂଳ, ବାଟରେ ସ୍ୱଚ୍ଛତା ଏବଂ ବ୍ୟକ୍ତିଗତ ସୁହାଇବା ଭଳି ପ୍ରଦାନ କରୁଛି। ନିରବଚ୍ଛିନ୍ନ ବ୍ୟାଗେଜ୍ ଟ୍ରାକିଂ ଏବଂ ସୁରକ୍ଷା ସେବା ସୁନିଶ୍ଚିତ କରି ଆମେ ସେମାନଙ୍କ ଯାତ୍ରା ସମୟରେ ଅତୁଳନୀୟ ଆରାମ ଏବଂ ସୁବିଧା ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ।''
ବ୍ଲୁ ରିବନ ବ୍ୟାଗର ବରିଷ୍ଠ ଉପାଧ୍ୟକ୍ଷ ତଥା ପାର୍ଟନର ଶ୍ରୀ ସିରାଜ ଶାହା କହିଛଁନ୍ତି ଯେ, 'ଏୟାର ଇଣ୍ଡିଆ ଏକ୍ସପ୍ରେସର ଗତିଶୀଳ ଏବଂ ଉଚ୍ଚାକାଂକ୍ଷୀ ଅଭିବୃଦ୍ଧି ରଣନୀତିକୁ ଦୃଷ୍ଟିରେ ରଖି ଆମେ ଏହା ସହ ସହଯୋଗିତା କରିବାକୁ ଉତ୍ସାହିତ । ଆମେ ଆଶା କରୁଛୁ ଯେ ବ୍ୟାଗେଜ୍ ଟ୍ରାକିଂ ଏବଂ ସୁରକ୍ଷା ସେବାରେ ଆମର ଦକ୍ଷତା ଗ୍ରାହକଙ୍କ ସନ୍ତୋଷ ବୃଦ୍ଧି ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସ ଅତିଥିମାନଙ୍କ ପାଇଁ ନିରବଚ୍ଛିନ୍ନ ଯାତ୍ରା ଅନୁଭୂତି ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।''
ଏୟାର ଇଣ୍ଡିଆ ଏକ୍ସପ୍ରେସର ଅତିଥିମାନେ ଏୟାରଲାଇନର ୱେବସାଇଟ ଏବଂ ଆପରେ ଥିବା ଆଡ-ଅନ୍ ସେକ୍ସନରୁ ଏହି ସେବା କିଣିପାରିବେ ଏବଂ ବୁକିଂ କରିବା ସମୟରେ ପରିବର୍ତ୍ତନ ଏବଂ ୱେବ ଚେକିଂ-ଇନ୍ କରିପାରିବେ ।ଏୟାରଲାଇନ୍ସ ନିକଟରେ ଏକ୍ସପ୍ରେସ ଲାଇଟ୍ କୁ ମଧ୍ୟ ସେମାନଙ୍କ ଭଡ଼ାରେ ସାମିଲ କରିଛି, ଯେଉଁଠାରେ ଚେକ୍-ଇନ୍ ବ୍ୟାଗେଜ୍ ବିନା ଯାତ୍ରୀମାନେ କମ୍ ଭଡ଼ାରେ ଟିକେଟ୍ ବୁକ୍ କରିପାରିବେ।

## ଶ୍ରୀଲଙ୍କାରେ ଗୋଟିପୁଅ ନୃତ୍ୟରେ ସାରା ଦେଶରୁ ଓଡ଼ିଆ ଝିଅ ପ୍ରିୟାଂଶୀ ଜେନା ପ୍ରଥମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ନୃତ୍ୟଧାମ କଳା ସମିତି ଭିଲାଇ ଦ୍ୱାରା ଶ୍ରୀଲଙ୍କାର କଲମ୍ବୋଠାରେ ଆୟୋଜିତ ଦେଶ ରାଗ ଭାରତ ସଂସ୍କୃତି ଯାତ୍ରା ଗ୍ଲୋବାଲ ଫେଷ୍ଟିଭାଲ ଅଫ ଇଣ୍ଡିଆନ ଆର୍ଟ ଆଣ୍ଡ କଲ୍‌ଚରର ୧୯ତମ ଅଡ଼ିଶନ ଶ୍ରୀଲଙ୍କା ୨୦୨୪ ପ୍ରତିଯୋଗିତାରେ ସାରା ଭାରତରୁ ୨୪୦ଜଣିଆ ପ୍ରତିଯୋଗୀ ଦଳଗତ ଭାବେ ଭାଗ ନେଇଥିଲେ। ମାର୍ଚ୍ଚ ୨୮ ତାରିଖରୁ ଏପ୍ରିଲ ୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିବା ନୃତ୍ୟ, ସଙ୍ଗୀତ, ବାଦ୍ୟଯନ୍ତ୍ର, ଚିତ୍ରାଙ୍କନ ଇତ୍ୟାଦି ସମସ୍ତ ପ୍ରତିଯୋଗିତାରେ ଲାସ୍ୟକଳା ଡ୍ୟାନ୍ସ ଏକାଡ଼େମୀର ଛାତ୍ରୀ ଓଡ଼ିଆ ଝିଅ ପ୍ରିୟାଂଶୀ ଜେନା ଭାଗ ନେଇଥିଲେ। ନୃତ୍ୟଗୁରୁ ଶାଶ୍ୱତ ଯୋଶୀ, ଗୁରୁ ଆଶୀଷ ନାୟକ, ସାଗରିକା ମହାନ୍ତି, ସେନାଲି ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ପ୍ରିୟାଂଶୀ ଜେନା ନିଜ ଗୁରୁଙ୍କ ଠାରୁ ଶିକ୍ଷାଲାଭ କରିଥିବା ଗୋଟିପୁଅ ନୃତ୍ୟ ପରିବେଷଣ କରି ପ୍ରଥମ ସ୍ଥାନ ଅଧିକାର କରି ସାରା ବିଶ୍ୱରେ ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ଏଥିସହିତ ପ୍ରିୟାଂଶୀ ଅନ୍ତର୍ଜାତୀୟ ସ୍କଲାରସିପ୍ ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଚଳିତମାସ ଏପ୍ରିଲ ୨୪ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ବାଂଲାଦେଶର ରାଜଧାନୀ ଢାକା ପ୍ରତିଯୋଗିତାରେ ପ୍ରିୟାଂଶୀ ଅଂଶଗ୍ରହଣ କରିବାକୁ ମନୋନୀତ ହୋଇଛନ୍ତି। ସେଥିପାଇଁ ପ୍ରିୟାଂଶୀ ନିଜର ପିତାମାତା, ଗୁରୁ ଓ ଗୁରୁମା ଏବଂ ଓଡ଼ିଶାର ସମସ୍ତ ଗୁରୁଜନମାନଙ୍କର ଆଶୀର୍ବାଦ ଭିକ୍ଷା କରିଛନ୍ତି।

# ପ୍ରବାସୀଙ୍କ ଲେଉଟାଣି ଆରମ୍ଭ, ସୁରତ ଟ୍ରେନ୍ ଭର୍ତ୍ତି

## ଦୁଇମାସ ଯାଏ ବ୍ରହ୍ମପୁରକୁ ଟିକେଟ୍ ନାହିଁ




**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**
ସାଧାରଣ ନିର୍ବାଚନ ବିଗୁଲ ବାଜି ସାରିଛି। ଏଥିପାଇଁ ଗାଁରୁ ସହର ସବୁଆଡ଼େ ପରିବେଶ ଚଳଚଞ୍ଚଳ। ପ୍ରାର୍ଥୀ ଘୋଷଣା ପରେ ଆରମ୍ଭ ହୋଇଗଲାଣି ପ୍ରଚାର ପାଇଁ ବ୍ୟାପକ ପ୍ରସ୍ତୁତି। ଗଞ୍ଜାମ ଜିଲ୍ଲାରେ ବର୍ତ୍ତମାନ ଦଣ୍ଡନାଚ ଉତ୍ସବ ଚାଲିଥିବା ବେଳେ ମେରୁ ସଂକ୍ରାନ୍ତି ପରେ ପରେ ପ୍ରଚାର ଜମିବ। ଏବେ ନିର୍ବାଚନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି ନେତା, କର୍ମୀ ଓ ସାଧାରଣ ଭୋଟର। ଏପଟେ ଦଣ୍ଡାନାଚ ଓ ଏହାପରେ ଭୋଟରେ ସାମିଲ୍ ହେବାକୁ ବାହାର ରାଜ୍ୟରେ ଦାଦନ ଖଟୁଥିବା ପ୍ରବାସୀ ଓଡ଼ିଆ ଭିଟାମାଟି ମୁହାଁ ହୋଇଛନ୍ତି। ଗଣତନ୍ତ୍ରର ଏହି ପ୍ରମୁଖ ପର୍ବ ସାଧାରଣ ନିର୍ବାଚନରେ ସାମିଲ ହେବେ ଲକ୍ଷାଧିକ ପ୍ରବାସୀ ଓଡ଼ିଆ। ଏଣୁ ସୁରତରୁ ପ୍ରବାସୀ ଶ୍ରମିକଙ୍କ ଲେଉଟାଣି ଆରମ୍ଭ ହୋଇଛି। ଏଥିପାଇଁ ସୁରତରୁ ବ୍ରହ୍ମପୁର ଆସୁଥିବା ଟ୍ରେନ୍ ପୂରା ଭର୍ତ୍ତି। ପରିସ୍ଥିତି ଏମିତି ହୋଇଛି, ଆସନ୍ତା ଦୁଇମାସ ପର୍ଯ୍ୟନ୍ତ ସୁରତ, ମୁମ୍ବାଇରୁ ଆସୁଥିବା ଟ୍ରେନ୍‌ରେ ସଂରକ୍ଷିତ ଟିକଟ ନାହିଁ। ଏଣୁ ବିଗତ ନିର୍ବାଚନ ଭଳି ଚଳିତ ଥର ମଧ୍ୟ ଗଞ୍ଜାମ ଜିଲ୍ଲାର ନେତାମାନେ ବସ୍ ଓ ଅନ୍ୟ ଗାଡ଼ି ସହାୟତାରେ ପ୍ରବାସୀ ଓଡ଼ିଆଙ୍କୁ ଘରକୁ ଆଣିବେ ବୋଲି ଅନୁମାନ କରାଯାଉଛି। ରୋଜଗାର ପାଇଁ ଗଞ୍ଜାମ ଜିଲ୍ଲାର ପ୍ରାୟ ୭ଲକ୍ଷ ଲୋକ ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କେରଳ, ପଞ୍ଜାବ ପ୍ରଭୃତି ରାଜ୍ୟରେ କାମ କରୁଛନ୍ତି। ଏମାନଙ୍କ ମଧ୍ୟରୁ ପ୍ରାୟ ୭୫ ଭାଗ ଲୋକ ଗୁଜରାଟର ସୁରତରେ ଥିବା ସୂତାକଳ, ହୀରାକଟା କମ୍ପାନି ସମେତ ବିଭିନ୍ନ କଳକାରଖାନାରେ କାମ କରନ୍ତି। କେବଳ ଗଞ୍ଜାମ ଜିଲ୍ଲା ନୁହେଁ, ଓଡ଼ିଶାର ବିଭିନ୍ନ ଜିଲ୍ଲାର ଲୋକ ରହୁଥିବାରୁ ସୁରତ ମିନିଓଡ଼ିଶାର ଆଖ୍ୟା ପାଇଛି। ନିର୍ବାଚନ ସମୟରେ ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ରାଜନୈତିକ ଦଳର ନେତା ସୁରତରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ଭୋଟ୍ ଟାଣିବା ପାଇଁ ଉଦ୍ୟମ କରିଥାନ୍ତି। କାରଣ ସୁରତରେ ରହୁଥିବା ପ୍ରବାସୀ ଶ୍ରମିକଙ୍କ ଭୋଟ୍ ଜଣେ ପ୍ରାର୍ଥୀଙ୍କ ଭାଗ୍ୟ ବଦଳାଇ ଦେଇ ପାରିବ। ଦଣ୍ଡନାଚ ପାଇଁ କିଛି ଶ୍ରମିକ ଆସୁଥିବା ବେଳେ ଆଉ କେତେକ ଭୋଟ୍ ପାଇଁ ଆସିଲେଣି। ଆଗକୁ ଏମାନଙ୍କ ସଂଖ୍ୟା ଆହୁରି ବଢ଼ିବ ବୋଲି କୁହାଯାଉଛି। ସୁରତରୁ ସିଧାସଳଖ ବ୍ରହ୍ମପୁରକୁ ସପ୍ତାହରେ ୩ଟି ଟ୍ରେନ୍ ୫ଦିନ ଯାତାୟାତ କରିଥାଏ। ଅହମ୍ମଦାବାଦ-ପୁରୀ(୧୨୮୪୪) ଟ୍ରେନ୍ ସପ୍ତାହର ରବିବାର, ସୋମବାର, ଗୁରୁବାର ଓ ଶନିବାର ଦିନ ଆସିଥାଏ। ଏଥିରେ ବ୍ରହ୍ମପୁର ପର୍ଯ୍ୟନ୍ତ ସ୍ଲିପରରେ ଜୁନ୍ ୨୩ ପର୍ଯ୍ୟନ୍ତ ଟିକଟ ନାହିଁ। ସେହିପରି ଏସି(ତୃତୀୟ ଶ୍ରେଣୀ)ରେ ମଧ୍ୟ ମେ ୨୫ ପର୍ଯ୍ୟନ୍ତ ସିଟ୍ ଖାଲି ନାହିଁ। ଅନ୍ୟପଟେ ଓଖା-ପୁରୀ(୨୦୮୨୦) କେବଳ ଗୁରୁବାର ଦିନ ଆସୁଥିବା ବେଳେ ଏଥିରେ ମଧ୍ୟ ମେ ୩୦ ପର୍ଯ୍ୟନ୍ତ ସ୍ଲିପର ଏବଂ ମେ ୨୩ ପର୍ଯ୍ୟନ୍ତ ଏସି ଟିକଟ ନାହିଁ। ଏହା ସହିତ ଗାନ୍ଧୀଧାମ-ପୁରୀ(୨୨୯୭୩) ଟ୍ରେନ୍ କେବଳ ବୁଧବାର ଦିନ ଆସୁଥିବା ବେଳେ ଏଥିରେ ମଧ୍ୟ ମେ ୩୦ ପର୍ଯ୍ୟନ୍ତ ଉଭୟ ସ୍ଲିପର ଓ ଏସି ଟିକଟ ନାହିଁ। ବିଶେଷ କରି ଆସିକା ସଂସଦୀୟ କ୍ଷେତ୍ରରେ ପ୍ରବାସୀଙ୍କ ସଂଖ୍ୟା ଅଧିକ ରହିଛି।

# ମାର୍କଣ୍ଡ ପୁଷ୍କରଣୀରେ ଚାରି ଋଷିଙ୍କ ବିଗ୍ରହ ପ୍ରତିଷ୍ଠା



**ପୁରୀ, ନ୍ୟୁଜ ବ୍ୟୁରୋ**
ପବିତ୍ର ମାର୍କଣ୍ଡ ପୁଷ୍କରଣୀ ମଝିରେ ଥିବା ଯଜ୍ଞକୁଣ୍ଡରେ ବୁଧବାର ଚାରି ଋଷିଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଛି । ଶ୍ରୀ ଶ୍ରୀ ମହାମୃତ୍ୟୁଞ୍ଜୟ ମାର୍କଣ୍ଡେଶ୍ୱର ମନ୍ଦିର ପୁଷ୍କରଣୀ ଉନ୍ନୟନ କମିଟି ପକ୍ଷରୁ ଏହି ପ୍ରତିଷ୍ଠା କାର୍ଯ୍ୟ କରାଯାଇଥିଲା । ପୁଷ୍କରଣୀ ପୁନଃଉଦ୍ଧାର ପରେ ଏହି ପ୍ରତିଷ୍ଠା କାର୍ଯ୍ୟ କରାଯାଇଛି । ଭୃଗୁ, ଅଙ୍ଗିରା, ବଶିଷ୍ଠ ଓ ଯମଦଗ୍ନୀ ଋଷିଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା । ଚାରିଜଣ ଶ୍ରୋତୀୟ ବ୍ରାହ୍ମଣଙ୍କ ମନ୍ତ୍ର ଉଚ୍ଚାରଣ ସହ ବେଦପାଠ କରିଥିଲେ । ଘଂଟ, ଘଣ୍ଟା, ନାଦରେ ପ୍ରକମ୍ପିତ ହୋଇଥିଲା ପୁଷ୍କରଣୀର ଚତୁପାର୍ଶ୍ୱ । କମିଟିର ସଭାପତି ବ୍ରଜକିଶୋର ବେହେରା,ଉପସଭାପତି ବାପିନା ଶତପଥୀ,ସମ୍ପାଦକ ନିରଞ୍ଜନ ବିଶ୍ୱାଳ,ସହ ସମ୍ପାଦକ ଅଶୋକ କୁମାର ମହାନ୍ତି,କୋଷାଧ୍ୟକ୍ଷ ନରସିଂହ ସାହୁ ପ୍ରମୁଖ ପ୍ରତଷ୍ଠା କାର୍ଯ୍ୟ ପରିଚାଳନା କରିଥିଲେ । କମିଟିର ସଦସ୍ୟ ଓ ସାହିବାସିନ୍ଦା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ହରିବୋଲ ହୁଳହୁଳି ସହ ବହୁ ଶ୍ରଦ୍ଧାଳୁ ଏହି ବିଗ୍ରହ ପ୍ରତିଷ୍ଠା ଉତ୍ସବକୁ ଦର୍ଶନ କରିଥିଲେ । ସେଠାରେ ଏକ ଆଧ୍ୟତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା ।

## ପ୍ରାଣୀମାନଙ୍କ ଚିକିତ୍ସା କ୍ଷେତ୍ରରେ ଅବ୍ୟବସ୍ଥା ଅଭିଯୋଗ



**ମାଲକାନଗିରି, ନ୍ୟୁଜ ବ୍ୟୁରୋ**
କୁକୁର ଦେହରେ ତୀର । ଚିକିତ୍ସା ପାଇଁ ହାତ ଟେକି ଦେଲା ପଶୁ ଚିକିତ୍ସାଳୟ। ମାଲକାନଗିରି ପ୍ରଧାନୀଗୁଡା ଅଂଚଳରେ ଗତ ତିନି ଦିନ ଧରି କୁକୁରଟି ଦେହରେ ତୀରଟି ପଶି ରହିଥିବା ବେଳେ ସେ ଛଟପଟ ହେଉଛି । କିଛି ବଦାନ୍ୟ ବ୍ୟକ୍ତି କୁକୁରଟିକୁ ମାଲକାନଗିରି ଜିଲ୍ଲା ସଦର ମହକୁମା ସ୍ଥିତ ପ୍ରାଣୀ ଚିକିତ୍ସାଳୟକୁ ଆଣିଛନ୍ତି । ତେବେ ପଶୁ ଚିକିତ୍ସାଳୟରେ କୁକୁରଟିକୁ ଚିକିତ୍ସା ନକରି ପ୍ରଥମେ ଫେରାଇ ଦିଆଯାଇଥିବା ଅଭିଯୋଗ ହୋଇଛି । ପଶୁ ଚିକିତ୍ସାଳୟରେ ଅସ୍ତ୍ରପୋଚାର କରିବାକୁ ଆବଶ୍ୟକ ଡାକ୍ତର ନାହାନ୍ତି । ଅପରେଶନ ଥିଏଟର ନାହିଁ କି ଆବଶ୍ୟକୀୟ ଭିତିଭୂମି ନାହିଁ କହି ଅସହାୟତା ପ୍ରକାଶ କରିଛନ୍ତି ପଶୁ ଚିକିତ୍ସା ବିଭାଗରେ ଉପ-ନିର୍ଦ୍ଦେଶକ । ଏ ଖବର ପାଇ ପଶୁ ଚିକିତ୍ସାଳୟରେ ଗଣମାଧ୍ୟମ ପ୍ରତିନିଧି ପହଁଚିଥିଲେ । ପ୍ରାୟ ୩ ଘଣ୍ଟା କାଳ ଅପେକ୍ଷା କରିବା ପରେ କୁକୁରଟିର ପ୍ରାଥମିକ ଚିକିତ୍ସା ଆରମ୍ଭ ହୋଇଛି। ତେବେ ଜିଲ୍ଲା ସଦର ମହକୁମାରେ ପ୍ରାଣୀମାନଙ୍କ ଚିକିତ୍ସା କ୍ଷେତ୍ରରେ ଏଭଳି ଅବ୍ୟବସ୍ଥା ଚିନ୍ତାଜନକ ।

# କଟକ ସହରର ବୟସ ୧୪୦୦ ବର୍ଷ: ବାରବାଟୀ ଦୁର୍ଗ ଖନନରୁ ବାହାରିଲା ୬ଶହ ଖ୍ରୀଷ୍ଟାବ୍ଦର ସାମଗ୍ରୀ

**କଟକ, ନ୍ୟୁଜ ବ୍ୟୁରୋ**
କଟକ ହେଉଛି ୧୪ଶହ ବର୍ଷର ପୁରୁଣା ସହର। ବାରବାଟୀ ଦୁର୍ଗ ଖନନରୁ ବାହାରିଥିବା ପ୍ରାଚୀନ ଭଗ୍ନାବଶେଷ, ଭଗ୍ନ ପାତ୍ର ଓ ପଥରରୁ ଏହି ତଥ୍ୟ ସାମନାକୁ ଆସିଛି। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଦ୍ୱାରା ବାରବାଟୀ ଦୁର୍ଗ ପରିସରରେ ଏବେ ଖନନ ଚାଲିଥିବା ବେଳେ ବାହାରିଥିବା ବିଭିନ୍ନ ଭଗ୍ନ ସାମଗ୍ରୀ ଗୁଡିକ ୬ ଶହରୁ ୯ଶହ ଖ୍ରୀଷ୍ଟାବ୍ଦ ସମୟର ବୋଲି ଏଏସ୍‌ଆଇ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ନୌବାଣିଜ୍ୟ କ୍ଷେତ୍ରରେ କଟକ ଚୀନ୍, ଆରବ ଓ ଦକ୍ଷିଣ-ପୂର୍ବ ଏସୀୟ ରାଷ୍ଟ୍ରମାନଙ୍କ ସହିତ ବ୍ୟବସାୟ କରୁଥିବାର ମଧ୍ୟ ଏଥିରୁ ପ୍ରମାଣ ମିଳିଛି ବୋଲି ଦୁର୍ଗଖନନର ମୁଖ୍ୟ ଅଧୀକ୍ଷଣ ପ୍ରତ୍ନତତ୍ତ୍ୱବିତ୍ ଡକ୍ଟର ଡି. ଗଡ଼ନାୟକ କହିଛନ୍ତି। ଐତିହାସିକ ବାରବାଟୀ ଦୁର୍ଗ ପରିସରରେ ଏଏସ୍‌ଆଇ ପକ୍ଷରୁ ଚଳିଥିବା ଦ୍ୱିତୀୟ ପର୍ଯ୍ୟାୟ ଖନନରୁ ମିଳିଥିବା ପ୍ରାଚୀନ କୀର୍ତ୍ତିରାଜି, ଭଗ୍ନ ପାତ୍ର ଓ ପଥର କଟକ ଇତିହାସର ନୂଆ ଫର୍ଦ୍ଦ ଉନ୍ମୋଚନ କରିବାକୁ ଯାଉଛି। ଖନନରୁ ଏକ ବିଶେଷ ପ୍ରକାରର ଧଳା ରଙ୍ଗ ପଥର (ହ୍ୱାଇଟ୍ ସେରାମିକ୍)ରେ ନିର୍ମାଣ ହୋଇଥିବା ଏକ ଭଗ୍ନ ପାତ୍ର ଆବିଷ୍କାର କରାଯାଇଛି। ଏହା ଦୁର୍ଗ ଖନନର ତଳ ଅଂଶରେ ମିଳିଛି। ଯାହା ୬ଶହ ଖ୍ରୀଷ୍ଟାବ୍ଦ ସମୟରେ ବହୁଳ ଭାବେ ବ୍ୟବହାର କରାଯାଉଥିଲା।

## କମିଶନରେଟ ପୋଲିସ କବଜାରେ ୧୧ ଜଣିଆ ଲୁଟେରା ଗ୍ୟାଙ୍ଗ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଏରାଗୋଲା ଗ୍ୟାଙ୍ଗର ୧୧ ଜଣ ଲୁଟେରାଙ୍କୁ କାବୁ କରିଛି କମିଶନରେଟ ପୋଲିସ । ପୋଲିସ୍ ସେମାନଙ୍କ ଠାରୁ ୧୭ଟି ସୁନା ଚେନ ସହ ନଗଦ ୨ ଲକ୍ଷରୁ ଅଧିକ ଟଙ୍କା ଜବତ କରିଛି। ଏହି ଗ୍ୟାଙ୍ଗ ବ୍ୟାଙ୍କରୁ ଫେରୁଥିବା ଲୋକଙ୍କୁ ଟାର୍ଗେଟ କରୁଥିଲେ। ଲୋକଙ୍କ ଅସାବଧାନତାର ସୁଯୋଗ ନେଇ ବାଇକ ଡିକି ଭାଙ୍ଗି ଲୁଟୁଥିଲେ।
ସିସିଟିଭି ଫୁଟେଜରେ ଅତି ଚତୁରତାର ସହ କିଭଳି ଲୁଟ କରାଯାଉଛି ତାହା ପୁଲିସ୍ ଅନୁଧ୍ୟାନ କରିବା ପରେ ଗ୍ୟାଙ୍ଗର ସଦସ୍ୟଙ୍କୁ ଧରିଥିଲା।


## ଶ୍ରୀରାମ ନବମୀ ମହୋତ୍ସବ ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ

# ଆଦର୍ଶ ଆଚରଣ ବିଧି ଅନୁପାଳନ ପୂର୍ବକ ପାଳିତ ହେବ ସମସ୍ତ କାର୍ଯ୍ୟକ୍ରମ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**
ଓଡ଼ିଶା ପ୍ରସିଦ୍ଧ ଭଦ୍ରକର ଶ୍ରୀରାମ ନବମୀ ମହୋତ୍ସବ ପାଳନ ଉପଲକ୍ଷେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଭଦ୍ରକ ଏସ୍.ପି. ବରୁଣ ଗୁପାଲି, ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ରାମଦାସ ଟୁଡୁ, ଉପଜିଲ୍ଲାପାଳ ମନୋଜ ପାତ୍ର, ଡ଼େପୁଟି କଲେକ୍ଟର ଜୁଡ଼ିସିଆଲ କାର୍ତ୍ତିକନାଥ ମଣ୍ଡଳ ପ୍ରମୁଖ ଏହି ବୈଠକରେ ଯୋଗ ଦେଇଥିଲେ । ଶ୍ରୀରାମ ନବମୀ ମହୋତ୍ସବ ପାଳନ ନେଇ ଶ୍ରୀରାମ ମହାଯଜ୍ଞ ସମିତିର ବିଭିନ୍ନ କାର୍ଯ୍ୟସୂଚୀ ସମ୍ବନ୍ଧରେ ଶ୍ରୀରାମ ନବମୀ ପାଳନ କମିଟିର ସମ୍ପାଦକ ଶରତ ଚନ୍ଦ୍ର ପଢ଼ିଆରୀ ବୈଠକରେ ସୂଚନା ପ୍ରଦାନ କରିଥିଲେ। ପ୍ରଦ ସୂଚନା ଅନୁଯାୟୀ ଏହି ଉତ୍ସବ ପାଳନ ଉପଲକ୍ଷେ ଗତ ମାର୍ଚ୍ଚ ୩୧ରେ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇସାରିଛି । ଏପ୍ରିଲ ୯ରେ ରାଷ୍ଟ୍ରୀୟ ନବବର୍ଷ ପାଳନ, ଗୋପୂଜନ, ସାଧୁସନ୍ଥ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏପ୍ରିଲ ୧୧ ରୁ ୧୭ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ, ୧୫ ଏପ୍ରିଲରେ କଳସ ଶୋଭାଯାତ୍ରା, ଏପ୍ରିଲ ୧୬ରେ ୧୦୮ ହନୁମାନ ଚାଳିସା ପାଠ, ଏପ୍ରିଲ ୧୭ରେ ୧୨ କିଲୋମିଟର ରାସ୍ତାରେ ନଗର ସଂକୀର୍ତ୍ତନ ଶୋଭାଯାତ୍ରା ଅନୁଷ୍ଠିତ ହେବ । ବିଭିନ୍ନ ମେଢ଼ ସହ ଏହି ନଗର ସଂକୀର୍ତ୍ତନ ନେହେରୁ ଷ୍ଟାଡ଼ିୟମ୍ ଓ ସଦାବର୍ତ୍ତ ମଠରୁ ବାହରି ନିର୍ଦ୍ଧାରିତ ମାର୍ଗ ଅତିକ୍ରମ କରି ଗାନ୍ଧୀ ପଡ଼ିଆରେ ପହଂଚିବ । ଆଗାମୀ ସାଧାରଣ ନିର୍ବାଚନ ଉପଲକ୍ଷେ ଜାରୀ ହୋଇଥିବା ଆଦର୍ଶ ଆଚରଣ ବିଧି ଅନୁପାଳନ ପୂର୍ବକ ଶାନ୍ତି ଶୃଙ୍ଖଳାର ସହିତ ଭଦ୍ରକ ପ୍ରସିଦ୍ଧ ଶ୍ରୀରାମ ନବମୀ ମହୋତ୍ସବ ପାଳନ କରାଯିବା ନେଇ ବୈଠକରେ ଜିଲ୍ଲାପାଳ ଓ ଏସ୍.ପି. ଉପସ୍ଥିତ ମୁସଲିମ୍ ଜମାତ୍ ଓ ଶ୍ରୀରାମ ନବମୀ ପାଳନ କମିଟି ଉଭୟର ସମସ୍ତ କର୍ମକର୍ତ୍ତାମାନଙ୍କ ସହଯୋଗ କାମନା କରିଥିଲେ ଏବଂ ସମସ୍ତେ ଏଥିରେ ଦୃଢ଼ ସମର୍ଥନ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମ ପାଇଁ ଆବଶ୍ୟକ ପ୍ରଶାସନିକ ସହଯୋଗ ନେଇ କମିଟି ତରଫରୁ ଅବଗତ କରାଯାଇଥିବା ଶୋଭାଯାତ୍ରା ପାଇଁ ନିର୍ଦ୍ଧାରିତ ରାସ୍ତା ଘାଟ ମରାମତି, ଯଥେଷ୍ଟ ପାନୀୟ ଜଳ ଯୋଗାଣ, ମେଢ଼ଯାତ୍ରା ପାଇଁ ଗଛର ଡ଼ାଳ କଟାଯିବା, ଝୁଲି ପଡ଼ିଥିବା ବିଦ୍ୟୁତ୍ ତାର ସମସ୍ୟା ସମାଧାନ ସହ ଶୋଭାଯାତ୍ରା ସମୟରେ ବିଦ୍ୟୁତ କାଟ ନକରିବା, ରାସ୍ତା ପାର୍ଶ୍ୱରେ ଅସ୍ଥାୟୀ ପରିସ୍ରାଗାର ବ୍ୟବସ୍ଥା, କଳସ ବୁଡ଼ା ଘାଟ ଶୋଭାଯାତ୍ରା ପାଇଁ ରାସ୍ତା ଓ ଅନ୍ୟ ସଂପୃକ୍ତ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ ରଖିବା, ପୁରୁଣାବଜାର ଡ଼ାକ୍ତରଖାନାରେ ଡ଼ାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ନିୟୋଜିତ ରଖିବା, ସାମାଜିକ ଗଣମାଧ୍ୟମର ଦୂରୁପଯୋଗ କ୍ଷେତ୍ରରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆଦି କ୍ଷେତ୍ରରେ ଆଶୁ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ଜିଲ୍ଲାପାଳ ସମୀକ୍ଷା କରିବା ସହିତ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନ ନେଇ ବିଶେଷ କରି କଳସବୁଡ଼ା ଶୋଭାଯାତ୍ରା ଓ ନଗର ସଂକୀର୍ତ୍ତନ, ମେଢ଼ ଶୋଭାଯାତ୍ରାକୁ ଶୃଙ୍ଖଳାର ସହ ପରିଚାଳନା ଉଦ୍ଦେଶ୍ୟରେ ସମୟ ଓ ଆଇନଗତ ଅନ୍ୟାନ୍ୟ ବିଧି ବିଧାନ ପାଳନ ପାଇଁ ଏସ୍.ପି.ଙ୍କ ଦ୍ୱାରା ସୂଚନା ପ୍ରଦାନ କରାଯାଇଥିଲା । ନଗର ସଂକୀର୍ତ୍ତନରେ ସାମିଲ ହେବାକୁ ଥିବା ସମସ୍ତ ମେଢ଼ର ଶୋଭଯାତ୍ରା ନେହେରୁ ଷ୍ଟାଡିୟମ୍ ଓ ସଦାବର୍ତ୍ତ ମଠ ଦୁଇଟି ସ୍ଥାନରୁ ଆରମ୍ଭ ହେବା ପାଇଁ ନିର୍ଦ୍ଧାରଣ କରାଯାଇଛି । ନେହେରୁ ଷ୍ଟାଡ଼ିୟମ୍ ରୁ ଅପରାହ୍ନ ୪ଟାରେ ଶୋଭାଯାତ୍ରା ବାହାରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି । ସୂଚନାଯୋଗ୍ୟକି ଗ୍ରାମାଳ ବା ସହରା ଳରୁ ବାହରୁଥିବା ମେଢ଼ ସବୁ ନିଜ ନିଜ ବାହାରିବା ସ୍ଥାନରୁ ଶବ୍ଦ ବ୍ୟବସ୍ଥା ଆରମ୍ଭ ନକରି ସାମୂହିକ ଶୋଭାଯାତ୍ରା ଆରମ୍ଭ ସ୍ଥାନ ଷ୍ଟାଡ଼ିୟମ୍ ବା ସଦାବର୍ତ୍ତ ମଠରୁ ଆରମ୍ଭ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି । ପ୍ରତି ମେଢ଼ ପାଇଁ ୧୦ଜଣ ଲେଖାଏଁ ଭଲ୍ୟୁଅରଙ୍କ ଯୋଗାଯୋଗ ନମ୍ବର , ପରିଚୟ ପତ୍ର ପାଇଁ ଆବଶ୍ୟକ ତଥ୍ୟ ନାମ ଆଦି ଯଥେଷ୍ଟ ପୂର୍ବରୁ ପ୍ରଶାସନକୁ ପ୍ରଦାନ କରିବାକୁ କୁହାଯାଇଅଛି । ରାଜନୈତିକ ପତାକା, ବ୍ୟାନର ବ୍ୟବହାର ନିଷେଧ, ବଡ଼ ବଡ଼ ପତାକା ଧରି ଗାଡ଼ିରେ ଯାଆ ଆସ ବନ୍ଦ କରାଯିବା, ଶୋଭାଯାତ୍ରାରେ ଅବକାରୀ ବ୍ୟବହାର ନିଷେଧ, ବିଶେଷ କରି ଶବ୍ଦ ବ୍ୟବସ୍ଥାରେ ଭାଇବ୍ରେଟର ଆଦୌ ବ୍ୟାବହାର କରାନଯିବା ଆଦି ସମ୍ବନ୍ଧରେ ଏସ୍.ପି. ବୈଠକରେ ପ୍ରକାଶ କରିଥିଲେ । କଳସ ବୁଡ଼ା ଶୋଭାଯାତ୍ରାରେ ଅଂଶ ଗ୍ରହଣକାରୀ ସଂଖ୍ୟା ସିମୀତ ରଖିବା ସହିତ ଶୋଭାଯାତ୍ରରେ ପ୍ରତିମେଢ଼ ପାଇଁ ୫୦ଜଣ ଲେଖାଁଏ ଜନ ସମାବେଶ ମଧରେ ସିମୀତ ରଖିବାକୁ ସେ ପରାମର୍ଶ ପ୍ରଦାନ କରିଥିଲେ। ବିଦ୍ୟୁତ ତାର ତଥା ଅନ୍ୟାନ୍ୟ ନିରାପ । ଦୃଷ୍ଟିରୁ ସୁଉଚ୍ଚ ମେଢ଼ ଗୁଡ଼ିକର ଉଚ୍ଚତା ଯଥା ସମ୍ଭବ ହ୍ରାସ କରିବା ଦିଗରେ କମିଟି ତରଫରୁ ସହଯୋଗ କରିବାକୁ ପ୍ରଶାସନ ତରଫରୁ ପ୍ରସ୍ତାବ ଦିଆଯାଇଥିଲା । ସି.ଟି.ଡ଼ି.ଏସ୍.ପି ଅଂଶୁମାନ ଦ୍ୱିବେଦୀ, ଡ଼ି.ଏସ୍.ପି. ଡ଼ି.ଆଇ.ବି. ପ୍ରଭାତ କୁମାର ବିଶ୍ୱାଳ ସଂପୃକ୍ତ ଥାନାଧିକାରୀ ଓ ବିଭାଗୀୟ ପ୍ରଶାସନିକ ଅଧିକାରୀ, ମୁସଲିମ୍ ଜମାତ ଓ ଶ୍ରୀରାମ ନବମୀ କମିଟି, ଶାନ୍ତି କମିଟି ର ସଦସ୍ୟ ଓ କର୍ମକର୍ତ୍ତାମାନେ ଏହି ବୈଠକରେ ଉପସ୍ଥିତ ଥିଲେ।

# ୧୨ଟି ପ୍ରମାଣପତ୍ର ମଧ୍ୟରୁ ଗୋଟିଏ ଦେଖାଇ ଭୋଟ ଦେଇପାରିବେ ଭୋଟର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭାରତରେ ସାଧାରଣ ନିର୍ବାଚନ-୨୦୨୪ ପରିପ୍ରେକ୍ଷୀରେ ଭୋଟର ତାଲିକାରେ ନାମ ପଞ୍ଜିକରଣ ହୋଇଥିଲେ ଭୋଟର ଭୋଟ ଗ୍ରହଣ କେନ୍ଦ୍ରରେ ଭୋଟର ଫଟୋ ପରିଚୟ ପତ୍ର ଦେଖାଇ ଭୋଟ ଦେଇପାରିବେ । ଯଦି ଭୋଟର ଫଟୋ ପରିଚୟ ପତ୍ର ଦେଖାଇବାକୁ ସମର୍ଥ ନହେବେ ତେବେ ନିମ୍ନ ନିର୍ଦ୍ଧାରିତ ୧୨ଟି ବିକଳ୍ପ ଫଟୋ ପରିଚୟ ପତ୍ର ମଧ୍ୟରୁ ଗୋଟିଏ ଦେଖାଇ ଭୋଟ ଦେଇପାରିବେ। ଉକ୍ତ ବିକଳ୍ପ ପରିଚୟ ପତ୍ରଗୁଡ଼ିକ ହେଲା ଆଧାର କାର୍ଡ, ମହାତ୍ମା ଗାନ୍ଧୀ ଜାତୀୟ ରୋଜଗାର ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ମନରେଗା) କାର୍ଡ, ବ୍ୟାଙ୍କ କିମ୍ବା ପୋଷ୍ଟ ଅଫିସରୁ ଦିଆଯାଇଥିବା ଫଟୋ ଲାଗିଥିବା ପାସ୍‌ବୁକ୍, ଶ୍ରମ ମନ୍ତ୍ରଣାଳୟ ତରଫରୁ ଦିଆଯାଇଥିବା ସ୍ୱାସ୍ଥ୍ୟବୀମା ସ୍ମାର୍ଟ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ପାନ୍ କାର୍ଡ, ଏନ୍‌ପିଆର ଅନ୍ତର୍ଗତ ଆରଜିଆଇ ଦ୍ୱାରା ଦିଆଯାଇଥିବା ସ୍ମାର୍ଟ କାର୍ଡ, ଭାରତୀୟ ପାସ୍ ପୋର୍ଟ, ଫଟୋ ସହିତ ପେନ୍‌ସନ୍ ଡକ୍ୟୁମେଂଟ, କେନ୍ଦ୍ର ସରକାର/ରାଜ୍ୟ ସରକାର/ ସରକାରୀ ଉଦ୍ୟୋଗ/ ପବ୍ଲିକ୍ ସେକ୍ଟର ଅଣ୍ଡରଟେକିଂ/ ପବ୍ଲିକ୍ ଲିମିଟେଡ୍ କମ୍ପାନୀ ତରଫରୁ



କର୍ମଚାରୀମାନଙ୍କୁ ପ୍ରଦାନ କରାଯାଇଥିବା ଫଟୋ ଲାଗିଥିବା ପରିଚୟ ପତ୍ର, ସାଂସଦ/ବିଧାୟକ/ ବିଧାନ ପରିଷଦ ସଦସ୍ୟଙ୍କୁ ପ୍ରଦାନ କରାଯାଇଥିବା ସରକାରୀ ପରିଚୟ ପତ୍ର, ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟ ତରଫରୁ ପ୍ରଦାନ କରାଯାଇଥିବା ୟୁନିକ୍ ଡିଜାବିଲିଟି ପରିଚୟ ପତ୍ର (ସ୍ୱତନ୍ତ୍ର ଭିନ୍ନକ୍ଷମ ପରିଚୟ ପତ୍ର)। ଭୋଟର ଫଟୋ ପରିଚୟ ପତ୍ର ଦେଖାଇ ନପାରିଲେ ଉପରୋକ୍ତ ୧୨ଟି ଫଟୋ ପରିଚୟ ପତ୍ର ମଧ୍ୟରୁ ଯେକୌଣସି ଗୋଟିଏ ପରିଚୟ ପତ୍ର ଦେଖାଇ ମତଦାନ କେନ୍ଦ୍ରରେ ମତଦାତାମାନେ ଭୋଟ ଦେଇପାରିବେ ବୋଲି ଭାରତ ନିର୍ବାଚନ କମିଶନ ନିର୍ଦ୍ଦେଶନାମା ଜାରି କରିଛନ୍ତି ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି ।
ନିର୍ଦ୍ଦେଶନାମାରେ ଆହୁରି ମଧ୍ୟ ଉଲ୍ଲେଖ କରାଯାଇଛି- ଯଦି ଭୋଟର ଫଟୋ ପରିଚୟ ପତ୍ରରେ ମୁଦ୍ରଣଗତ ତ୍ରୁଟି ଥାଏ ତାହା ଗ୍ରହଣୀୟ ହେବ। ଯଦି କୌଣସି ବୁଥ୍ ରେ ଭୋଟର ତାଲିକାରେ ନାମ ପଞ୍ଜିକୃତ ହୋଇଥିବ ଏବଂ ଅନ୍ୟ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସରଙ୍କ ଦ୍ୱାରା ଭୋଟର ଫଟୋ ପରିଚୟ ପତ୍ର ଦିଆଯାଇଥାଏ ତାହା ମଧ୍ୟ ଗ୍ରହଣୀୟ ହେବ। ଏ କ୍ଷେତ୍ରରେ ଯଦି ଭୋଟରଙ୍କ ଚେହେରା ଭୋଟର ଫଟୋ ପରିଚୟ ପତ୍ରରେ ଥିବା ଫଟୋ ସହ ମିଶୁ ନଥିବ ତେବେ ଭୋଟର ବିକଳ୍ପ ୧୨ଟି ଫଟୋ ପରିଚୟ ପତ୍ର ମଧ୍ୟରୁ ଗୋଟିଏ ଦେଖାଇ ନିଜର ପରିଚୟ ପ୍ରମାଣ କରି ଭୋଟ ଦେଇପାରିବେ। ବିଦେଶରେ ରହୁଥିବା ଭାରତୀୟମାନେ ନିଜର ମୂଳ ପାସ୍‌ପୋର୍ଟ ଦେଖାଇ ଭୋଟ ଦେଇପାରିବେ ବୋଲି ଭାରତ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି।
ରିଟର୍ଣ୍ଣିଂ ଅଫିସରମାନେ ଏ ସଂପର୍କରେ ସମସ୍ତ ପ୍ରିଜାଇଡିଂ ଅଫିସରମାନଙ୍କୁ ଅବଗତ କରାଇବା ସହ ଭାରତ ନିର୍ବାଚନ କମିଶନଙ୍କ ଏ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମା ପ୍ରଦାନ କରିବା ତଥା ପ୍ରତି ବୁଥ୍ ରେ ଉପଲବ୍ଧ କରାଇବାକୁ କମିଶନଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।
ସୂଚନାଯୋଗ୍ୟ ଯେ ସାଧାରଣ ନିର୍ବାଚନରେ ମତଦାନ ହାର ବୃଦ୍ଧି କରିବା ତଥା ଭୋଟରମାନଙ୍କୁ ଅଧିକ ସଚେତନ କରାଇବା ଉଦ୍ଦେଶ୍ୟରେ ମତଦାନ ତାରିଖର ୫ ଦିନ ପୂର୍ବରୁ ଭୋଟରମାନଙ୍କୁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ମତଦାନ କେନ୍ଦ୍ର, ମତଦାନ ତାରିଖ ଓ ସମୟ ଇତ୍ୟାଦି ସୂଚନା ଜଣାଇବା ଉଦ୍ଦେଶ୍ୟରେ 'ଭୋଟର ସୂଚନା ସ୍ଲିପ୍' ପ୍ରଦାନ କରାଯିବାର ବ୍ୟବସ୍ଥା କରିବା ପାଇଁ ଭାରତ ନିର୍ବାଚନ କମିଶନଙ୍କ ପକ୍ଷରୁ ଜିଲ୍ଲା ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସମ୍ପାଦକୀୟ
30 YEARS
ସମ୍ବାଦ କଳିକା

# ବଢ଼ିବନି ଇଏମ୍ଆଇ

ଭାରତୀୟ ରିଜର୍ଭ ବ୍ୟାଙ୍କ କ୍ରମାଗତ ସପ୍ତମ ଥର ପାଇଁ ରେପୋ ହାରକୁ ୬.୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି। ଏହାଦ୍ୱାରା ବ୍ୟାଙ୍କଗୁଡ଼ିକ ପକ୍ଷରୁ ଋଣ ସୁଧ ହାର କିମ୍ବା ମାସିକ କିସ୍ତି (ଇଏମଆଇ) ପରିଶୋଧ ରାଶି ବୃଦ୍ଧି ଯୋଜନା ନାହିଁ। ଗତ ୩ ତାରିଖରୁ ଆରମ୍ଭ ହୋଇଥିବା ଚଳିତ ଆର୍ଥିକ ବର୍ଷର ପ୍ରଥମ ଦ୍ୱିମାସିକ ମୁଦ୍ରା ନୀତି କମିଟି ବୈଠକର ନିଷ୍ପତ୍ତି ସଂପର୍କରେ ଆଜି ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଘୋଷଣା କରିଛନ୍ତି। ଶକ୍ତିକାନ୍ତ କହିଛନ୍ତି ଦେଶରେ ମୁଦ୍ରାସ୍ଫୀତିରେ ଦେଖାଦେଇ ଆସୁଥିବା ବୃଦ୍ଧି ଧାରା ଏବେ ବନ୍ଦ ହୋଇଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଖୁଚୁରା ମୁଦ୍ରାସ୍ଫୀତି ୪.୫ ପ୍ରତିଶତ ଏବଂ ବାସ୍ତବ ଜିଡିପି ଅଭିବୃଦ୍ଧି ୭ ପ୍ରତିଶତ ରହିବା ନେଇ ଆକଳନ କରାଯାଇଛି। ଉଲ୍ଲେଖଯୋଗ୍ୟ, ରେପୋ ହାର ହେଉଛି ସେହି ହାର ଯେଉଁଥିରେ ରିଜର୍ଭ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକୁ ଋଣ ପ୍ରଦାନ କରିଥାଏ। ଏହା ବଢ଼ିଲେ ବ୍ୟାଙ୍କଗୁଡ଼ିକ ଗ୍ରାହକଙ୍କଠାରୁ ଋଣ ଉପରେ ଅଧିକ ସୁଧ ହାର ଆଦାୟ କରିଥାନ୍ତି ଏବଂ କମିଲେ ସୁଧ ହାର କମାଇଥାନ୍ତି। ମୁଦ୍ରାନୀତି କମିଟିର ୬ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ଏହାକୁ ଅପରିବର୍ତ୍ତିତ ରଖିବାକୁ ମତ ଦେଇଥିବାବେଳେ ଜଣେ ପରିବର୍ତ୍ତନ ପାଇଁ କହିଥିଲେ। ମୁଦ୍ରାନୀତି ରିପୋର୍ଟ ଘୋଷଣା କରିବା ଅବସରରେ ଶକ୍ତିକାନ୍ତ କହିଛନ୍ତି, ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସର ଜିଡିପି ଅଭିବୃଦ୍ଧି ୭.୧ ପ୍ରତିଶତ, ଦ୍ୱିତୀୟ ତ୍ରୟମାସରେ ୬.୯ ପ୍ରତିଶତ ଏବଂ ତୃତୀୟ ଓ ଚତୁର୍ଥ ତ୍ରୟମାସରେ ୭ ପ୍ରତିଶତ ଲେଖାଏଁ ରହିବ।

ରିଜର୍ଭ ବ୍ୟାଙ୍କ ପକ୍ଷରୁ ଏକ ମୋବାଇଲ ଆପ୍ ଉନ୍ମୋଚନ ସଂପର୍କରେ ଘୋଷଣା କରାଯାଇଛି। ଏହି ଆପ୍ ଜରିଆରେ ଖୁଚୁରା ନିବେଶକମାନେ ସରକାରୀ ବଣ୍ଡ୍ରେ ସହଜରେ ନିବେଶ ସୁବିଧା ପାଇବେ। ଖୁବ୍‌ଶୀଘ୍ର ଏହି ଆପ୍ ଉପଲବ୍ଧ ହେବ। ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ରେକର୍ଡ ୬୪୫.୬ ବିଲିଅନ ଡଲାରରେ ପହଞ୍ଚିଥିବା ଶକ୍ତିକାନ୍ତ ଘୋଷଣା କରିଛନ୍ତି। ଇଣ୍ଟରନ୍ୟାସନାଲ ଫାଇନାନ୍ସିଆଲ ସର୍ଭିସେସ ସେଣ୍ଟର (ଆଇଏଫଏସ୍‌ସି)ରେ ସଭରେନ୍ ଗ୍ରିନ ବଣ୍ଡ୍ କାରବାରକୁ ଅନୁମତି ଦିଆଯିବ। ଏହା ବ୍ୟତୀତ, ଆଜି ରିଜର୍ଭ ବ୍ୟାଙ୍କ ପକ୍ଷରୁ ନୂଆ ୱେବସାଇଟ୍ ଏବଂ ଏକ ମୋବାଇଲ ଆପ୍ ଆରମ୍ଭ କରାଯାଇଛି। ତେବେ ବର୍ତ୍ତମାନ କିଛିଦିନ ପାଇଁ ପୁରୁଣା ୱେବସାଇଟ୍ ଉପଲବ୍ଧ ହେବ। ଗୁଗୁଲ୍ ପ୍ଲେ ଷ୍ଟୋର ଏବଂ ଆପଲ୍ ଆଇଓଏସରୁ ଏହାକୁ ଡାଉନଲୋଡ କରାଯାଇପାରିବ। ଶକ୍ତିକାନ୍ତ ଦାସ ଏବଂ ନୂଆ ୱେବସାଇଟ୍ ଏବଂ ଆପ୍ ଉନ୍ମୋଚନ କରିଛନ୍ତି। ବ୍ୟାଙ୍କ ଓ ଆର୍ଥିକ ସେବା କମ୍ପାନିଗୁଡ଼ିକୁ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆଜି ଚେତାବନୀ ଦେଇଛନ୍ତି। କାରବାର ସମୟରେ ନିୟମକୁ ଠିକ୍ ଭାବେ ପାଳନ କରିବାକୁ କହିଛନ୍ତି। ସେ ତାଙ୍କୁ ମନେ ପକାଇ ଦେଇଛନ୍ତି ଯେ ସବୁ କିଛି ହେଉଛି ଲୋକମାନଙ୍କ ଟଙ୍କା। ସେକଥା କେବେ ଭୁଲିବ ନାହିଁ। ତେଣୁ ସବୁ ନିୟମକୁ ପାଳନ କରି କର୍ପୋରେଟ ଗଭର୍ଣ୍ଣାନ୍ସକୁ ସର୍ବାଧିକ ଗୁରୁତ୍ୱ ଦେବାକୁ ସେ ବ୍ୟାଙ୍କଗୁଡ଼ିକୁ କହିଛନ୍ତି। ନିୟମ ପାଳନ କରିବାରେ ଅବହେଳା କରୁଥିବା ସଂସ୍ଥାଗୁଡ଼ିକ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରିଜର୍ଭ ବ୍ୟାଙ୍କ ପଛାଉନାହିଁ। ନିକଟରେ ଏହା ପେଟିଏମ୍ ପେମେଣ୍ଟ୍ସ ବ୍ୟାଙ୍କ ଉପରେ କଠୋର କଟକଣା ଲଗାଇ ଏହାକୁ ଜମା ଓ ଅଗ୍ରିମ କାରବାର ବନ୍ଦ କରିବାକୁ କହିଥିଲା। ସେହିପରି ଆଇଆଇଏଫ୍‌ଏଲ୍ ଫାଇନାନ୍ସ ଲିମିଟେଡକୁ ସୁନା ଋଣ କାରବାର ବନ୍ଦ କରିବା ଏବଂ ଜେଏମ୍ ଫାଇନାନ୍ସିଆଲ୍ ପ୍ରଡକ୍ଟସ୍ ଲିମିଟେଡକୁ ସେୟାର ବନ୍ଧକ ରଖି ଋଣ ଦେବାକୁ ମନା କରିଥିଲା। ୨୦୨୦ ଡିସେମ୍ବରରେ ଏଚଡିଏଫସି ବ୍ୟାଙ୍କକୁ ନୂଆ କ୍ରେଡିଟ୍ କାର୍ଡ ଗ୍ରାହକ ଗ୍ରହଣ କରିବାକୁ ମନା କରାଯାଇଥିଲା। ରେଟିଂ ଏଜେନ୍ସି ଏସ୍‌ଆଣ୍ଡପି ମତରେ ନିୟମ ପାଳନରେ ଅବହେଳା ପ୍ରତି ରିଜର୍ଭ ବ୍ୟାଙ୍କ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ବିଶେଷ କରି ନୋ ୟୋର କଷ୍ଟମର (କେୱାଇସି), ତଥ୍ୟ ସୁରକ୍ଷା, ମନି ଲଣ୍ଡରିଂ ପ୍ରସଙ୍ଗକୁ ଏହା ଗମ୍ଭୀରତା ସହ ନେଉଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ଅନନ୍ତ ଚିନ୍ତନ

ନକାରା ସକାରମ୍‌ରେ
ଶରୀର ଟି ସାର
ନବମ ଦଶମ ପୁରେ
ଶକ୍ତୀର ସମ୍ଭାର
ନବଖଣ୍ଡ...ମା ହେଲା ସାର (୩୪)

ନବ ପୁର ଟିପଲେ ରେ
ଦଶମର ଦ୍ୱାର
ନବଧା ଭକ୍ତି ତତ୍ତ୍ୱରେ
ଭେଦିବୁ ସେ ପୁର
ନବଖଣ୍ଡ...ମା ହେଲା ସାର (୩୫)

ନ ଦ୍ୱାରେ ଷଡ ଚକ୍ରରେ
କି ବୀଜର ଠାର
ନଚିହ୍ନି ତୋର ଶରୀରେ
କେଉଁ ପୂଜା କର
ନବଖଣ୍ଡ...ମା ହେଲା ସାର (୩୬)

ନବ ବ୍ରହ୍ମଣ୍ୟ ଦେବରେ
କହି ତିନିବାର
ନତି ମସ୍ତକ ହେବୁରେ
ତୁଳସୀ ମୂଳର
ନବଖଣ୍ଡ...ମା ହେଲା ସାର (୩୭)

ନ ଭାବ ନଚୀନି ତୁରେ


ଶ୍ରୀ ଅଭିରାମ ସରସ୍ୱତୀ

ଭେଦିବୁ ସେ ପୁର
ନରସିଂହ ଲକ୍ଷ୍ମୀଙ୍କୁରେ
ଭେଟିବୁ ସତ୍ତ୍ୱର
ନବଖଣ୍ଡ...ମା ହେଲା ସାର (୩୮)

ନଗା ନାହିଁ ତୋ ଦେହରେ
ଅହଂକାର ଠାର
ନବ ସପ୍ତ ପଞ୍ଚମରେ
ଖେଳିବେ ଠାକୁର
ନବଖଣ୍ଡ...ମା ହେଲା ସାର (୩୯)

(କ୍ରମଶଃ)

# "ଡେଭିଲ ଧୂମକେତୁ" ଆସୁଅଛି, ହେଲୀ କେବେ ? (୧୦)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪

ପୂର୍ବ ଥର ଇତିହାସକୁ ଭାଗ ଭାଗ କରି ପ୍ରତ୍ୟେକ ସମୟରେ ମନୁଷ୍ୟର ଧୂମକେତୁ ବିଷୟରେ କି ଚିନ୍ତାଧାରା ଥିଲା ସେ ବିଷୟରେ ସମ୍ୟକ ଧାରଣା ପାଇଥିଲେ। ପ୍ରଥମେ ଆଲେଖ୍ୟରେ ଆରମ୍ଭ କରିଥିଲୁ ପୁରାତନ ଗ୍ରୀକ୍ ସଭ୍ୟତାରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ । ତା' ପରେ ଆଜି ଆଧୁନିକ ଯୁଗରେ ବିଜ୍ଞାନର ଅଗ୍ରଗତି ହେବା ପରେ ଧୂମକେତୁକୁ କିପରି ଭାବେ ବର୍ଣ୍ଣନା କରାଗଲା ସେ ବିଷୟରେ ଅଧିକ ତଥ୍ୟ ଆଣିବାକୁ ଚେଷ୍ଟା କରିଥିଲୁ। ଏହାର ସଂରଚନା ସମ୍ବନ୍ଧରେ ଅନେକ ବୈଜ୍ଞାନିକ ବିଭିନ୍ନ ମତ ଦେଇଥାନ୍ତି। ସେ ବିଷୟରେ ଅଧିକ ଜାଣିବା।

ଧୂମକେତୁର ନ୍ୟୁକ୍ଲିୟସ ବା ମୂଳପିଣ୍ଡର ଆଭ୍ୟନ୍ତରୀଣ ଗଠନ ଏବେ ମଧ୍ୟ କଳ୍ପନାଜଳ୍ପନାର ଏକ କ୍ଷେତ୍ର । ସାଧାରଣତଃ ବିଶ୍ୱାସ କରାଯାଏ ଯେ ଯେହେତୁ ବରଫ ଗ୍ରହଗୁଡ଼ିକ ସ୍ୱଳ୍ପ ବେଗରେ (ପ୍ରତି ସେକେଣ୍ଡରେ କିଛି ମିଟର କ୍ରମରେ) ସୌର ନୀହାରିକାରେ ଏକାଠି ହୋଇଥିଲେ, ସେମାନଙ୍କୁ ଏକ କଠିନ ଶରୀରରେ ତରଳାଇବା କିମ୍ବା ସଙ୍କୋଚନ କରିବା ପାଇଁ ପର୍ଯ୍ୟାପ୍ତ ଶକ୍ତି ନଥିଲା । ଆମେରିକୀୟ ଜ୍ୟୋତିର୍ବିଜ୍ଞାନ ବର୍ଟ୍ରାମ ଡନ୍ ଏବଂ ବ୍ରିଟିଶ ଜ୍ୟୋତିର୍ବିଜ୍ଞାନୀ ଡେଭିଡ ହ୍ୟୁଜଙ୍କ ଡିଡବଲଇଉର ପ୍ରସ୍ତାବିତ ଦୁଇଟି ପ୍ରମୁଖ ବ୍ୟାଖ୍ୟା ସୂଚିତ କରେ ଯେ ଧୂମକେତୁର ନ୍ୟୁକ୍ଲିୟସ ଗୁଡ଼ିକ ହେଉଛି "ଫ୍ଲଫି ଏଗ୍ରିଗେଟ୍ସ" ଯାହା କୋମଳ ସଦୃଶର ସମ୍ମିଶ୍ରଣ କୁହାଯାଇପାରେ। ଏହି ମଡେଲଗୁଡ଼ିକୁ ସମର୍ଥନ କରୁଥିବା ପ୍ରମୁଖ ତଥ୍ୟ ହେଉଛି ନ୍ୟୁକ୍ଲିୟସ୍‌ର ପ୍ରଧାନ ଅଂଶର ଘନତ୍ୱର ଆକଳନ, ଏକ ୦.୨ ରୁ ୧.୦ ଗ୍ରାମ ପ୍ରତି ଘନ ସେଣ୍ଟିମିଟର ପର୍ଯ୍ୟନ୍ତ । ଏହା ଏକ ମିଶ୍ରିତ ମାଇକ୍ରୋସ୍କୋପିକ୍ (ଅଣୁବୀକ୍ଷଣ ଯନ୍ତ୍ରରେ ଦେଖାଯାଉଥିବା ଭଳି ) ଏବଂ ମାକ୍ରୋସ୍କୋପିକ୍ (ଖାଲି ଆଖିରେ ଦେଖାଯାଉଥିବା ଭଳି) ଜିନିଷରେ ଗଠିତ ଯାହାର ପୋରୋସିଟି ବା ସଚ୍ଛିଦ୍ରତା ପ୍ରାୟ ୬୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ, ଏକ ଉଚ୍ଚ ମୂଲ୍ୟର ପରାମର୍ଶ ଦେଇଥାଏ ।

ଅତିରିକ୍ତ ପ୍ରମାଣ ବିଭାଜିତ (ବ୍ୟାଘାତ) ମୁଦ୍ରା ନ୍ୟୁକ୍ଲିୟସର ପର୍ଯ୍ୟବେକ୍ଷଣରୁ ଆସିଥାଏ । ପର୍ଯ୍ୟବେକ୍ଷଣଗୁଡ଼ିକ ଦର୍ଶାଏ ଯେ ନ୍ୟୁକ୍ଲିୟସ ଗୁଡ଼ିକ ଅନିୟମିତ ଭାବରେ ଅଲଗା ହୋଇପାରେ, କିମ୍ବା ଅନେକ ଖଣ୍ଡ ହୋଇପାରେ। ସେହି ଖଣ୍ଡଗୁଡ଼ିକ ସାଧାରଣତଃ ୮ ରୁ ୬୦ ମିଟରବ୍ୟାସ ବୋଲି ଆକଳନ କରାଯାଇଛି । କେତେକ କ୍ଷେତ୍ରରେ, ସମଗ୍ର ନ୍ୟୁକ୍ଲିୟସ୍ ବ୍ୟାହତ ହୋଇପାରେ। ଯଦି ନ୍ୟୁକ୍ଲିୟସ୍ ସୂର୍ଯ୍ୟଙ୍କ ନିକଟରେ କିମ୍ବା ବୃହସ୍ପତି ପରି ଏକ ବୃହତ୍ ଗ୍ରହକୁ ଯାଇଥାଏ, ତେବେ ବ୍ୟାଘାତ ମଧ୍ୟ ହୋଇପାରେ, ଯେଉଁଠାରେ ମାଧ୍ୟାକର୍ଷଣ ଶକ୍ତି ଦୁର୍ବଳ ଭାବରେ ବନ୍ଧା ହୋଇଥିବା ନ୍ୟୁକ୍ଲିୟସକୁ ଛିଣ୍ଡାଇଥାଏ । ସୂର୍ଯ୍ୟଦ୍ୱାରା ଗ୍ରାସିତ ଧୂମକେତୁ ବା ସମାନ ସୌର ବ୍ୟାସାର୍ଦ୍ଧ ମଧ୍ୟରେଥିବା ଧୂମକେତୁର ପେରିହେଲିଆ କ୍ଷେତ୍ରରେ ଏହା ଦେଖାଯାଇଛି ।


ଧୂମକେତୁ ଶୁମେକର ଲେଭି୯ : ୧୯୯୪ ମସିହାର ଘଟଣା। ଏକ ବିଶୃଙ୍ଖଳିତ ନ୍ୟୁକ୍ଲିୟସର ଏକ ବିଶେଷ ଆକର୍ଷଣୀୟ ମାମଲା ହେଉଛି ଧୂମକେତୁ ଶୁମେକର ଲେଭି୯ । ଏହା ୧୯୯୩ ମସିହାରେ ଆବିଷ୍କାର କରଯାଇଥିଲା। ୨୧ଟି ସ୍ୱତନ୍ତ୍ର ନ୍ୟୁକ୍ଲିୟସ କିନ୍ତୁ ଏକା ସାଙ୍ଗରେ ଗତିଶୀଳ ଥିବା ନ୍ୟୁକ୍ଲିୟସ ବୃହସ୍ପତି ପାଖାପାଖି ଥିଲା। ଏତେ ନିକଟତର ହୋଇଥିଲା ଯେ ଏହା କ୍ରମାଗତ ଭାବରେ ବ୍ୟାହତ ହୋଇଥିଲା। ଏକ ପରାମର୍ଶିତ ବ୍ୟାଖ୍ୟା ହେଉଛି ଯେ ନ୍ୟୁକ୍ଲିୟସ୍ ଏକ ଅଳିଆ ଗଦା ଥିଲା ଏବଂ ହଜାର ହଜାର ପୃଥକ୍"କମେଟେସିମାଲ୍" କିମ୍ବା ଖଣ୍ଡ ବିଖଣ୍ଡିତ ନକ୍ଷତ୍ର ହୋଇ ଭାଙ୍ଗି ଯାଇଥିଲା। ଯେହେତୁ ସେହି ବୃହତ୍ ଶରୀର ବୃହସ୍ପତି ଠାରୁ ଦୂରେଇ ଗଲା, ସେମାନଙ୍କର ନିଜସ୍ୱ ମାଧ୍ୟାକର୍ଷଣ ଶକ୍ତି ସେମାନଙ୍କୁ ଏକତ୍ର କରିଦେଲା । କୌତୁହଳର ବିଷୟ, ମୂଳ ନ୍ୟୁକ୍ଲିୟର ବହୁଳ ଘନତା ଉପରେ ଅନ୍ତିମ ଗୋଷ୍ଠୀ ସଂଖ୍ୟା ଉପରେ ନିର୍ଭର କରେ । ମୂଳପିଣ୍ଡର ନ୍ୟୁକ୍ଲିଅସର ବ୍ୟାସ ୧.୬ କିଲୋମିଟର (୧ ମାଇଲ) ବୋଲି ଆକଳନ କରାଯାଇଥିଲା, ଯାହାକି ଏକ ସାଧାରଣ ନ୍ୟୁକ୍ଲିୟସ୍ ଆକାର । ଏହିପରି, ଶୁମେକର-ଲେଭି୯ ହେଉଛି କମ୍ ସାନ୍ଦ୍ରତା ବିଶିଷ୍ଟ ଅଳିଆ ନକ୍ଷତ୍ରର ଗଦା କିମ୍ବା ଧୂମକେତୁ ନ୍ୟୁକ୍ଲିୟସ ଯାହା ସମୁଦାୟ ସଂରଚନାର ଅନ୍ୟ ଏକ ପ୍ରମାଣ ।

ଯେପରି ଉପରେ ସୂଚିତ କରାଯାଇଛି, ଧୂମକେତୁ ଏବଂ ଗ୍ୟାସର ହଠାତ୍ ମୁକ୍ତ ହେବା ଯୋଗୁଁ ନ୍ୟୁକ୍ଲିୟସ ଗୁଡ଼ିକ ବିସ୍ଫୋରଣ ପ୍ରଦର୍ଶନ କରିପାରନ୍ତି। ୨୦୦୭ ମସିହାରେ ସବୁଠାରୁ ପ୍ରସିଦ୍ଧ ଧୂମକେତୁ ୧୭P / Holmes ରୁ ହୋଇଥିଲା, ଯାହା ଦୁଇ ଦିନ ମଧ୍ୟରେ ୧୫ ମ୍ୟାଗ୍ନିଚ୍ୟୁଡ୍ (ଏକ ମିଲିୟନ୍ ଗୁଣ ଉଜ୍ଜ୍ୱଳ) ଦ୍ୱାରା ଉଜ୍ଜ୍ୱଳିତ ହୋଇଥିଲା । ଗୋଟିଏ ସମ୍ଭାବ୍ୟ ବ୍ୟାଖ୍ୟା ହେଉଛି ଆକୃତିହୀନ ବରଫରୁ ସ୍ଫଟିକ୍ ବରଫରେ ପରିବର୍ତ୍ତନ । ଅନ୍ୟ ଏକ ସମ୍ଭାବ୍ୟ ବ୍ୟାଖ୍ୟା ହେଉଛି ଅନିୟମିତ ଆକୃତିର ନ୍ୟୁକ୍ଲିଅସ୍ ପୃଷ୍ଠରେ ବରଫର ଏକତ୍ରୀକରଣ।

ଧୂମକେତୁର ବାୟୁମଣ୍ଡଳ: ଧୂମକେତୁର ନ୍ୟୁକ୍ଲିୟସ ଛୋଟ ଆକାର ଏବଂ କମ୍ ମାଧ୍ୟାକର୍ଷଣ ହେତୁ, କଠିନ ପଦାର୍ଥରୁ ତାପ ପ୍ରୟୋଗ ଦ୍ୱାରା ବାଷ୍ପ ହୋଇପାରୁଥିବା ବରଫରୁ ବିକଶିତ ଗ୍ୟାସଗୁଡିକ ଖାଲି ସ୍ଥାନରେ ପ୍ରସାରିତ ହୋଇଯାଏ । ବହିର୍ଭୂତ ଗ୍ୟାସରେ ଅନ୍ତର୍ଭୁକ୍ତ ହେଉଛି ସୂକ୍ଷ୍ମ ଧୂଳି କଣିକା, ସାଧାରଣତଃ ଏକ ମାଇକ୍ରନ୍ (ଅଣୁ ମାତ୍ର) ଆକାର, ସିଲିକେଟ୍, କିଛି ଜୈବିକ ପଦାର୍ଥ ଏବଂ ବେଳେବେଳେ ଅତ୍ୟଧିକ ବରଫ ଦ୍ୱାରା ଆବୃତ । ଅଣୁଗୁଡ଼ିକ ସୂର୍ଯ୍ୟ କିରଣର ସଂସ୍ପର୍ଶରେ ଆସିଥିବାରୁ ସେମାନେ ଅଲଗା ହେବାକୁ ଆରମ୍ଭ କରି ମୌଳିକ ଉତ୍ସ ହୋଇଯାଆନ୍ତି (ରାଡ଼ିକାଲ ମଧ୍ୟ କୁହାଯାଏ) ଏବଂ ବ୍ୟକ୍ତିଗତ ଭାବରେ କ୍ଷୁଦ୍ରତମ ପରମାଣୁରେ ବିଭକ୍ତ ହୋଇଯାଆନ୍ତି। ଏହାର ସବୁଠାରୁ ସାଧାରଣ ରୂପ ହେଉଛି ଜଳ ଅଣୁ($H_2O$), ଯାହା H ଏବଂ OHରେ ବିଚ୍ଛିନ୍ନ ହୁଏ। ଜୈବିକ ଧୂଳି ମଧ୍ୟ ପ୍ରବାହିତ ହୁଏ ଯାହା ଅଣୁ ଏବଂ ରାଡ଼ିକାଲ୍ ମୁକ୍ତ କରୁଥିବା ପରି ଦେଖାଯାଏ, ଯାହାର ରାସାୟନିକ ନାମ CN CN, $C_2$, ଏବଂ $C_3$ଇତ୍ୟାଦି। ଅନ୍ତର୍ଭୁକ୍ତ ହୋଇଥିବା ବରଫ ନ୍ୟୁକ୍ଲିୟସରୁ ଦୂରେଇ ଯିବାବେଳେ ଜୈବିକ ଏବଂ ଅନ୍ୟାନ୍ୟ ଅସ୍ଥିରତାର ଏକ ବିସ୍ତୃତ ଉତ୍ସ ଯୋଗାଇଥାଏ । ଏହା ମଧ୍ୟ ସମ୍ଭବ ଯେ ଜଳ ବରଫରେ କ୍ଲାଥ୍ରେଟ ନାମକ ରସାୟନ ଥାଏ , ଯେଉଁଥିରେ ଅନ୍ୟ ବାଷ୍ପଶୀଳ ଗ୍ୟାସ ଫସି ରହିଥିବା ମଧ୍ୟ ଜଣାଯାଏ।

ଧୂମକେତୁର କୋମାରେ ଥିବା ଅସ୍ଥିରତା ଗୁଡ଼ିକର ରଚନା ଘନ, ଶୀତଳ ଆନ୍ତ ମେଘର ମଧ୍ୟରେ ଦେଖାଯାଉଥିବା ସ୍ଥାନ ସହିତ ସମାନ, ଯେଉଁଠାରେ ତାରା ଏବଂ ସୌର ପ୍ରଣାଳୀ ସୃଷ୍ଟି ହେଉଛି । ଏହା ଅତିରିକ୍ତ ପ୍ରମାଣ ପ୍ରଦାନ କରେ ଯେ ୪.୫୬ ଶହ କୋଟି ବର୍ଷ ପୂର୍ବେ ଗ୍ରହ ପ୍ରଣାଳୀ ଗଠନରୁ ଅନୁମୋଦିତ ଅସ୍ଥିରତାକୁ ସଂରକ୍ଷଣ କରି ଧୂମକେତୁ ଗୁଡ଼ିକ ପ୍ରାଥମିକ ସୌର ନୀହାରିକାର ଥଣ୍ଡା ଦ୍ୱାରା ସଂରକ୍ଷିତ ଅବଶିଷ୍ଟାଂଶ ଅଟେ ।

ଏ ସମ୍ବନ୍ଧରେ ଅଧିକ ତଥ୍ୟ ଆର ଥରକୁ।(**କ୍ରମଶଃ**)



ସୌଜନ୍ୟ: ନାସା

# ଅନ୍ଧବିଶ୍ୱାସ ଅନ୍ଧାରରେ ମା'ର ଜୀବନ



ନିବେଦିତା ପଟ୍ଟନାୟକ
ଭୁବନେଶ୍ୱର

(ଅନ୍ଧବିଶ୍ୱାସ ଯେ କୌଣସି ବ୍ୟକ୍ତିବିଶେଷଙ୍କର କ୍ଷତି ଘଟାଇବାର ସମ୍ଭାବନା ଥାଏ, ଏହା ଅଶିକ୍ଷା ଓ ଅଜ୍ଞତାରୁ ଘଟିଥାଏ । ଆଦିବାସୀ ସମ୍ପ୍ରଦାୟରେ ଏହି ଅନ୍ଧବିଶ୍ୱାସ ବହୁଳ ଭାବରେ ଦେଖାଯାଏ । ଯେପରି ମହିଳାଙ୍କୁ ଡାହାଣୀ ସନ୍ଦେହ, ଶିଶୁକୁ ଡାହାଣୀ ଦାଉରୁ ରକ୍ଷା କରିବା ପାଇଁ ଚେଙ୍କ ଦେବା, ଅସୁସ୍ଥ ହେଲେ ଡାକ୍ତରଖାନା ନ ଯାଇ ପାରମ୍ପରିକ ପୂଜାରୀଙ୍କ ଦ୍ୱାରା ଚେରମୂଳି ବ୍ୟବହାର କରିବା, କାଳେ ଗର୍ଭରେ ଶିଶୁ ବଡ଼ ହୋଇଯିବ ତେଣୁ ଗର୍ଭାବସ୍ଥାରେ ମା'କୁ କେତେକ ଦ୍ରବ୍ୟ ଖାଇବାକୁ ବାରଣ କରିବା ଇତ୍ୟାଦି ପରି ଆହୁରି ଅନେକ ଅନ୍ଧବିଶ୍ୱାସ । ଯଦିଓ ଏବେ ଏହାର ପରିମାଣ କମି ଆସିଲାଣି ତଥାପି କେଉଁଠି ନା କେଉଁଠି ଏପରି ଅନ୍ଧବିଶ୍ୱାସର ଶିକାର ନିରୀହ ଜନଜାତି ବ୍ୟକ୍ତି ହେଉଛନ୍ତି । ଏହି ସବୁ ଅନ୍ଧବିଶ୍ୱାସରୁ କେବଳ ଶିକ୍ଷା ଓ ସଚେତନତା ହିଁ ରକ୍ଷା କରିପାରିବ ବୋଲି ଭାରତ ସରକାର ଜନଜାତି ପିଲାମାନଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ବୈପ୍ଲବିକ ପରିବର୍ତ୍ତନ ଆଣିଛନ୍ତି । ହଷ୍ଟେଲ ସୁବିଧା, ସ୍କଲାରସିପ ପ୍ରଦାନ, କନ୍ୟାଶ୍ରମ ଇତ୍ୟାଦି । ଏହା ଛଡ଼ା ସଚେତନତା ସୃଷ୍ଟି ନିମନ୍ତେ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ମିଶି ଜନଜାତି ଅଞ୍ଚଳରେ କାର୍ଯ୍ୟ କରୁଛନ୍ତି ।)

ପତଳା ବୟସ୍କା ମହିଳା ଜଣେ ଆମକୁ ବାଟ କଢ଼େଇ ନେଇଗଲେ । ରାସ୍ତାସାରା କହୁଥାନ୍ତି 'ଯେତେ କହିଲେ ସେମାନେ କଣ ଶୁଣୁଛନ୍ତି, ଯାହା ପୂର୍ବରୁ ଚଳିଆସୁଛି ସେଇଆ କରୁଛନ୍ତି । କେତେ ଆଉ କହିବୁ, କିନ୍ତୁ ଏ ଝିଅଟିର ଜୀବନ ବଞ୍ଚିଗଲା ସେଇ ଆମ ପାଇଁ ବହୁତ' ବିଷମ କଟକ ବ୍ଲକର ନନିରଗୁଡ଼ା ଗାଁ, ଯେଉଁଠାରେ ୧୦୧ ପରିବାର ବାସ କରନ୍ତି, ସମସ୍ତେ ଜନଜାତି ସମ୍ପ୍ରଦାୟର ଅଟନ୍ତି । ଏହା ଭିତରେ ଏକ ପରିବାରର ବୋହୂ ୨୦ ବର୍ଷର ବନଜା। ପରିବାରରେ ସ୍ୱାମୀ, ସ୍ତ୍ରୀ, ଶାଶୁ, ଦିଅର ଓ ତାଙ୍କର ଦେଢ଼ବର୍ଷର ଝିଅ । ଆମକୁ ଯିଏ ରାସ୍ତା କଢେଇ ଆଣୁଥିଲେ, ପରେ ଜାଣିଲୁ ସେ ଅଙ୍ଗନୱାଡ଼ିରେ ସହାୟିକା ଭାବରେ କାର୍ଯ୍ୟ କରନ୍ତି । ଆମକୁ ଆଣି ବନଜାର ଘର ବାରଣ୍ଡାରେ ବସାଇ ଭିତରକୁ ଯାଇ ତାକୁ ଡାକି ଆଣିଲେ । ସୁନ୍ଦର ଛୋଟ ଝିଅଟି କାଖରେ ଦେଢ଼ବର୍ଷର ଝିଅକୁ ଧରି ଆମ ପାଖରେ ବସିଲା । ସହାୟିକା ମାଉସୀ କହିଲେ 'ମରିଯାଇଥାନ୍ତା ଆଜ୍ଞା, ଶେଷ ଅବସ୍ଥାରେ ଅଙ୍ଗନୱାଡ଼ି ଦିଦି, ମୁଁ ଆଉ ଏ ବାବୁମାନେ (ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସିନି'ର କର୍ମକର୍ତ୍ତା) ମିଶି ଯାକୁ ଯୋରଜବରଦସ୍ତି ହସ୍‌ପିଟାଲକୁ ନେବାରୁ ଏ ବଞ୍ଚିଗଲା ।'

ବନଜାକୁ କଣ ହୋଇଥିଲା ବୋଲି ପଚାରିବାରୁ ସେ କହିଲା, ମୋ ଝିଅ ଜନ୍ମ ହେବାପରେ ୩/୪ଦିନ ଜମାରୁ ସ୍ତନ୍ୟପାନ କରିପାରିଲା ନାହିଁ, ପରେ ଅନେକ ଚେଷ୍ଟା କରାଯିବାରୁ କେବଳ ବାମପଟ ସ୍ତନ୍ୟରୁ କ୍ଷୀର ଖାଏ, ଡାହାଣ ପଟ ସ୍ତନ୍ୟରେ ମୁହଁଲଗାଇଲେ ଆଦୌ କ୍ଷୀର ଖାଏ ନାହିଁ । ଧିରେ ଧିରେ ମୋ ଡାହାଣପଟ ସ୍ତନ୍ୟରେ ଏକ ଗେଟା ଭଳି ହୋଇ ପାଚିଗଲା ଓ ବହୁତ ଯନ୍ତ୍ରଣା ହେଲା, ତାରି କୋପରେ ମତେ ଜର ହେଲା, ଜର ଏତେ ବଢ଼ିଲା ଯେ ମୁଁ ଆଉ ବିଛଣାରୁ ଉଠି ପାରିଲି ନାହିଁ । ତମ ଘର ଲୋକ ଡାକ୍ତରଙ୍କ ପାଖକୁ ନେଲେ ନାହିଁ ? ନା, ଏଠାରେ ସମସ୍ତେ ବିଶ୍ୱାସ କରନ୍ତି ଯେ ଛୁଆର ତାଳୁ ଯଦି ସ୍ତନ୍ୟରେ ବାଜିଯାଏ ତେବେ ଏପରି ହୁଏ, ଚେରମୂଳି ଲଗାଇଲେ ଭଲ ହୋଇଯିବ । ତେଣୁ ଗାଁର ବୟସ୍କା ମହିଳା ମାନେ ଆସି ସେଠାରେ ଚେରମୂଳି ଲଗାଇବା ସହ, କିଛି ଚେରମୂଳି ମତେ ଖାଇବାକୁ ଦେଉଥିଲେ ।

ସାଧାରଣତଃ ଶିଶୁଟି ଗୋଟିଏ ପଟେ ସ୍ତନ୍ୟପାନ କଲେ ଅନ୍ୟପଟ ଟିରେ ଥନହରା ହୁଏ । ଅର୍ଥାତ୍ କ୍ଷୀର ବସିଯାଇ ଏକ ଗେଟା ହୁଏ । ଉପଯୁକ୍ତ ସମୟରେ ଚିକିତ୍ସା ଆରମ୍ଭ ନକଲେ ଏହା ଭିତରେ ପୂଜ ହୋଇଯାଏ ଯାହାକି ବହୁତ ଯନ୍ତ୍ରଣାଦାୟକ ଓ ବେଳେବେଳେ ଜୀବନହାନୀ ହେବାର ସମ୍ଭାବନା ଥାଏ।

ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିନି (CINI)ର କର୍ମକର୍ତ୍ତା କହିଲେ 'ପୋଷଣସାହ ପାଳନ ଅବସରରେ ଯେତେବେଳେ ଏଇ ଝିଅଟି ଅଙ୍ଗନୱାଡି କେନ୍ଦ୍ରକୁ ନ ଆସିଲା ସେତେବେଳେ ଆମେ ଦିଦିଙ୍କୁ ପଚାରିବାରୁ ସେ କହିଲେ, ତାକୁ ଜର ହୋଇଛି । ଆମେ ସମସ୍ତେ ତାଙ୍କୁ ଦେଖିବାକୁ ତାଙ୍କ ଘରକୁ ଗଲୁ, ଦେଖିଲୁ ତାଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ, ସାଙ୍ଗେ ସାଙ୍ଗେ ଡାକ୍ତରଙ୍କ ପାଖକୁ ନେଲୁ । ସେଠାରେ ତାଙ୍କର ଅପରେସନ ହେଲା, ହସ୍‌ପିଟାଲରେ ୪ଦିନ ରହିବା ପରେ ସେ ସୁସ୍ଥ ହୋଇ ଘରକୁ ଫେରିଲେ ।'

ଏ କି ପ୍ରକାର ଅନ୍ଧବିଶ୍ୱାସ ଛୁଆକୁ କ୍ଷୀର ଦେବା ସମୟରେ ଛୁଆର ମୁଣ୍ଡ, ତାଳୁ ସବୁ ନିଶ୍ଚିତ ଭାବରେ ସ୍ତନ୍ୟରେ ବାଜିବ, ତା' ଅର୍ଥ କ'ଣ ଜଣେ ମା'ର ଜୀବନ ସାଙ୍ଗରେ ଆମେ ଖେଳିବା ? ଡାକ୍ତରଙ୍କ ମତରେ ଆଉ ଦିନେ ୨ଦିନ ଡେରି ହୋଇଥିଲେ ମା'କୁ ବଞ୍ଚାଇବା କଷ୍ଟକର ହୋଇଥାନ୍ତା ।

ବନଜା ନିଜେ ଏପରି କଷ୍ଟ ଭୋଗିଥିବାରୁ ଏବେ ସେ ଅଙ୍ଗନୱାଡ଼ି କର୍ମୀ, ସହାୟିକା, ଆଶାଦିଦି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସହ ମିଶି ଗାଁରେ ଏହା ବିରୋଧରେ ଏକ ଅଭିଯାନ ଚଳାଇଛନ୍ତି । ତାଙ୍କ ମତରେ ଲୋକଙ୍କୁ ବୁଝାଇଲେ ସମ୍ପୂର୍ଣ୍ଣ ନହେଲେ ବି ଆଂଶିକ ସଫଳତା ନିଶ୍ଚିତ ମିଳିବ । ଯଦିଓ ଏମାନଙ୍କ କଥାକୁ ବୟସ୍କ ମହିଳାମାନେ ସହଜରେ ଗ୍ରହଣ କରୁନାହାନ୍ତି କିନ୍ତୁ କିଶୋରୀ ବାଳିକା, ନୂଆ ହୋଇ ବାହା ହୋଇଆସିଥିବା ଝିଅଟି କିମ୍ବା ପ୍ରସୂତି ମା' ଏକଥାକୁ ଧିରେ ଧିରେ ଗ୍ରହଣ କଲେଣି । ବନଜାଙ୍କ ମତରେ 'ଦିନେ ସମ୍ପୂର୍ଣ୍ଣ ଭାବରେ ଏ ଗାଁ ଏପରି ଅନ୍ଧବିଶ୍ୱାସରୁ ମୁକ୍ତି ହୋଇଯିବ ବୋଲି ମୋର ଦୃଢ଼ ବିଶ୍ୱାସ ...' ।

# ରାଜା ଗୁଣେ ପ୍ରଜା



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ରାଜାଙ୍କୁ ପ୍ରଜାମାନେ ଅନୁସରଣ କରିବା ସ୍ୱାଭାବିକ କଥା। ରାଜାଙ୍କ ହାବଭାବ, ଚାଲିଚଳନ, କଥାବାର୍ତ୍ତା, ଆଚାର ବ୍ୟବହାର ଏପରିକି ଚିନ୍ତାଦର୍ଶନକୁ ପ୍ରଜାମାନେ ଅନୁସରଣ କରୁଥିଲେ। ତେଣୁ ଲୋକପ୍ରିୟ କଥନ ଅଛି, ଯେମିତି ରାଜା ସେମିତି ପ୍ରଜା। ଅତୀତର ରାଜତନ୍ତ୍ର ହଟି ଏବେ ଗଣତନ୍ତ୍ର ଆସିଛି। ଏବେ ବଡ ନେତାମାନେ ଯେଉଁମାନେ ଉଚ୍ଚ ସାମ୍ବିଧାନିକ ପଦପଦବୀରେ ଅଛନ୍ତି ସେମାନେ ରାଜାର ସ୍ଥାନ ନେଇଛନ୍ତି। ରାଜତନ୍ତ୍ରରେ ଜନସାଧାରଣ ଯେଉଁପରି ରାଜାଙ୍କୁ ଆଦର୍ଶ ବୋଲି ଭାବୁଥିଲେ, ଗଣତନ୍ତ୍ରରେ ଲୋକମାନେ ନେତାଙ୍କୁ ଆଦର୍ଶ ବୋଲି ଭାବନ୍ତି। ରାଜା ଭଲହେଲେ ପ୍ରଜାମାନେ ମଧ୍ୟ ଭଲ ହେଉଥିଲେ ଓ ରାଜା ଖରାପ ହେଲେ ପ୍ରଜାମାନେ ମଧ୍ୟ ଖରାପ ହେଉଥିଲେ। ଏହାର କାରଣ ହେଉଛି ଜଣେ ଖରାପ ରାଜାର ଶାସନ ବ୍ୟବସ୍ଥା ତଦନୁଯାୟୀ ଖରାପ ହେଉଥିଲା। ଶାସନ ବ୍ୟବସ୍ଥା ଖରାପ ହେଲେ ପ୍ରଜାମାନେ ମଧ୍ୟ ସେହି ଢାଞ୍ଚାରେ ନିଜକୁ ପକାଉ ଥିଲେ। ଅନ୍ୟପକ୍ଷରେ ରାଜା ଭଲହେଲେ ଶାସନ ବ୍ୟବସ୍ଥା ଭଲ ହେଉଥିଲା ଓ ପ୍ରଜାମାନେ ମଧ୍ୟ ଭଲ ହେଉଥିଲେ। ତେଣୁ କୁହା ଯାଉଥିଲା ରାଜା ଗୁଣେ ପ୍ରଜା। ମୂଳ ଯେମିତି ହେବ ଶାଖା ପ୍ରଶାଖା ମଧ୍ୟ ସେମିତି ହେବ।

ଗଣତନ୍ତ୍ରରେ ଜଣେ ମିଛୁଆ ଉଚ୍ଚ ଆସନରେ ବସିଲେ ନାଗରିକମାନେ ମଧ୍ୟ ମିଛର ଆଶ୍ରୟ ନିଅନ୍ତି। ଜଣେ ଭ୍ରଷ୍ଟାଚାରୀ ଉଚ୍ଚ ଆସନରେ ବସିଲେ ଭ୍ରଷ୍ଟାଚାର ଶାସନ ବ୍ୟବସ୍ଥାର ଅନ୍ତର୍ଗତ ହୋଇଯାଏ। ପ୍ରତ୍ୟେକ ବ୍ୟବସ୍ଥାକୁ ଭ୍ରଷ୍ଟାଚାର ବ୍ୟାପିଯାଏ। ସାଧାରଣ ଜନତା ମଧ୍ୟ ଏଥିରେ ଅଭ୍ୟସ୍ତ ହୋଇଯାନ୍ତି। କ୍ରମେ ଏହା ସାମାଜିକ ବ୍ୟବସ୍ଥାର ଅଙ୍ଗ ହୋଇଯାଏ। ଅନ୍ୟ ପକ୍ଷରେ ଜଣେ ସଚ୍ଚୋଟ ଲୋକ ଉଚ୍ଚ ଆସନରେ ବସିଲେ ଦେଶରେ ସଚ୍ଚୋଟତା ବ୍ୟାପେ। ଭ୍ରଷ୍ଟାଚାରକୁ ବିରୋଧ କରୁଥିବା ଜଣେ ଲୋକ ଏପରି ଆସନରେ ବସିଲେ ଭ୍ରଷ୍ଟାଚାର ହ୍ରାସ ପାଏ। ପ୍ରଶାସନ ମଧ୍ୟ ଭ୍ରଷ୍ଟାଚାର ମୁକ୍ତ ହୁଏ। ଫଳରେ ପ୍ରତ୍ୟେକ ବ୍ୟବସ୍ଥା ମଧ୍ୟରେ ସଚ୍ଚୋଟତା ଦେଖାଦିଏ। ସେହି ମର୍ମରେ କୁହାଯାଇପାରେ ନେତା ସାଧୁ ହେଲେ ଜନତା ମଧ୍ୟ ସାଧୁ ହେବେ। ନେତା ଯେଉଁ ଗୁଣର ହେବେ ଜନତା ନିଜକୁ ସେହି ଢାଞ୍ଚାରେ ପକାଇବାକୁ ଚେଷ୍ଟା କରିବେ। କାରଣ ଏ କଥା ସମସ୍ତଙ୍କୁ ଜଣା ଯେ ପରିବ୍ୟାପ୍ତ ଭ୍ରଷ୍ଟ ବ୍ୟବସ୍ଥା ମଧ୍ୟରେ ସାଧୁ ଲୋକଟେ ତିଷ୍ଠିରହିବା କଷ୍ଟକର ବ୍ୟାପାର। ତାକୁ ତଳି ତଳାନ୍ତ ହେବାକୁ ପଡେ। ତେଣୁ ସେ ଅବସ୍ଥା ସହିତ ବୁଝାମଣା କରିନିଏ।

ପୂର୍ବେ ରାଜତନ୍ତ୍ର କାଳରେ ରାଜପୁତ୍ରମାନଙ୍କୁ ଶ୍ରେଷ୍ଠଶିକ୍ଷା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଥିଲା। ସାମରିକ ଶିକ୍ଷା ସହିତ, ଦର୍ଶନ, ନୈତିକତା, କଳା ଓ ସ୍ଥାପତ୍ୟ ଉପରେ ତାଙ୍କୁ ଯଥେଷ୍ଟ ଜ୍ଞାନ ପ୍ରଦାନ କରାଯାଉଥିଲା। ଉଦ୍ଦେଶ୍ୟ ଥିଲା ତାଙ୍କୁ ଜଣେ ଜଣେ ସୁଶାସକ ବନାଇବା। ତାଙ୍କ ମଧ୍ୟରେ ସତ୍ୟ, ନ୍ୟାୟ ଓ ଭାତୃତ୍ୱଭାବର ଭାବନାକୁ ଅଙ୍କୁରିତ କରିବାପାଇଁ ଭରପୁର ଚେଷ୍ଟାକରା ହେଉଥିଲା। ଜ୍ଞାନୀ ରାଜାମାନେ ସର୍ବଦା ଚେଷ୍ଟା କରୁଥିଲେ ପ୍ରଜାମାନେ କିପରି ସୁଖମୟ ଜୀବନ ଯାପନ କରିବେ। ସେମାନେ ସର୍ବଦା ଚେଷ୍ଟା କରୁଥିଲେ ସମସ୍ତଙ୍କୁ ଉଚିତ୍ ନ୍ୟାୟ ପ୍ରଦାନ ପାଇଁ। ଏହା ଭିନ୍ନକଥା ଥିଲା ଯେ ରାଜାମାନେ ଯୁଦ୍ଧ କରୁଥିଲେ। ଅନେକ ସମୟରେ ସେମାନେ ଏଥିପାଇଁ ବାଧ୍ୟ ହେଉଥିଲେ। ମୋଟାମୋଟି ଉପରେ ଦେଖିବାକୁ ଗଲେ ରାଜତନ୍ତ୍ର କାଳରେ ସାମାଜିକ ଜୀବନ ଶୃଙ୍ଖଳିତ ଥିଲା ଓ ସାଧୁତାକୁ ସମାଜରେ ଗୁରୁତ୍ୱ ଦିଆହେଉଥିଲା।

ନିଶ୍ଚିତରୂପେ ଗଣତନ୍ତ୍ର ଶ୍ରେଷ୍ଠ ଶାସନ ବ୍ୟବସ୍ଥା। ହେଲେ ଏହା ଠିକଭାବେ ନିୟନ୍ତ୍ରିତ ନହେଲେ ଏହାର ନକାରାତ୍ମକ ଦିଗଗୁଡିକ ପ୍ରାଧାନ୍ୟ ବିସ୍ତାର କରେ। ଏହି ଶାସନ ବ୍ୟବସ୍ଥା ଜନସାଧାରଣଙ୍କ ମତ ଅନୁସାରେ ଗଠିତ ହୁଏ। ଯେଉଁମାନେ ଲୋକପ୍ରତିନିଧି ହେବେ ସେମାନେ ସଚ୍ଚୋଟ, ସାଧୁ ଓ ବିଜ୍ଞ ବ୍ୟକ୍ତି ହେବା ଆବଶ୍ୟକ। ଏହି ପ୍ରକାର ଲୋକଙ୍କୁ ସାଧାରଣ ଜନତା ବାଛିବା ଜରୁରୀ। ଭ୍ରଷ୍ଟାଚାରୀ, ମୂର୍ଖ ଓ ଅସାଧୁମାନେ ନିର୍ବାଚିତ ହୋଇଆସିଲେ ଗଣତନ୍ତ୍ର ଦିଗହରା ହୋଇଯାଏ। ଜଣେ ମୂର୍ଖ କାହିଁ ବୁଝିବ ଶିକ୍ଷାର ମୂଲ୍ୟ। ତେଣୁ ସେ ଚାହିଁବ ଶିକ୍ଷା ବ୍ୟବସ୍ଥା ଧ୍ୱଂସ ହେଉ ଓ ଲୋକମାନେ ତାଙ୍କପରି ମୂର୍ଖ ରହନ୍ତୁ। ଏମାନେ ଧର୍ମ, ଜାତି ଓ ଅଞ୍ଚଳ ନାମରେ ସମାଜକୁ ଭାଗଭାଗ କରନ୍ତି। ଜାତୀୟ ଐକ୍ୟକୁ ନଷ୍ଟ କରନ୍ତି। ଭୋଟପାଇଁ ଏମାନେ ସବୁ କରିପାରନ୍ତି। ଜଣେ ଭ୍ରଷ୍ଟାଚାରୀ ଲୋକପ୍ରତିନିଧି ଚାହିଁବ ଅଧିକରୁ ଅଧିକ କେତେ ଅର୍ଥକୁ ଆତ୍ମସାତ୍ କରାଯାଇପାରେ। ଲୋକମାନଙ୍କୁ କେତେ ଶୋଷଣ କରାଯାଇ ପାରେ। ବେଳେବେଳେ ଦଳେ ଲାଭଖୋରୀ ପୁଞ୍ଜିପତି ବୋଲକରା ଭ୍ରଷ୍ଟାଚାରୀକୁ ଉଚ୍ଚ ଆସନରେ ବସାଇବା ପାଇଁ ବିପୁଳ ଅର୍ଥ ଖଟାନ୍ତି ଏବଂ ଜିତିଗଲା ପରେ ଇଚ୍ଛା ମୁତାବକ ଲକ୍ଷ ଲକ୍ଷ କୋଟି ଟଙ୍କା ସରକାରଙ୍କଠାରୁ ବିଭିନ୍ନ ଆଳରେ ମାରି ନିଅନ୍ତି। ରାଜନୀତି ବି ତାଙ୍କ ପାଇଁ ବେପାରରେ ପରିଣତ ହୁଏ।

ବଡନେତା ଭ୍ରଷ୍ଟାଚାରୀ ଓ ଅବିବେକୀ ହେଲେ ଛୋଟ ନେତାମାନେ ବାଦ୍ ପଡ଼ିବେ କାହିଁକି। ସେମାନେ ବି ସମାନ ଢାଞ୍ଚାରେ ପଡ଼ନ୍ତି। ରାଜନୈତିକ ବ୍ୟବସ୍ଥା ଯେତେବେଳେ କଳୁଷିତ ହୋଇଯାଏ, ପ୍ରଶାସନିକ ବ୍ୟବସ୍ଥା ମଧ୍ୟ କଳୁଷିତ ହୋଇଯାଏ। ଶାସକ ଓ ପ୍ରଶାସକ ମଧ୍ୟରେ ବୁଝାମଣା ହୋଇଯାଏ ଅର୍ଥ ଆତ୍ମସାତ୍ କରିବାର। ଫଳରେ ନାନା ଅନିୟମିତତା ଦେଖାଦିଏ। ପ୍ରିୟାପ୍ରୀତି ତୋଷଣ ବଢେ। ଗୁଣ୍ଡା, ଧର୍ଷଣକାରୀ, ମାଫିଆ, କଳାବଜାରୀ ପ୍ରଭୃତି ଲୋକମାନେ କ୍ଷମତା ବଳୟକୁ ପଶିଆସନ୍ତି। କ୍ରମେ ଗଣତାନ୍ତ୍ରିକ ମୂଲ୍ୟବୋଧ ହ୍ରାସ ପାଇବାରେ ଲାଗେ। ଗଣତନ୍ତ୍ରର ସମସ୍ତ ସ୍ତମ୍ଭକୁ ଭ୍ରଷ୍ଟ ଲୋକମାନେ କବଳିତ କରିନିଅନ୍ତି ଓ ନିଜ ଇଚ୍ଛାର ଶାସନ ଚଳାନ୍ତି। ଗଣତନ୍ତ୍ର ଧ୍ୱଂସାଭିମୁଖୀ ହୁଏ। ଚାରିଆଡ଼େ ଅରାଜକତା ଦେଖାଦିଏ। ଭ୍ରଷ୍ଟାଚାରୀମାନେ ଜାଣିଜାଣି ଅରାଜକତା ସୃଷ୍ଟି କରନ୍ତି। ଫଳରେ ତାଙ୍କୁ ଏକଛତ୍ରବାଦୀ ଶାସନ ପ୍ରତିଷ୍ଠା କରିବାକୁ ସହଜ ହୁଏ। ଦେଶକୁ ଲୁଟିବାକୁ ସହଜ ହୁଏ।

ଗଣତନ୍ତ୍ରକୁ ବଞ୍ଚାଇ ରଖିବାକୁ ହେଲେ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଉଚ୍ଚ ସୋପାନକୁ ନେଇଯିବାକୁ ହେଲେ ଜନସଚେତନତା ବଢାଇବାକୁ ହେବ। ସମସ୍ତଙ୍କୁ ସତର୍କ ରହିବାକୁ ହେବ ଯେଉଁପରି ଭ୍ରଷ୍ଟାଚାରୀ, ଅସାଧୁ ଓ ନିମ୍ନ ବିଚାରଧାରାର ଲୋକମାନେ ସାମ୍ବିଧାନିକ ପଦପଦବୀକୁ ନଯାନ୍ତି। ଅନ୍ୟଥା ଏମାନେ ସାଧାରଣ ଜନତାଙ୍କ ଆଦର୍ଶ ବନିଯିବେ ଓ ସାଧାରଣ ଜନତା ମଧ୍ୟ ଏମାନଙ୍କୁ ଆଦର୍ଶ ଭାବି ଅନୁସରଣ କରିବା ଆରମ୍ଭ କରିବେ। ରାଜାଙ୍କ ଗୁଣେ ପ୍ରଜା ହେଲାପରି ଏହି ନେତାଙ୍କ ଗୁଣେ ପ୍ରଜା ବନିଯିବେ। ଆମ ଦେଶର ରାଜନୈତିକ ବ୍ୟବସ୍ଥା ସାଧାରଣ ଜନତାଙ୍କୁ ବିଭ୍ରାନ୍ତ କରିଛି। ମଦ, ମାଂସ, ଟଙ୍କା ବାଣ୍ଟି ଗଣତାନ୍ତ୍ରିକ ବିଚାରଧାରାକୁ ନଷ୍ଟ କରିଦେଇଛନ୍ତି। ଜନସାଧାରଣ ମଧ୍ୟ ପ୍ରଲୋଭନର ଶିକାର ହେଉଛନ୍ତି। ଭଲମନ୍ଦ ବିଚାର କରାଯାଉ ନାହିଁ। କିଏ କେତେଦେବ ତାହା ଭୋଟ ଦେବାର ମାନଦଣ୍ଡ ହୋଇଯାଇଛି। ଫଳରେ ଅର୍ଥବଳି ଓ ବାହୁବଳିମାନେ କ୍ଷମତା ଦଖଲକରି ନେଇଛନ୍ତି। ଗଣତନ୍ତ୍ରି ଧନତନ୍ତ୍ର ଓ ବଳତନ୍ତ୍ରରେ ପରିଣତ ହୋଇଛି। ରାଜନୈତିକ ଆଦର୍ଶ ଲୋପ ପାଇ ଯାଇଛି।

ଦେଶବାସୀଙ୍କୁ ପୁଣି ବୌଦ୍ଧିକ ଆନ୍ଦୋଳନକୁ ଓହ୍ଲାଇବାକୁ ପଡିବ। ଆଦର୍ଶ ଉପରେ ପ୍ରତିଷ୍ଠିତ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ପଡିବ। ସଚ୍ଚୋଟ, ଆଦର୍ଶବାଦୀ, ବିଜ୍ଞ ଓ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ଶାସକର ଆସନରେ ବସାଇବାକୁ ହେବ। ଯେଉଁମାନେକି ସାଧାରଣ ଜନତାଙ୍କ ପାଇଁ ପ୍ରେରଣାର ଉତ୍ସ ହେବେ ତଥା ଅନୁକରଣୀୟ ବ୍ୟକ୍ତିତ୍ୱ ମଧ୍ୟ ହେବେ। ଫଳରେ 'ରାଜା ଗୁଣେ ପ୍ରଜା' ଉକ୍ତିର ଯଥାର୍ଥତା ପ୍ରତିପାଦନ ହେବ। ସ୍ୱଚ୍ଛ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠିତ ହେବ। ଆଦର୍ଶବାଦୀ ନେତୃତ୍ୱ ଦେଶପାଇଁ ମଙ୍ଗଳ ଦାୟକ ହେବ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୯ ଅପ୍ରେଲ ୨୦୨୪ ମଙ୍ଗଳବାର





# ବୁଥ୍‌ରେ ଆବଶ୍ୟକ ସର୍ବନିମ୍ନ ସୁବିଧା ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**



ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନସଭା ସାଧାରଣ ନିର୍ବାଚନ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନର ପ୍ରସ୍ତୁତିରେ ମତଦାନ ପାଇଁ ନିର୍ଦ୍ଧାରିତ ସମସ୍ତ ବୁଥ୍‌ରେ ମତଦାତାଙ୍କ ପାଇଁ ଆବଶ୍ୟକ ସର୍ବନିମ୍ନ ସୁବିଧା ଉପଲବ୍ଧ ନିଶ୍ଚିତତା ନେଇ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସମୀକ୍ଷା କରିଛନ୍ତି। ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆର.ଓ ଭାବେ ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ସମ୍ବିତ କୁମାର ଗଡ଼ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ ମନୋଜ ପାତ୍ର, ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ଏହି ବୈଠକରେ ଯୋଗଦେଇ ସମୀକ୍ଷା ପାଇଁ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାରେ ସମୁଦାୟ ୧୩୦୯ଟି ବୁଥ୍‌ରେ ମତଦାନ ଗ୍ରହଣ କରାଯିବ। ସମସ୍ତ ବୁଥ୍‌ରେ ସର୍ବନିମ୍ନ ସୁବିଧା ହିସାବରେ ପାନୀୟ ଜଳ, ଶୌଚାଳୟ, ର୍‍ୟାମ୍ପ, ମତଦାତା ମାନଙ୍କ ପାଇଁ ଛାୟାପ୍ରଦ ଆଶ୍ରୟ ସ୍ଥଳ, ବିଦ୍ୟୁତ୍ ପଙ୍ଖା, ବସିବା ପାଇଁ ଚୌକି ଆଦିର ବ୍ୟବସ୍ଥା, ଦିବ୍ୟାଙ୍ଗ ଭୋଟରମାନଙ୍କ ପାଇଁ ହ୍ୱିଲ୍ ଚେୟାର, ଭୋଟର ମାନଙ୍କ ପାଇଁ ବୁଥ୍ ପରିସରରେ ମତଦାନ କକ୍ଷ ବାହାରେ ଭୋଟର ସହାୟତା କେନ୍ଦ୍ର, ବିଦ୍ୟୁତ୍ ସଂଯୋଗ, ବୁଥ୍ ପରିସର ପରିଷ୍କାର ପରିଚ୍ଛନ୍ନ ରଖାଯିବା, ପୁଲିଂ ଦଳ, ପୁଲିଂ ଏଜେଣ୍ଟ, ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଭୋଟର ଆଦି ମାନଙ୍କ ପାଇଁ ଆବଶ୍ୟକ ଚୌକି ଓ ଫର୍ଣ୍ଣିଚର ଆଦି ସମସ୍ତ ଆନୁସଙ୍ଗିକ ସୁବିଧା ଉପଲବ୍ଧ ନିଶ୍ଚିତତା କରିବା ନେଇ ବୈଠକରେ ଉପସ୍ଥିତ ସମସ୍ତ ବି.ଡ଼ି.ଓ., ତହସିଲଦାରମାନେ ତଥ୍ୟ ଉପସ୍ଥାପନ କରିଥିଲେ। ସୂଚନା ଯୋଗ୍ୟକି ଜିଲ୍ଲାର ୫ଟି ବିଧାନସଭା ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍ ମଧ୍ୟରେ ୨୬୦ଟି ଆଦର୍ଶ ବୁଥ୍ ରହିଛି। ସେଥିମଧ୍ୟରେ ୧୩୦ଟି ବୁଥ୍‌କୁ ସଖୀ ବୁଥ୍ ଏବଂ ଅନ୍ୟ ୧୩୦ଟି ବୁଥ୍ ମଧ୍ୟରେ ଆଞ୍ଚଳିକ ସଂସ୍କୃତି, କ୍ରୀଡ଼ା, ସବୁଜ ସାଥୀ ବୁଥ୍ ଭାବେ ପ୍ରସ୍ତୁତ କରାଯିବ। ମତଦାନ ଦିବସର ଯଥେଷ୍ଟ ପୂର୍ବରୁ ସମସ୍ତ ସୁବିଧା ସମସ୍ତ ବୁଥ୍ ମାନଙ୍କରେ ଉପଲବ୍ଧ କରାଇବାକୁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଡେପୁଟୀ କଲେକ୍ଟର ନିର୍ବାଚନ ସାଗରିକା ସାହୁ, ଜିଲ୍ଲା ଶିକ୍ଷାଧିକାରୀ ଅଙ୍କୁର ବାରିକ୍, ଜିଲ୍ଲାର ସମସ୍ତ ବି.ଡ଼ି.ଓ., ତହସିଲଦାର ଓ ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଏହି ବୈଠକରେ ଉପସ୍ଥିତ ଥିଲେ।



# ବିକାଶ କାର୍ଯ୍ୟ ସମୀକ୍ଷା କଲେ ସ୍ୱତନ୍ତ୍ର ପ୍ରକଳ୍ପ ଅଧିକାରୀ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁରର ତିନୋଟି ବ୍ଲକରେ ସ୍ୱତନ୍ତ୍ର ପ୍ରକଳ୍ପ ଅଧିକାରୀଙ୍କ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା ଆନନ୍ଦପୁର ସ୍ୱତନ୍ତ୍ର ପ୍ରକଳ୍ପ ଅଧିକାରୀ ଜ୍ୟୋତି ପ୍ରକାଶ ଦାସ ଆନନ୍ଦପୁର ବ୍ଲକ, ଘସିପୁରା ବ୍ଲକ ଏବଂ ହାଟଡିହିରେ ପହଞ୍ଚି ବିଭିନ୍ନ ପଞ୍ଚାୟତ ଗୁଡିକ ଗସ୍ତ କରି ଉନ୍ନତି ମୂଳକ କାର୍ଯ୍ୟ ଗୁଡିକ ସମୀକ୍ଷା କରିଥିଲେ । ଆନନ୍ଦପୁର ବ୍ଲକ ସଭା ଗୃହରେ କାର୍ଯ୍ୟ ଗୁଡିକ ସମୀକ୍ଷା କରିଥିଲେ । ଏହି ବୈଠକରେ ପ୍ରକଳ୍ପ ନେର୍ଦ୍ଦେଶକ, ଆନନ୍ଦପୁର ବିଡ଼ିଓ, ହାଟଡିହି ବିଡ଼ିଓ ଏବଂ ଘସିପୁରା ବିଡ଼ିଓଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ସତ୍ତା ପାଇଁ ମୁହାଁମୁହିଁ ହେବେ ପ୍ରକାଶ-ମୋକିମ୍:ରୋଚକ ହେବ ଲଢ଼େଇ

**କଟକ, ନ୍ୟୁଜ୍ ବ୍ୟୁରୋ**

ଏକଦା ଉଭୟ ଗୋଟିଏ ଦଳରେ ଥିଲେ । ଜଣେ ନଗର ସଭାପତି ତ ଆଉ ଜଣେ ଜିଲ୍ଲା ସଭାପତି । ଜଣେ ସହରର ନେତୃତ୍ୱ ନେଉଥିଲେ ତ ଆଉ ଜଣେ ଜିଲ୍ଲାର । ୨୦୧୯ ନିର୍ବାଚନ ପୂର୍ବରୁ ପ୍ରକାଶ ବେହେରା ଏବଂ ମହମ୍ମଦ ମୋକିମ୍ କଂଗ୍ରେସର ଦୁଇ ଟାଣୁଆ ନେତା ଭାବେ କଟକ ଜିଲ୍ଲାରେ ସଂଗଠନକୁ ମଜଭୁତ୍ କରିଥିଲେ । କିନ୍ତୁ ଆଜି ଉଭୟ ଗୋଟିଏ ବିଧାନସଭା କ୍ଷେତ୍ରରେ ପରସ୍ପରର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛନ୍ତି । ଯେଉଁଠି କଂଗ୍ରେସ୍ ଉଭୟଙ୍କୁ ଏକାଠି କରିଥିଲା ସେଠି ବିଜେଡି ବାରବାଟୀ-କଟକରେ ଉଭୟଙ୍କୁ ପରସ୍ପରର ପ୍ରତିଦ୍ୱନ୍ଦ୍ୱୀ ଭାବେ ଲଢାଉଛି । ଇଂ. ମହମ୍ମଦ ମୋକିମ୍ ଏବଂ ପ୍ରକାଶ ଚନ୍ଦ୍ର ବେହେରାଙ୍କ ମୂଳଦୁଆ କଂଗ୍ରେସରେ ତିଆରି ହୋଇଛି । ଲଗାତର୍ ତିନିଟି ପରାଜୟ ସତ୍ତ୍ୱେ ପ୍ରକାଶ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ । ତିନି ଥର ପରାଜୟ ପରେ ବିଜୟ ସ୍ୱାଦ ଚାଖିଥିଲେ ସାଲେପୁରରେ । ଅନ୍ୟପକ୍ଷରେ ପ୍ରଥମ ଲଢେଇରେ ପରାସ୍ତ ହୋଇଥିଲେ ମଧ୍ୟ ଦ୍ୱିତୀୟ ନିର୍ବାଚନରେ ବିଜୟୀ ହୋଇ ମୋକିମ୍ ରାଜ୍ୟ କଂଗ୍ରେସରେ ନିଜର ସ୍ୱତନ୍ତ୍ର ପତିଆରା ସୃଷ୍ଟି କରିଥିଲେ । ପ୍ରକାଶ ବେହେରାଙ୍କର ସଙ୍ଗଠନ ମୁଖ୍ୟତଃ ସାଲେପୁର ଓ ଗ୍ରାମାଞ୍ଚଳ ଭିତରେ ସୀମିତ ରହିଥିଲା । ସେହିପରି ମୋକିମ୍‌ଙ୍କ ସଙ୍ଗଠନ କଟକ ସହର ସହିତ ରହିଥିଲା । ଗୋଟେ ସମୟରେ ଉଭୟ ଜିଲ୍ଲା ଏବଂ ସହରର ଗୁରୁତ୍ୱପୂର୍ଣ୍ଣ ପଦରେ ରହିଥିଲେ । ଉଭୟଙ୍କୁ କଂଗ୍ରେସର ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟରେ ଦେଖିବାକୁ ମିଳୁଥିଲା । ଯଦିଓ ଉଭୟଙ୍କ ହାତରେ ଜିଲ୍ଲାର କଂଗ୍ରେସ ସଙ୍ଗଠନ ରହିଥିଲା କିନ୍ତୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ସେତେ ଉଷ୍ମ ନଥିଲା । କିନ୍ତୁ ଦଳୀୟ ଶୃଙ୍ଖଳା ଦୃଷ୍ଟିରୁ ଉଭୟ ହାତ ଧରାଧରି ହୋଇ ଚାଲୁଥିଲେ । ପ୍ରଥମେ ପ୍ରକାଶ ବେହେରା କଂଗ୍ରେସ୍ ହାତ ଛାଡ଼ି ଦେଇଥିଲେ । ଯଦିଓ ମଝିରେ ମୋକିମ୍‌ଙ୍କର କିଛି ସମୟ ପାଇଁ କଂଗ୍ରେସ ସହ ସମ୍ପର୍କ ଛିନ୍ନ ହୋଇଥିଲା କିନ୍ତୁ ପୁନର୍ବାର ପୁଣି ଯୋଡ଼ି ହୋଇଯାଇଥିଲା । ଯେହେତୁ ପ୍ରକାଶ ଏବଂ ମୋକିମ୍‌ଙ୍କ ନିର୍ବାଚନମଣ୍ଡଳୀ ଅଲଗା ଅଲଗା ତେଣୁ ଉଭୟଙ୍କ ମଧ୍ୟରେ ଖୋଲାଖୋଲି ଟକ୍କର୍ କେବେ ଦେଖିବାକୁ ମିଳିନଥିଲା । କିନ୍ତୁ ଏବେ ହଠାତ୍ ପ୍ରକାଶଙ୍କର ବାରବାଟୀ-କଟକରେ ଆବିର୍ଭାବ ହେବା ପରେ ରାଜନୈତିକ ସମୀକରଣ ସମ୍ପୂର୍ଣ୍ଣ ବଦଳି ଯାଇଛି । ଉଭୟ ଉଭୟଙ୍କର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହୋଇଛନ୍ତି । ଉଭୟଙ୍କ ମଧ୍ୟରେ ଲଢେଇ ରୋଚକ ହେବ ବୋଲି ଆଶା କରାଯାଉଛି ।



# ବେଙ୍ଗାଲୁରୁରେ ଉତ୍କଳ ଦିବସ ପାଳନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଭାରତୀୟ ସିଟ୍ ନିକୋ ହୋମ୍‌ରେ କେନ୍ଦ୍ରାପଡା ବାସିନ୍ଦାଙ୍କ ସହିତ ୨୦୦ରୁ ଉର୍ଦ୍ଧ୍ୱ ଓଡ଼ିଶାବାସୀ ମାନେ ଧୁମ୍‌ଧାମ୍‌ରେ ଉତ୍କଳ ଦିବସ ପାଳନ କରିଛନ୍ତି । ପ୍ରାରମ୍ଭରେ ଶ୍ରୀ ଜଗନ୍ନାଥଙ୍କ ଫଟୋ ଚିତ୍ରରେ ପ୍ରଦ୍ୱୀପ ପ୍ରଜ୍ୱଳନ କରିଥିଲେ । କାର୍ଯ୍ୟକ୍ରମରେ ରମେଶ ଚନ୍ଦ୍ର ପ୍ରଧାନ, ଡାକ୍ତର ଗୁଣରାଣୀ ପଟ୍ଟନାୟକ, ନିମାଇଁ ଚରଣ ଖୁଣ୍ଟିଆ, ଗୋବିନ୍ଦ ଚନ୍ଦ୍ର ବେହେରା, ରେଣୁକା ପ୍ରଧାନ ପ୍ରମୁଖ ଉତ୍କଳ ଦିବସ ସମ୍ପର୍କରେ ନିଜ ନିଜର ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ, ପଲ୍ଲୀ ନୃତ୍ୟ, ସମ୍ବଲପୁର ନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

# ନିର୍ବାଚନୀ ପ୍ରଚାରପତ୍ରରେ ପ୍ରକାଶକ ଓ ମୁଦ୍ରକରଙ୍କ ନାମ, ଠିକଣା, କପି ସଂଖ୍ୟା ଦର୍ଶାଇବା ବାଧ୍ୟତାମୂଳକ

**ଭଦ୍ରକ, ନ୍ୟୁଜ୍ ବ୍ୟୁରୋ**

ଆଗାମୀ ସାଧାରଣ ନିର୍ବାଚନ ଅବସରରେ ପ୍ରାର୍ଥୀ, ରାଜନୈତିକ ଦଳ ଆଦିମାନଙ୍କ ଦ୍ୱାରା ନିର୍ବାଚନ ପ୍ରଚାର ପ୍ରସାର ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଉଥିବା ସମସ୍ତ ନିର୍ବାଚନୀ ପାମ୍ଫଲେଟ, ପୋଷ୍ଟର, ଅନ୍ୟାନ୍ୟ ପ୍ରଚାର ପତ୍ରରେ ସମ୍ପୃକ୍ତ ପ୍ରକାଶକ ଓ ମୁଦ୍ରାକରଙ୍କ ନାମ, ଠିକଣା ଓ ମୁଦ୍ରିତ କପିର ସଂଖ୍ୟା ସମ୍ମୁଖ ଭାଗରେ ସ୍ଥାନ ପାଇବା ବାଧ୍ୟତା ମୂଳକ । ଏ ନିୟମର ଉଲ୍ଲଂଘନ ହେଲେ ଆର.ପି. ଆକ୍ଟ ୧୯୫୧ ଧାରା ୧୨୭ ଅନୁସାରେ ପ୍ରଶାସନ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ବେଆଇନ୍ ଗାର୍ଡୱାଲ ଭାଙ୍ଗିବା ନିର୍ଦ୍ଦେଶକୁ ଗ୍ରାମ୍ୟ ଉନ୍ନୟନ ବିଭାଗର ଅବଜ୍ଞା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ଓ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ମଧ୍ୟରେ ଚାଲିଥିବା ଲୁଚକାଳି ଖେଳକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଜଳସମ୍ପଦ ବିଭାଗର ବିନା ନିର୍ଦ୍ଦେଶରେ ବେଆଇନ୍ ଭାବେ ନିର୍ମାଣ କରାଯାଇଥିବା ଗାର୍ଡୱାଲକୁ ଭାଙ୍ଗିବା ନିମନ୍ତେ ଜଳ ସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜିବ କୁମାର କଡ଼ା ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ୨୪ ଘଣ୍ଟା ନପୁରୁଣୁ ଗ୍ରାମ୍ୟ ଉନ୍ନୟନ ବିଭାଗ ତାଙ୍କ ନିର୍ଦ୍ଦେଶକୁ ବେଖାତିର କରି ଜୋର୍ ଜବରଦସ୍ତ ଗାର୍ଡୱାଲ ନିର୍ମାଣ କରିବା ଘଟଣାକୁ ନେଇ ସାଧାରଣରେ ମୁଖ୍ୟ ଆଲୋଚ୍ୟର ବିଷୟ ହୋଇଛି। ସୂଚନା ଥାଉକି ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ମନମାନିରେ ଦୀର୍ଘ ଦିନ ହେଲା କେନ୍ଦୁପାଟଣା ଜଳ ସମ୍ପଦ ବିଭାଗ ଅଧିନରେ ଥିବା ୮ ଇ-୧ ନମ୍ବର କେନାଲ ଶଯ୍ୟାରେ ବେଆଇନ୍ ଭାବେ ଗାର୍ଡୱାଲ ନିର୍ମାଣ କାର୍ଯ୍ୟ କରାଯାଉଛି। ଏହି ଗାର୍ଡୱାଲ ନିର୍ମାଣ ନିମନ୍ତେ ଗ୍ରାମ୍ୟ ଉର୍ନ୍ନୟନ ବିଭାଗ ଜଳ ସମ୍ପଦ ବିଭାଗର କୌଣସି ଅନୁମତି ନନେଇ ବେଆଇନ୍ ଭାବେ ନିର୍ମାଣ କରୁଥିବାର ଅଭିଯୋଗ ହୋଇଛି। ଏପରିକି ଅଟକଳ ଅନୁଯାଇ ଏହି ଗାର୍ଡୱାଲ ନିର୍ମାଣ କରାଯାଉନଥିଲା ବେଳେ ନିର୍ମାଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା କରାଯାଉଥିବାର ଅଭିଯୋଗ ହୋଇଥିଲା । ଏପରିକି ଠିକାଦାର ମନମୁଖି ଭାବେ କେନାଲ ଶଯ୍ୟା ତାଡି ଅତ୍ୟନ୍ତ ନିମ୍ନମାନର ଗାର୍ଡୱାଲ ନିର୍ମାଣ କରୁଥିବା ଘଟଣା କାହାରିକୁ ଅଛପା ନାହିଁ। ସେହିପରିଭାବେ ଗ୍ରାମ୍ୟ ଉନ୍ନୟନ ବିଭାଗର ଜ୍ଞାତସାରରେ ଠିକାଦାର କେନାଲ ଶଯ୍ୟାରେ ଗାର୍ଡୱାଲ ନିର୍ମାଣ କରୁଥିବା ବେଳେ ଜମିକୁ ଜଳ ସେଚନ ହେବା ନିମନ୍ତେ ନିର୍ମାଣ କରାଯାଇଥିବା ସମସ୍ତ ସୋଠ ଗୁଡିକୁ ବନ୍ଦ କରି



ଦେଇଛନ୍ତି। ଫଳରେ ଦୀର୍ଘ ଦୁଇ ତିନି ବର୍ଷ ହେଲା ନିଶ୍ଚିନ୍ତକୋଇଲି ନଟକାଇ ଗ୍ରାମପଞ୍ଚାୟତର ଶହ ଶହ ଏକର ଜମି ଜଳ ସେଚନରୁ ବଞ୍ଚିତ ହେଉଛି। ଶହ ଶହ ଚାଷୀ ବ୍ୟାପକ କ୍ଷତିଗ୍ରସ୍ତ ହେଉଛନ୍ତି। ଠିକାଦାର ନିଜ ମର୍ଜିରେ ଓ ଅତ୍ୟନ୍ତ ମନ୍ଥର ଗତିରେ ଦୀର୍ଘ ଦୁଇ ବର୍ଷ ହେଲା ଗାର୍ଡୱାଲ ନିର୍ମାଣ କରୁଥିଲେ ମଧ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର କୌଣସି ବିଭାଗୀୟ ଯନ୍ତ୍ରୀ କାର୍ଯ୍ୟର ତଦାରଖ କରୁନଥିବାର ଅଭିଯୋଗ ହୋଇଛି। ତେବେ ଶନିବାର ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ସଞ୍ଜିବ କୁମାର ଘଟଣାସ୍ଥଳ ପରିଦର୍ଶନ କରି ବେଆଇନ୍ ଭାବେ ନିର୍ମାଣ କରାଯାଇଥିବା ଏହି ଗାର୍ଡୱାଲକୁ ଭାଙ୍ଗିଦେବାକୁ ବିଭାଗୀୟ ଅଧିକାରୀ କଡ଼ା ନିର୍ଦ୍ଦେଶ ଦେଇଥିଲେ। ତେବେ ଅଧିକ୍ଷଣ ଯନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅବମାନନା କରି ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଜୋର୍‌ଜବରଦସ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ରଣା ଓ କନିଷ୍ଠ ଯନ୍ତ୍ରୀ ଉର୍ମି ପ୍ରିୟଦର୍ଶିନୀଙ୍କ ଉପସ୍ଥିତିରେ ଏହି ଗାର୍ଡୱାଲ ନିର୍ମାଣ କାର୍ଯ୍ୟ ଚାଲୁରହିଥିବାର ଜଣାଯାଇଛି। ଅପରପକ୍ଷରେ ସମଗ୍ର ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଜଳ ସମ୍ପଦ ବିଭାଗର ଦାୟିତ୍ୱହୀନତା ଓ କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ନିଶ୍ଚିନ୍ତକୋଇଲି ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବହୁ କେନାଲରେ ଏହିପରି ଭାବେ ଜବର ଦଖଲ କରାଯାଇ ରାସ୍ତା ଓ ଗାର୍ଡୱାଲ ନିର୍ମାଣ କରାଯାଉଥିବା କାରଣରୁ ବହୁ ଜମି ଜଳସେଚନ ହେବାରୁ ବଞ୍ଚିତ ହେଉଥିବାର ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଚାଷୀ ମହଲରେ ଉଦ୍‌ବେଗ ପ୍ରକାଶ ପାଇଛି।

# ତଦାରଖ ଅଭାବରୁ ବିଏମ୍‌ସି କର୍ମଚାରୀ ଲଗାମଛଡ଼ା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ମହାନଗର ନିଗମର ଅଧିକାରୀ ଏବଂ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ବର୍ତ୍ତମାନ ଲଗାମ ଛଡ଼ା ହୋଇଗଲେଣି । କାର୍ଯ୍ୟାଳୟକୁ ଯିବା ଆସିବାର କୌଣସି ନିର୍ଦ୍ଦିଷ୍ଟ ସମୟ ରହୁନି । କିଏ କେତେବେଳେ ଆସୁଛନ୍ତି ଏବଂ କିଏ ଯାଉଛନ୍ତି ତାହାର ତଦାରଖ କରିବାକୁ ଯେମିତି କେହିନାହାନ୍ତି । ଅନ୍ୟପଟେ ବିଭିନ୍ନ କାମ ପାଇଁ ମହାନଗର ନିଗମ କାର୍ଯ୍ୟାଳୟକୁ ଯାଉଥିବା ସହରବାସୀ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ନପାଇ ନିରାଶରେ ଫେରୁଛନ୍ତି । କର୍ମଚାରୀଙ୍କ ଉପସ୍ଥାନ ରେକର୍ଡ଼ ରଖିବା ପାଇଁ କାର୍ଯ୍ୟାଳୟ ପରିସରରେ ଯେଉଁ ବାୟୋମାଟ୍ରିକ୍ ଯନ୍ତ୍ରଗୁଡ଼ିକ ରହିଛି, ସେଗୁଡ଼ିକୁ ଖରାପ କରିଦିଆଯାଇଥିବା ଅଭିଯୋଗ ହେଉଛି । ଗତ ଜୁଲାଇ ୧୮ ତାରିଖରେ ତତ୍‌କାଳୀନ ଆୟୁକ୍ତଙ୍କ ତରଫରୁ ଏକ ନିର୍ଦ୍ଦେଶନାମା ଜାରି ହୋଇଥିଲା । ଉଲ୍ଲେଖ ରହିଥିଲା ଯେ, କେତେକ କର୍ମଚାରୀ ସମୟାନୁବର୍ତ୍ତୀ ହୋଇପାରୁନାହାନ୍ତି । ଅଧିକାଂଶ ସମୟରେ କାର୍ଯ୍ୟାଳୟରେ ଅନୁପସ୍ଥିତ ରହୁଛନ୍ତି । ପୂର୍ବରୁ ବାରମ୍ବାର ଏ ସମ୍ପର୍କରେ ନିର୍ଦ୍ଦେଶନାମା ଜାରି ହୋଇଛି । କିନ୍ତୁ କୌଣସି ନିର୍ଦ୍ଦେଶନାମାକୁ ସେମାନେ ପାଳନ କରୁନାହାନ୍ତି । କାର୍ଯ୍ୟାଳୟକୁ ବିଳମ୍ବରେ ଆସିବା ଏକ ଅପରାଧ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଯୋଗ୍ୟ । କାର୍ଯ୍ୟାଳୟ ସମୟ ହେଉଛି ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ସାଢ଼େ ୫ଟା । ମଧ୍ୟାହ୍ନ ଭୋଜନ ପାଇଁ ଅଧ ଘଣ୍ଟାଏ ବିରତି ମଧ୍ୟ ରହିଛି । କିନ୍ତୁ ଦେଖିବାକୁ ମିଳୁଛି ଯେ, ଅଧିକାଂଶ ଅଧିକାରୀ ଏବଂ କର୍ମଚାରୀ ପୂର୍ବାହ୍ନ ସାଢ଼େ ୧୧ଟା ପରେ କାର୍ଯ୍ୟାଳୟକୁ ଆସୁଛନ୍ତି । କେବଳ କାର୍ଯ୍ୟାଳୟକୁ ଆସିବାରେ ନିୟମକୁ ଉଲ୍ଲଂଘନ କରୁନାହାନ୍ତି ବରଂ ମଧ୍ୟାହ୍ନ ଭୋଜନ ସମୟରେ ମଧ୍ୟ ବିଭ୍ରାଟ ହେଉଛି । ଅନେକ କର୍ମଚାରୀ ଏକରୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ମଧ୍ୟାହ୍ନ ଭୋଜନରେ ଯାଉଛନ୍ତି । ଏଣୁ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସମୟାନୁବର୍ତ୍ତୀ ହେବାକୁ ତତ୍‌କାଳୀନ ଆୟୁକ୍ତ ପରାମର୍ଶ ଦେବା ସହ ପୂର୍ବାହ୍ନ ସାଢ଼େ ୧୦ଟା ପୂର୍ବରୁ କାର୍ଯ୍ୟାଳୟରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟାଳୟରେ ବାୟୋମେଟ୍ରିକ୍‌ରେ ଉପସ୍ଥାନ ଦେବା ମଧ୍ୟ ବାଧ୍ୟତାମୂଳକ କରାଯାଇଥିଲା । ଏଥିରେ ଉଲ୍ଲଂଘନ ହେଲେ ଉକ୍ତ ଦିବସକୁ ଅଧା କାର୍ଯ୍ୟ ଦିବସ ଭାବେ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । କିନ୍ତୁ ଏହି ନିର୍ଦ୍ଦେଶର କୌଣସି ପ୍ରଭାବ କର୍ମଚାରୀ କିମ୍ବା ଅଧିକାରୀଙ୍କ ଉପରେ ପଡିନାହିଁ । ଅଧିକାଂଶ କର୍ମଚାରୀ ବହୁ ବିଳମ୍ବରେ ଆସୁଛନ୍ତି । କାର୍ଯ୍ୟାଳୟକୁ ଆସୁଥିଲେ ମଧ୍ୟ ଅନେକ ସମୟରେ ନିଜ ଆସନରେ ଅନୁପସ୍ଥିତ ରହୁଛନ୍ତି । ବାବୁଙ୍କୁ ଖୋଜିଲେ, ତଳିଆ କର୍ମଚାରୀ କହୁଛନ୍ତି କ୍ଷେତ୍ର ପରିଦର୍ଶନରେ ଯାଇଛନ୍ତି । କ୍ଷେତ୍ର ପରିଦର୍ଶନ ବାହାନରେ ଅଧିକାଂଶ କର୍ମଚାରୀ ବ୍ୟକ୍ତିଗତ କାମରେ ବ୍ୟସ୍ତ ରହୁଛନ୍ତି । ଆୟୁକ୍ତ କିମ୍ବା ଅନ୍ୟ ଉଚ୍ଚ ପଦସ୍ଥ ଅଧିକାରୀ କୌଣସି ଯୋଜନାର ସମୀକ୍ଷା ବେଳେ ସମ୍ପୃକ୍ତ ବିଭାଗର ଅଧିକାରୀ ଅନୁପସ୍ଥିତ ରହୁଛନ୍ତି । ନିଗମ କାର୍ଯ୍ୟାଳୟ ପରିସରରେ ଥିବା ବାୟୋମାଟ୍ରିକ୍ ଉପସ୍ଥାନ ଯନ୍ତ୍ରଗୁଡ଼ିକ ଅନେକ ମାସ ହେଲା ଖରାପ ହୋଇଯାଇଛି । ଉଦ୍ଦେଶ୍ୟମୂଳକ ଭାବେ ସେଗୁଡ଼ିକୁ କାର୍ଯ୍ୟକ୍ଷମ କରାଯାଉନାହିଁ । ଉଚ୍ଚପଦସ୍ଥ ଅଧିକାରୀମାନେ ଏ ସମ୍ପର୍କରେ ଜାଣିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଉନାହାନ୍ତି । କର୍ମଚାରୀମାନେ ରହୁନଥିବା ଯୋଗୁଁ ଦିନ ତମାମ୍ ମହାନଗର ନିଗମ କାର୍ଯ୍ୟାଳୟ ଖାଁ ଖାଁ ରହୁଛି । କୌଣସି ପ୍ରକାର ଚେତାବନୀ କିମ୍ବା ତାଗିଦ୍‌ର ପ୍ରଭାବ କର୍ମଚାରୀଙ୍କ ଉପରେ ପଡୁନାହିଁ । ଏଭଳି ସ୍ଥିତି ଯୋଗୁଁ ଅଧିକାଂଶ ବିଭାଗ ଏକ ପ୍ରକାର ପଙ୍ଗୁ ପାଲଟି ଯାଇଛି । ଅଧିକାରୀ ଏବଂ କର୍ମଚାରୀମାନେ ଯେମିତି ଲଗାମ୍‌ଛଡ଼ା ହୋଇପଡ଼ିଛନ୍ତି । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।

# ସୋଆରେ 'ଇ-ସମିଟ ୨୦୨୪' ଉଦ୍‌ଘାଟିତ




ଶନିବାର ଆରମ୍ଭ ହୋଇଛି । ଦୁଇ ଦିନିଆ ଇ-ସମିଟ । ସୋଆ ଅନ୍ତର୍ଗତ ଅଟଳ ଇନ୍‌କ୍ୟୁବେସନ୍ ସେଣ୍ଟର ସୋଆ ଫାଉଣ୍ଡେସନ୍ ଓ ସେଣ୍ଟର ଫର୍ ଇନୋଭେସନ୍ ଆଣ୍ଡ ଇନ୍‌କ୍ୟୁବେସନ୍ (ସୋଆ-ସିଆଇଆଇ)ର ମିଳିତ ଆନୁକୂଲ୍ୟରେ ଏହି ସମିଟର ଆୟୋଜନ କରାଯାଇଛି । ଛାତ୍ରଛାତ୍ରୀ ମାନଙ୍କୁ ଷ୍ଟାର୍ଟଅପ୍ ପ୍ରତି ଅଧିକ ଆଗ୍ରହୀ କରିବାର ଲକ୍ଷ୍ୟ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍ ଓଡ଼ିଶାର ଏଗଜିକ୍ୟୁଟିଭ ଚେୟାରମ୍ୟାନ୍ ଡକ୍ଟର ଓଙ୍କାର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବପୀଢ଼ି ଆତ୍ମନିର୍ଭରଶୀଳ ହେବା ସହ ନିଯୁକ୍ତି ପ୍ରଦାନକାରୀ ଭାବେ ନିଜକୁ ଗଢ଼ି ତୋଳିବା ଉଚିତ୍ ବୋଲି ପରାମର୍ଶ ଦେଇଥିଲେ। ଏଥିନିମନ୍ତେ ଷ୍ଟାର୍ଟଅପ୍ ଗୁଡ଼ିକ ଅନେକ ସୁଯୋଗ ସୃଷ୍ଟି କରୁଥିବା ବେଳେ କମ୍ ପୁଞ୍ଜି ନିବେଶ କରି ବିଷୟରେ ସେ କହିଥିଲେ। ବର୍ତ୍ତମାନ ଓଡ଼ିଶାରେ ସୋଆ ଭଳି ଶିକ୍ଷାନୁଷ୍ଠାନ ଗୁଡ଼ିକ ଇନ୍‌କ୍ୟୁବେସନ୍ ସେଣ୍ଟର ଉପରେ ଅଧିକ ଗୁରୁତ୍ୱ ଦେଉଥିବା ଖୁବ୍ ଆନନ୍ଦର ବିଷୟ ବୋଲି ସେ କହିଥିଲେ। ଭାରତ ବର୍ତ୍ତମାନ ବିଶ୍ୱର ତୃତୀୟ ବୃହତ ଷ୍ଟାର୍ଟଅପ୍ ଅର୍ଥନୀତି ଭାବେ ନିଜକୁ ପ୍ରତିଷ୍ଠା କରିପାରିଛି ବୋଲି ପ୍ରକାଶ କରି ଡକ୍ଟର ରାୟ କହିଥିଲେ ଯେ ଓଡ଼ିଶାରେ ୧୯୪୦ଟି ସ୍ୱୀକୃତିପ୍ରାପ୍ତ ଷ୍ଟାର୍ଟଅପ୍ ରହିଥିବା ବେଳେ କୃଷି କ୍ଷେତ୍ରରେ ୧୫୧, ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସ କ୍ଷେତ୍ରରେ ୨୫, ଅଟୋମୋଟିଭ୍‌ରେ ୨୭, ଟେଲିକମ୍ୟୁନିକେସନ୍ ଆଣ୍ଡ ନେଟ୍‌ୱାର୍କିଂରେ ୧୩, ଶିକ୍ଷା କ୍ଷେତ୍ରରେ ୧୩୩, କନ୍‌ଭେନ୍‌ସ୍‌ନାଲ୍ ଏନର୍ଜିରେ ୨ ଓ ରିନ୍ୟୁଏବଲ୍ ଏନର୍ଜିରେ ୨୨ଟି ଷ୍ଟାର୍ଟଅପ୍ ଗଢ଼ି ଉଠିଥିବା ସେ କହିଛନ୍ତି । ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ପ୍ରଥମ ଥର ପାଇଁ ଏଭଳି ଇ-ସମିଟ ହେଉଥିବା କହିବା ସହ ଅଟଳ ଇନ୍‌କ୍ୟୁବେସନ୍ ସେଣ୍ଟର ଖୁବ୍‌ଶୀଘ୍ର ତା'ର କାୟା ବିସ୍ତାର କରିବ ବୋଲି ପ୍ରକାଶ କରିଥିଲେ। କେବଳ ଇଞ୍ଜିନିୟରିଂ ନୁହେଁ ମାତ୍ର ବିଭିନ୍ନ ପାଠ୍ୟକ୍ରମରେ ସୋଆରେ ଇନୋଭେସନ୍‌କୁ ଗୁରୁତ୍ୱ ଦିଆଯାଉଥିବା ସେ କହିଥିଲେ। ନିକଟରେ ଆଇଆଇଟି ହାଇଦ୍ରାବାଦ ପକ୍ଷରୁ ସୋଆର ଦୁଇଟି ପ୍ରୋଜେକ୍ଟକୁ ପ୍ରଶଂସା କରାଯାଇଥିବା ବେଳେ ସେଥିମଧ୍ୟରୁ ଗୋଟିଏ କୃଷି ଏବଂ ଅନ୍ୟଟି ଡେଣ୍ଟାଲ୍ ସାଇନ୍‌ସେସ୍ ବିଭାଗର ବୋଲି ସେ କହିଥିଲେ। ଏହି ଅବସରରେ କେନ୍ସ ସେମିକନ୍‌ର ସିଇଓ ରଘୁ ପାନିକର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଷ୍ଟାର୍ଟଅପ୍ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଅଧିକ ତଥ୍ୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଟିଇଆରର ଆଡିସ୍‌ନାଲ୍ ଡିନ୍ (ଷ୍ଟୁଡେଣ୍ଟ ଆଫେୟାର୍ସ) ପ୍ରଫେସର ରେଣୁ ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ସୋଆ-ସିଆଇଆଇ ସମ୍ପର୍କରେ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଡକ୍ଟର ରାୟ ଏକ ଷ୍ଟାର୍ଟଅପ୍ ଏକ୍ସପୋ ଓ ୨୪ ଘଣ୍ଟିଆ ଆଇଡିଆ ପ୍ରୋଟୋଟାଇପ୍ ହାକାଥନ୍ ଉଦ୍‌ଘାଟନ କରିଥିଲେ । ଆଇଟିଇଆରର ନିର୍ଦ୍ଦେଶକ ପ୍ରଫେସର ମାନସ କୁମାର ମଲ୍ଲିକ୍ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ରମ୍ଭା ଏନ୍‌ଏସିରେ ଖୋଲିଲା ଜଳଛତ୍ର:ଜୀବଜନ୍ତୁଙ୍କ କୁଣ୍ଡ ସ୍ଥାପନା କେବେ ?

**ରମ୍ଭା, ନ୍ୟୁଜ୍ ବ୍ୟୁରୋ**

କ୍ରମାଗତ ଭାବେ ପ୍ରବଳ ଗ୍ରୀଷ୍ମ ପ୍ରଭାବ ଓ ପ୍ରଚଣ୍ଡ ରୌଦ୍ର ତାପ ବୃଦ୍ଧି ଘଟୁଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ରମ୍ଭା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଶାଲତା ରଚମାଳାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅସ୍ଥାୟୀ ଜଳଛତ୍ର କେନ୍ଦ୍ର ଖୋଲାଯାଇଛି । ଏହାକୁ ଏନଏସି କର୍ମକର୍ତ୍ତାଙ୍କ ଉପସ୍ଥିତରେ ନିର୍ବାହୀ ଅଧିକାରୀ ଆରମ୍ଭ କରିଥିଲେ । ପ୍ରତ୍ୟେକ କେନ୍ଦ୍ରରେ ଯେମିତି ପାନୀୟ ଜଳର ଅଭାବ ଦେଖାନଯିବ ସେଥିପ୍ରତି ସଜାଗ ରହିବାକୁ ନିୟୋଜିତ କର୍ମକର୍ତ୍ତାଙ୍କୁ ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି । ସଠିକ୍ ସମୟରେ ଜଳଛତ୍ର ଖୋଲାଯାଇଥିବାରୁ ଅଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି । କିନ୍ତୁ ଖରାର ପ୍ରକୋପରେ ଜୀବଜନ୍ତୁ ଡ଼ହଳବିକଳ ହେଉଥିବା ବେଳେ ସେମାନଙ୍କ ପାଇଁ ଜଳଛତ୍ର ଓ ତୋରାଣି କୁଣ୍ଡ ସ୍ଥାପନା କେବେ ବୋଲି ସାଧାରଣରେ ଆଲୋଚନା ହେଉଛି ।

# କାଳ ବୈଶାଖୀରୁ ମୁକ୍ତି ପାଇଁ ପୂଜାର୍ଚ୍ଚନା

**ଟିଟିଲାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ବିଦ୍ୟୁତ୍ ଡିଭିଜନ୍ ତରଫରୁ ସ୍ଥାନୀୟ ଶିବ ମନ୍ଦିର ଠାରେ ବାରୁଣୀ ସ୍ନାନ ତଥା ଚୈତ୍ର ମାସ ଦ୍ୱାଦଶୀ ତିଥି ଶନିବାର ଦିନ ଅପରାହ୍ନ ଗୋଟାଏ ସମୟରେ ଭୋଳାନାଥଙ୍କ ଠାରେ ପୂଜା କରାଯାଇଥିଲା । ଏହି ପୂଜା କରିବାର ଅଭିପ୍ରାୟ ହେଉଛି ଯେ କାଳ ବୈଶାଖୀ ସମୟରେ କୌଣସି ଦୁର୍ଘଟଣା ନଘଟିବା ପାଇଁ । ବିଦ୍ୟୁତ ଉପଭୋକ୍ତା ସଦାସର୍ବଦା ବିଦ୍ୟୁତ ସରବରାହ ପାଇବା ସକାଶେ ପ୍ରଭୁ ଭୋଳାନାଥଙ୍କ ଠାରେ ପୂଜା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଟିଟିଲାଗଡ଼ ବିଦ୍ୟୁତ୍ ଡିଭିଜନ୍ ଅଧୀନରେ ଥିବା ସମସ୍ତ ଷ୍ଟାଫ, ବଲାଙ୍ଗୀର ସ୍ଥିତ ଅଧିକ୍ଷଣ ଯନ୍ତ୍ରୀ କାର୍ଯ୍ୟାଳୟରୁ ଆସିଥିବା କର୍ମଚାରୀ, ଟିଟିଲାଗଡ଼ ଥାନା ଅଧିକାରୀ ଅବନୀ କୁମାର ସାହୁ, କିଛି ଥାନା କର୍ମଚାରୀ ଟିଟିଲାଗଡ଼ ସହରର ସମସ୍ତ ଗଣମାଧ୍ୟମ ପ୍ରତିନିଧି, ଡିଭିଜନ୍‌ର ନିର୍ବାହୀ ଯନ୍ତ୍ରୀ ଇଂ ବିନାୟକ ରାଉତ, ଡିଭିଜନ୍‌ର ଡେପୁଟି ଫାଇନାନ୍ସ ମ୍ୟାନେଜର କୈଳାଶ ଚନ୍ଦ୍ର ସ୍ୱାଇଁ, ଟିଟିଲାଗଡ଼ ଏସଡ଼ିଓ, ପାଟଣାଗଡ଼ ଏସଡ଼ିଓ, ସଇଁତଳା ଏସଡ଼ିଓ ଏବଂ କଣ୍ଟାବାଞ୍ଜି ଏସଡ଼ିଓ, ଡିଭିଜନ୍‌ର ସମସ୍ତ ସେକ୍ସନ୍ ଅଫିସର, ସମସ୍ତ ଲାଇନ୍ ମ୍ୟାନ୍ ଏବଂ ସମସ୍ତ କର୍ମଚାରୀ ପ୍ରମୁଖ ଯୋଗ ଦେଇଥିଲେ ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆନ୍ତର୍ଜାତିକ ବିଜ୍‌ନେସ୍ କନ୍‌କ୍ଲେଭ-୨୦୨୪

**ବାଲେଶ୍ୱର, ନ୍ୟୁଜ୍**




ଫକୀରମୋହନ ବିଶ୍ୱବିଦ୍ୟାଳୟର ବାଣିଜ୍ୟ, ପି.ଏମ.ଆଇ.ଆର ଓ ବ୍ୟବସାୟ ପରିଚାଳନା ବିଭାଗର ମିଳିତ ସହଯୋଗରେ ଦୁଇଦିନିଆ ଆନ୍ତର୍ଜାତୀୟ ପରିଚାଳନା କନ୍‌କ୍ଲେଭ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହାର ମୂଳପ୍ରସଙ୍ଗ ଓ ଆଲୋଚନାର ବିଷୟବସ୍ତୁ 'ସମସାମୟିକ ବ୍ୟବସାୟ ପରିଚାଳନା:ଏକ ସମନ୍ୱିତ ଉପାୟ' ରହିଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ସମ୍ମିଳନୀର ପ୍ରମୁଖ ଉଦ୍ଦେଶ୍ୟ ସମ୍ପର୍କରେ ବିଭାଗ ମୁଖ୍ୟ ପ୍ରଫେସର ପଦ୍ମଲିତା ରାଉତରାୟ ଅବଗତ କରାଇଥିଲେ ଓ ଡ଼କ୍ଟର ଦେବଦତ୍ତ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କ୍ଷୀତି ଭୂଷଣ ଦାସ ନିଜ ଅଭିଭାଷଣରେ ପ୍ରାକୃତିକ ବୁଦ୍ଧିର ଉପଯୋଗ ସହ ବ୍ୟାବସାୟଟିଏ ବଞ୍ଚିରହିବା, ଏହାର ସ୍ଥିରତା ଏବଂ ବ୍ୟବସାୟ ପରିଚାଳନାରେ ଅଭିବୃଦ୍ଧି ହୋଇପାରିବା ନେଇ ଆଲୋକପାତ କରିଥିଲେ । ଏଥିସହ ମୁଖ୍ୟବକ୍ତା ଭାବରେ ସେଣ୍ଟ ଆମ୍ବ୍ରୋଜ ବିଶ୍ୱବିଦ୍ୟାଳୟ (ୟୁଏସଏ) ମ୍ୟାନେଜମେଣ୍ଟ ବିଭାଗର ପ୍ରଫେସର ଓ ନିର୍ଦ୍ଦେଶକ ଡ଼କ୍ଟର ମୋନିକା ଫୋରେଟ ଯୋଗଦେଇ ସାଂପ୍ରତିକ ସମୟରେ ମାନବ ପୁଞ୍ଜି ଏବଂ ସାମାଜିକ ପୁଞ୍ଜିର ଆମ ଜୀବନରେ ପ୍ରଭାବ ତଥା ସାମାଜିକ ନେଟ୍‌ୱାର୍କ ସ୍ଥାପନର ମହତ୍ତ୍ୱ ସମ୍ପର୍କରେ ଦୃଷ୍ଟିପାତ କରିଥିଲେ। ଏଥିସହ ସମ୍ମାନିତ ଅତିଥି ଭାବେ ବଙ୍ଗଳାଦେଶ ସ୍ଥିତ ବ୍ୟବସାୟ କୃଷି ଏବଂ ପ୍ରଯୁକ୍ତିବିଦ୍ୟା ଆନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟର କୁଳପତି ଡ଼କ୍ଟର ଅବଦୁର ରବ ଆଭାସୀ ମାଧ୍ୟମରେ ଓ ନେପାଳ ସ୍ଥିତ ୟୁନିଗ୍ଲୋବ କଲେଜର ଏକାଡେମିକ ନିର୍ଦ୍ଦେଶକ ପ୍ରଫେସର ରାଧେଶ୍ୟାମ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିଲେ। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ଏକତ୍ର ଆଗକୁ ବଢ଼ିବା ସହ ଏକତ୍ର ଉନ୍ନତି ସାଧନକୁ ବିଶ୍ୱବିଦ୍ୟାଳୟର ସାମୂହିକ ବିଚାର ଭାବରେ ମତବ୍ୟକ୍ତ କରିଥିଲେ। ସମ୍ମିଳନୀର ଆୟୋଜକଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥିଲେ ଓ ଏହିଭଳି ଆନ୍ତର୍ଜାତିକ ସ୍ତରର ସମ୍ମିଳନୀର ଆୟୋଜନ ସମସ୍ତ ଅଂଶଗ୍ରହଣକାରୀଙ୍କୁ ଲାଭଦାୟକ ହେବାର ଆଶାପୋଷଣ କରିଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ସମ୍ମିଳନୀର ପୃଷ୍ଠପୋଷକତା ଦାୟିତ୍ୱ ଗ୍ରହଣ କରିଥିଲେ ଓ ଏହି ସମ୍ମିଳନୀରେ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରି ବର୍ତ୍ତମାନର ବ୍ୟବସାୟୀକ କ୍ଷେତ୍ର ଓ ଏହାର ସମସାମୟିକ ପରିଚାଳନା ପ୍ରଣାଳୀ ସହ କୃତ୍ରିମ ଇଣ୍ଟେଲିଜେନ୍ସର ପ୍ରୟୋଗ ସଂପର୍କରେ ଅବଗତ କରାଇଥିଲେ। ସମ୍ମିଳନୀରେ ୫୦ରୁ ଉର୍ଦ୍ଧ୍ୱ ବିଜ୍‌ନେସ୍ ମ୍ୟାନେଜମେଣ୍ଟ ବିଶେଷଜ୍ଞ ଯୋଗଦେଇଥିବା ବେଳେ ୯୧ ଜଣ ଗବେଷକ ନିଜର ସନ୍ଦର୍ଭ ଉପସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ବିଜ୍‌ନେସ୍ ମ୍ୟାନେଜମେଣ୍ଟ ସମ୍ବନ୍ଧିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଗୁଡ଼ିକୁ ଏହି ଦୁଇଦିନିଆ ଆନ୍ତର୍ଜାତିକ ଆଲୋଚନାଚକ୍ରରେ ଅନ୍ତର୍ଭୁକ୍ତ କରାଯାଇଛି। ସେଥି ମଧ୍ୟରେ ମାନବ ସମ୍ବଳ ପରିଚାଳନା, ମାନବ ସମ୍ବଳ ବିକାଶ, ପ୍ରତିଭା ପରିଚାଳନା, ଶିକ୍ଷାୟନ, ଅର୍ଥନୀତି ଏବଂ ପରିଚାଳନା, ଶିଳ୍ପ ମନୋବିଜ୍ଞାନ, ସମନ୍ୱିତ ମାର୍କେଟିଂ କୌଶଳ, ସମନ୍ୱିତ ଆର୍ଥିକ ଯୋଜନା ଏବଂ ଆର୍ଥିକ କୌଶଳ, ଇ-ବାଣିଜ୍ୟ ଠାରୁ ଆରମ୍ଭ କରିଯୋଗାଣ ଶୃଙ୍ଖଳା, କୃତ୍ରିମ ବୁଦ୍ଧି ଏବଂ ପରିଚାଳନା, କର୍ପୋରେଟ୍ ସାମାଜିକ ଦାୟିତ୍ୱ, ଇ.ଏସ.ଜି ଏବଂ ବ୍ୟବସାୟ ଅନ୍ତର୍ଭୁକ୍ତ ବିକାଶ, ପରିଚାଳନାଗତ ଶିକ୍ଷା, ଏହାକୁ ନେଇ ଆଶା ଏବଂ ଲକ୍ଷ୍ୟ ଆଦି ବିଭିନ୍ନ ବିଷୟରେ ବିଚାର ଏବଂ ସଂଦର୍ଭ ଉପସ୍ଥାପନା କରାଯିବା ନେଇ ସ୍ଥିରିକୃତ ହୋଇଛି । ଏହି ଉଦ୍‌ଘାଟନୀ ଉତ୍ସବ କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ ପ୍ରଫେସର ସଲୋନୀ ମଲ୍ଲିକ ଉପସ୍ଥାପନ କରିଥିଲେ ତଥା ବିଜ୍‌ନେସ୍ ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ପ୍ରଫେସର ପଦ୍ମଲିତା ରାଉତରାୟ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ ବିଭାଗ ମୁଖ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମର ସହସଂଯୋଜକ ଡ଼କ୍ଟର ଆର୍ତ୍ତବନ୍ଧୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



# ଡିଏଫଓଙ୍କ ଦ୍ୱାରସ୍ଥ ହେଲେ ବାଉଁଶ କାରିଗର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ୍ ବାଉଁଶୁଣୀ ଗ୍ରାମ ପଞ୍ଚାୟତ ବୈଦ୍ୟନାଥପୁର ଗ୍ରାମର ବାଉଁଶ କାରିଗରମାନେ ସୁଲଭ ମୂଲ୍ୟରେ ବାଉଁଶ ଯୋଗାଣ ପାଇଁ ବନଖଣ୍ଡ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି । ବୈଦ୍ୟନାଥପୁର ଗ୍ରାମର ୫୦ରୁ ଅଧିକ ପରିବାର ପୁରୁଷାନୁକ୍ରମେ ବାଉଁଶରେ ବିଭିନ୍ନ ଘରକରଣା ସାମଗ୍ରୀ ନିର୍ମାଣ କରି ପରିବାର ପ୍ରତିପୋଷଣ କରୁଛନ୍ତି । ବର୍ତ୍ତମାନ ବାଉଁଶ ପାଇଁ ବନବିଭାଗର କଟକଣା ଯୋଗୁଁ ତଥା ବାଉଁଶ ମିଳୁନଥିବା ହେତୁ ସେମାନଙ୍କ ଜୀବନ ଜୀବିକା ଉପରେ ତାର ପ୍ରଭାବ ପଡୁଥିବା ଅଭିଯୋଗ କରିଛନ୍ତି । ସେଥିପାଇଁ ବନ ବିଭାଗ ସୁଲଭ ମୂଲ୍ୟରେ ବାଉଁଶ ଯୋଗାଣ ପାଇଁ ବ୍ୟବସ୍ଥା କରିବାକୁ ଡିଏଫଓ ଦେବପ୍ରିୟ କମ୍ପଙ୍କୁ ଲିଖିତ ଅନୁରୋଧ କରିଥିଲେ । ବନ ସୁରକ୍ଷା ସମିତି ଜରିଆରେ ବାଉଁଶ ଯୋଗାଣ ପାଇଁ ନିର୍ବାଚନ ଆଚରଣବିଧି ଉଠିବା ପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ କମ୍ପ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି ।

# ସୁପରମ୍ୟାନ୍ ଭାବେ କ୍ୟାଚ୍ ଧରିଲେ ରବି ବିଷ୍ଣୋଇ



**ଲକ୍ଷ୍ନୌ**

ଏକାନା ଷ୍ଟାଡ଼ିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜିଆଣ୍ଟ୍ସ ପ୍ରଥମେ ଖେଳି ୨୦ ଓଭରରେ ୧୬୩ ରନ ସଂଗ୍ରହ କରିଥିଲା। ଟାର୍ଗେଟକୁ ପିଛା କରି ଗୁଜରାଟ ଟାଇଟାନ୍ସ ଶୁବମନ ଗିଲ୍ ଏବଂ ସାଇ ସୁଦର୍ଶନଙ୍କଠାରୁ ଭଲ ଆରମ୍ଭ କରିଥିଲା, କିନ୍ତୁ ଦଳର ପ୍ରଥମ ଉଇକେଟ ୫୪ ରନ ସ୍କୋରରେ ପଡିଥିଲା। କେନ ୱିଲିୟମ୍ସନ ତୃତୀୟ ନମ୍ବରରେ ବ୍ୟାଟିଂ କରିବାକୁ କ୍ରିଜ୍‌କୁ ଆସିଥିଲେ, କିନ୍ତୁ ସେ ସେଟ୍ ହେବା ପୂର୍ବରୁ ରବି ବିଷ୍ଣୋଇ ସୁପରମ୍ୟାନ ଶୈଳୀରେ ୱିଲିୟମ୍ସନଙ୍କ କ୍ୟାଚ୍ ଧରିଥିଲେ।

ସପ୍ତମ ଓଭରରେ ରବି ବିଷ୍ଣୋଇ ତାଙ୍କ ସ୍ପେଲ୍‌ର ପ୍ରଥମ ଓଭର ବୋଲିଂ କରିବାକୁ ଆସିଥିଲେ। କିନ୍ତୁ ଓଭରର ଦ୍ୱିତୀୟ ବଲରେ ସେ ଆଉଟ୍ ହୋଇଥିଲେ। ବିଷ୍ଣୋଇ ସୁପରମ୍ୟାନ ଶୈଳୀରେ ଡେଇଁପଡି ଗୋଟିଏ ହାତରେ କ୍ୟାଚ୍ ନେଇଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ଏବଂ କ୍ରିକେଟ ପ୍ରଶଂସକମାନେ ବିଷ୍ଣୋଇଙ୍କ ଫିଟ୍‌ନେସ୍‌କୁ ପ୍ରଶଂସା କରୁଛନ୍ତି। ଲେଗ-ସ୍ପିନ ବୋଲର ରବି ବିଷ୍ଣୋଇ ତାଙ୍କ ଆଇପିଏଲ କ୍ୟାରିୟରରେ ୫୬ଟି ମ୍ୟାଚରେ ୫୫ ଉଇକେଟ ନେଇଛନ୍ତି।

## କ୍ରିକେଟ ଇତିହାସରେ ପ୍ରଥମ

# ଟି-୨୦ରେ ବିଶ୍ୱ ରେକର୍ଡ କଲା ମୁମ୍ବାଇ ଇଣ୍ଡିଆନ୍ସ

**ନୂଆଦିଲ୍ଲୀ**

ଆଇପିଏଲ ଟ୍ରଫି ୫ ଥର ଜିତିଥିବା ମୁମ୍ବାଇ ଇଣ୍ଡିଆନ୍ସ ୱାଙ୍ଖେଡେ ଷ୍ଟାଡିୟମରେ ଇତିହାସ ରଚିଛି। ଟି-୨୦ କ୍ରିକେଟରେ ମୁମ୍ବାଇ ହାସଲ କରିଛି ୧୫୦ତମ ବିଜୟ। ଏତେ ସଂଖ୍ୟକ ବିଜୟ ହାସଲ କରିବାରେ ମୁମ୍ବାଇ ପ୍ରଥମ ଟିମ୍ ହୋଇଛି। ବିଶ୍ୱର କୌଣସି ଘରୋଇ କିମ୍ବା ଅନ୍ତର୍ଜାତୀୟ ଟିମ୍ ଟି-୨୦ରେ ଏତେ ସଂଖ୍ୟକ ବିଜୟ ହାସଲ କରି ନାହାନ୍ତି। ମୁମ୍ବାଇ ଇଣ୍ଡିଆନ୍ସ ବଶ୍ୱ ରେକର୍ଡ କରିଛି।

ଚଳିତ ବର୍ଷ ଆଇପିଏଲରେ ମୁମ୍ବାଇ କ୍ରମାଗତ ୩ଟି ମ୍ୟାଚ୍ ହାରିବା ପରେ ରବିବାର ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ପ୍ରଥମ ବିଜୟ ହାସଲ କରିଥିଲା। ୨୩୫ ରନର ଟାର୍ଗେଟକୁ ପିଛା କରୁଥିବା ଦିଲ୍ଲୀ ୨୦ ଓଭରରେ ୮ ୱିକେଟ ହରାଇ ୨୦୫ ରନ କରିବାକୁ ସକ୍ଷମ ହୋଇଥିଲା।

ମୁମ୍ବାଇର ଏହି ୧୫୦ଟି ବିଜୟରେ ସୁପର ଓଭର ୱିନକୁ ସାମିଲ କରାଯାଇନାହିଁ। କେବଳ ଆଇପିଏଲ ଓ ବର୍ତ୍ତମାନ ବନ୍ଦ ହୋଇ ସାରିଥିବା ଚମ୍ପିୟନ୍ସ ଲିଗ୍ ଟି-୨୦ ବିଜୟକୁ ବିଚାରକୁ ନିଆଯାଇଛି। ମୁମ୍ବାଇ ଇଣ୍ଡିଆନ୍ସ ୨୬୩ଟି ମ୍ୟାଚ୍ ଖେଳି ୧୫୦ଟିରେ ଜିତିଥିବା ବେଳେ ୧୧୭ଟି ହାରିଛି। ୨ଟି ମ୍ୟାଚ୍‌ର ଫଳାଫଳ ବାହାରି ପାରି ନାହିଁ। ସୁପର ଓଭରରେ ଦଳ ଗୋଟିଏ ମ୍ୟାଚ୍ ହାରିଛି ଓ ଗୋଟିଏରେ ଜିତିଛି।

ସର୍ବାଧିକ ବିଜୟ ତାଲିକାରେ ଚେନ୍ନାଇ ସୁପର କିଙ୍ଗସ ୧୪୮ ବିଜୟ ସହ ଦ୍ୱିତୀୟ ସ୍ଥାନରେ ଅଛି। ଚେନ୍ନାଇ ୨୫୩ ଟି-୨୦ ମ୍ୟାଚ୍ ଖେଳି ୧୪୮ରେ ଜିତିଛି ଓ ୧୦୧ରେ ହାରିଛି। ୨ଟି ମ୍ୟାଚ୍‌ର ଫଳାଫଳ ବାହାରି ପାରି ନାହିଁ। ଆଇପିଏଲ ଟ୍ରଫି ୫ଥର ଜିତିଥିବା ଚେନ୍ନାଇ ସୁପର ଓଭରରେ ୨ଟି ମ୍ୟାଚ୍ ହାରିଛି।

ତାଲିକାର ତୃତୀୟ ସ୍ଥାନରେ ଭାରତୀୟ ଟିମ୍ ରହିଛି। ଟିମ ଇଣ୍ଡିଆର ୪ଟି ସୁପର ଓଭର ମ୍ୟାଚ୍‌କୁ ବାଦ୍ ଦେଲେ ଦଳ ୨୧୯ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୧୪୦ଟିରେ ଜିତିଛି। ଭାରତର ୬ଟି ମ୍ୟାଚ୍‌ର ରେଜଲ୍ଟ ବାହାରି ପାରି ନାହିଁ। ଗୋଟିଏ ମ୍ୟାଚ୍ ଟାଇ ହୋଇଛି ଓ ଦଳ ୬୮ଟି ଟି-୨୦ରେ ହାରିଛି।



ୱାଙ୍ଖେଡେରେ ମୁମ୍ବାଇ ରବିବାର ତା'ର ୫୦ତମ ବିଜୟ ମଧ୍ୟ ହାସଲ କରିଛି। ଏହି ବିଜୟରେ ସୁପର ଓଭର ରେଜଲ୍ଟ ରହିଛି। କୌଣସି ଗୋଟିଏ ଭେନ୍ୟୁରେ ଏତେ ସଂଖ୍ୟକ ମ୍ୟାଚ୍ ଜିତିବା ପ୍ରଥମ ଘଟଣା। ଦ୍ୱିତୀୟ ସ୍ଥାନରେ କେକେଆର ରହିଛି। ଦଳ ଇଡେନ ଗାର୍ଡେନ୍ସରେ ୪୮ଟି ବିଜୟ ପାଇଛି। ଚେପକରେ ୪୭ ବିଜୟ ସହ ଚେନ୍ନାଇ ତୃତୀୟ ସ୍ଥାନରେ ଅଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ମୁମ୍ବାଇ ଆଜି ଯାଏ ପ୍ରଥମେ ବ୍ୟାଟିଂ କରି ୧୪ ଥର ୨୦୦ରୁ ଅଧିକ ରନ କରିଛି। ୨୦୦ରୁ ଅଧିକ ରନ କରିଥିବା ସମସ୍ତ ମ୍ୟାଚ୍‌ରେ ଦଳ ବିଜୟୀ ହୋଇଛି।

# ବିଜୟ ଧାରାକୁ ଫେରିଲେ ଭର୍ଷ୍ଟାପେନ



**ସୁଜୁକା (ଜାପାନ)**

ବିଶ୍ୱ ବିଜେତା ରେଡ୍‌ବୁଲ୍ ଚାଳକ ମ୍ୟାକ୍ସ ଭର୍ଷ୍ଟାପେନ ବିଜୟ ଧାରାକୁ ଫେରିଛନ୍ତି। ସ୍ଥାନୀୟ ସୁଜୁକା ସର୍କିଟ୍‌ରେ ଆୟୋଜିତ ଜାପାନିଜ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରିରେ ସେ ପ୍ରଥମ ସ୍ଥାନରେ ରହି ବିଜେତା ହୋଇଛନ୍ତି। ତାଙ୍କ ଦଳୀୟ ସାଥୀ ସର୍ଜିଓ ପେରେଜ୍ ଦ୍ୱିତୀୟ ସ୍ଥାନରେ ରହି ରେଡ୍‌ବୁଲ୍‌କୁ ୧-୨ ସଫଳତା ଦେଇଛନ୍ତି। ମେଲ୍‌ବର୍ଣ୍ଣରେ ରିଟାୟରମେଣ୍ଟ ହୋଇ ଦୌଡ଼ରୁ ବାଦ୍ ପଡ଼ିଥିବା ନେଦରଲାଣ୍ଡ୍ସ ଚାଳକ ଭର୍ଷ୍ଟାପେନ ଚଳିତ ଋତୁରେ ଚତୁର୍ଥ ରେସ୍‌ରୁ ତୃତୀୟ ମୁକୁଟ କରାୟତ୍ତ କରିଛନ୍ତି। ଦୁଇ ସପ୍ତାହ ତଳେ ଅଷ୍ଟ୍ରେଲିଆନ୍ ଗ୍ରାଁ ପ୍ରି ଜିତିଥିବା ସ୍ପେନ୍‌ର ଫେରାରି ଚାଳକ କାର୍ଲୋସ ସେଞ୍ଜ ତୃତୀୟ ସ୍ଥାନରେ ରହି ପୋଡିୟମ୍ ଫିନିସ୍ କରିଛନ୍ତି। ସେଞ୍ଜଙ୍କ ଦଳୀୟ ସାଥୀ ଚାର୍ଲସ ଲେକ୍‌ଲର୍କ ଚତୁର୍ଥ ଏବଂ ମ୍ୟାକ୍‌ଲରେନ୍‌ର ଲାଣ୍ଡୋ ନୋରିସ ପଞ୍ଚମରେ ରହିଥିଲା ବେଳେ ୭ ଥରର ବିଶ୍ୱ ବିଜେତା ମର୍ସିଡିଜ୍ ଚାଳକ ଲୁଇସ ହାମିଲଟନ୍ ନବମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି।

# ନିଜ ଖର୍ଚ୍ଚରେ ଏସିଆନ ଚାମ୍ପିଅନସିପ୍ ଖେଳିବାକୁ ଗଲେ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା

**ଭୁବନେଶ୍ୱର**

ଚୀନ୍‌ରେ ବ୍ୟାଡ଼ମିଣ୍ଟନ ଏସିଆନ ଚାମ୍ପିଅନସିପ୍ ଏପ୍ରିଲ ୯ରୁ ୧୪ ପର୍ଯ୍ୟନ୍ତ ଆୟୋଜିତ ହେବ। ଏସିଆର ଏହି ସମ୍ମାନଜନକ ଚାମ୍ପିଅନସିପ୍‌ରେ ଦୁଇ ଭଉଣୀ ଋତୁପର୍ଣ୍ଣା ପଣ୍ଡା ଓ ଶ୍ୱେତପର୍ଣ୍ଣା ପଣ୍ଡା ମହିଳା ଯୁଗଳରେ ଅଂଶଗ୍ରହଣ କରିବେ। ଏଥିପାଇଁ ଦୁଇ ଭଉଣୀ ଚୀନ୍ ଗସ୍ତ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଦୁଇ ଭଉଣୀ ନିଜ ଖର୍ଚ୍ଚରେ ଉକ୍ତ ପ୍ରତିଯୋଗିତା ଖେଳିବାକୁ ଚୀନ୍ ଯାଇଛନ୍ତି। କାରଣ ଏଥିରେ ଭାଗ ନେବାକୁ ଆବଶ୍ୟକ ଅର୍ଥ ବ୍ୟାଡ଼ମିଣ୍ଟନ ଆସୋସିଏସନ ଅଫ ଇଣ୍ଡିଆ (ବାଇ) ମନା କରିଦେବାରୁ ଦୁଇ ଭଉଣୀ ନିଜ ଖର୍ଚ୍ଚରେ ଉକ୍ତ ଟୁର୍ଣ୍ଣାମେଣ୍ଟରେ ଭାଗ ନେଉଛନ୍ତି। ଉକ୍ତ ପ୍ରତିଯୋଗିତା ଲାଗି ଆବଶ୍ୟକ ଅର୍ଥ ଯୋଗାଇ ଦେବାକୁ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ରାଜ୍ୟ କ୍ରୀଡ଼ା ଓ ଯୁବ ସେବା ବିଭାଗକୁ ଅନୁରୋଧ କରିଛନ୍ତି।



# କ୍ଲେକୋର୍ଟରେ ମାଷ୍ଟର୍ସ ୧୦୦୦ ମ୍ୟାଚ୍ ଜିତିଲେ ସୁମିତ ନାଗାଲ

**ମଣ୍ଟେ କାର୍ଲୋସ**

ଭାରତର ଟପ୍ ପୁରୁଷ ସିଙ୍ଗଲ୍ସ ଖେଳାଳି ସୁମିତ ନାଗାଲ ଏଠାରେ ଚାଲିଥିବା ଏଟିପି ମାଷ୍ଟର୍ସ ଇଭେଣ୍ଟରେ ଚମକପ୍ରଦ ବିଜୟ ହାସଲ କରିଛନ୍ତି। ସୋମବାର ପ୍ରଥମ ରାଉଣ୍ଡରେ ସେ ୩ ସେଟ୍ ବିଶିଷ୍ଟ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ବିଶ୍ୱର ୩୮ ନମ୍ବର ମାନ୍ୟତାପ୍ରାପ୍ତ ମାଟେଓ ଅର୍ନାଲ୍ଡିଙ୍କୁ ୫-୭, ୬-୨, ୬-୪ରେ ହରାଇ ଦେଇଛନ୍ତି। ଭାରତର ଟପ୍ ସିଙ୍ଗଲ୍ସ ଖେଳାଳି କ୍ୱାଲିଫାଇଂ ଜରିଆରେ ଏହି ଏଟିପି ମାଷ୍ଟର୍ସ ୧୦୦୦ ଇଭେଣ୍ଟରେ ପ୍ରବେଶ କରିଛନ୍ତି। ନାଗାଲଙ୍କର ଜଣେ ଟପ୍-୫୦ ଖେଳାଳିଙ୍କ ବିପକ୍ଷରେ ଏହା ତୃତୀୟ ବିଜୟ ଏବଂ ଚଳିତ ସିଜନରେ ଏହା ଦ୍ୱିତୀୟ। ଦ୍ୱିତୀୟ ରାଉଣ୍ଡରେ ସେ ବିଶ୍ୱର ୭ ନମ୍ବର ଖେଳାଳି ଡେନ୍‌ମାର୍କର ହୋଲ୍‌ଗର ରୁନ୍‌ଙ୍କୁ ଭେଟିବେ। ୨୦୨୪ ସିଜନ ଆରମ୍ଭରେ ମେଲବୋର୍ଣ୍ଣଠାରେ ଅନୁଷ୍ଠିତ ଅଷ୍ଟ୍ରେଲିଆନ ଓପନରେ ଏହି ୨୬ ବର୍ଷୀୟ ଖେଳାଳି ସେତେବେଳେ ବିଶ୍ୱର ୨୭ ନମ୍ବର ଆଲେକ୍‌ଜାଣ୍ଡର ବବ୍‌ଲିକଙ୍କୁ ସିଧାସଳଖ ସେଟ୍‌ରେ ହରାଇ ଦେଇଥିଲେ।



ଏହି କ୍ଲେକୋର୍ଟ ଇଭେଣ୍ଟରେ ସୋମବାରର ବିଜୟ ଦ୍ୱାରା ଆସନ୍ତା ର୍‍ୟାଙ୍କିଙ୍ଗ ତାଲିକାରେ ସେ କ୍ୟାରିୟର ଶ୍ରେଷ୍ଠ ୮୦ତମ ସ୍ଥାନ ଅଧିକାର କରିବେ। ବିଶ୍ୱର ୯୫ ର୍‍ୟାଙ୍କିଙ୍ଗପ୍ରାପ୍ତ ନାଗାଲ ଚଳିତବର୍ଷ ମାର୍ଚ୍ଚ ମାସରେ ଇଣ୍ଡିଆନ ୱେଲ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। କିନ୍ତୁ ପ୍ରଥମ ରାଉଣ୍ଡରେ ସେ କାନାଡ଼ାର ମିଲୋସ ରାଓନିକ୍‌ଙ୍କଠାରୁ ହାରିଯାଇଥିଲେ। ସେ ଆହୁରି ମଧ୍ୟ ମାୟାମି ମାଷ୍ଟର୍ସ କ୍ୱାଲିଫାୟର୍ସରେ ଭାଗ ନେଇଥିଲେ। କିନ୍ତୁ ସେ ମୁଖ୍ୟ ଡ୍ର'କୁ ଉନ୍ନୀତ ହୋଇପାରି ନ ଥିଲେ।

# ୩୦ ରନ୍‌ରେ ୫ ୱିକେଟ ଅକ୍ତିଆର କରି ହିରୋ ବନିଲେ ଯଶ ଠାକୁର



**ନୂଆଦିଲ୍ଲୀ**

ରବିବାର ଖେଳାଯାଇଥିବା ଆଇପିଏଲର ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଗୁଜୁରାଟ ଟାଇଟନ୍ସକୁ ପରାସ୍ତ କରିଛି। ଚଳିତ ଆଇପିଏଲର ୨୧ତମ ମ୍ୟାଚ୍‌ରେ ଗୁଜୁରାଟ ୩୩ ରନରେ ପରାସ୍ତ ହୋଇଛି। ତେବେ ଏହି ମ୍ୟାଚ୍‌ରେ ଯଶ ଠାକୁର ବନିଥିଲେ ହିରୋ। ଲକ୍ଷ୍ନୌ ପ୍ରଥମେ ବ୍ୟାଟିଂ କରି ୧୬୩ ରନ ସଂଗ୍ରହ କରିଥିବାବେଳେ ଗୁଜୁରାଟ ଆଗରେ ୧୬୪ ରନର ବିଜୟ ଲକ୍ଷ୍ୟ ରହିଥିଲା। ତେବେ ମାତ୍ର ୧୩୦ ରନରେ ଅଲଆଉଟ ହୋଇଥିଲା ଗୁଜୁରାଟ। ଏହି ମ୍ୟାଚ୍‌ରେ ଯଶ ଠାକୁର ୩.୫ ଓଭରରେ ୩୦ ରନ ବ୍ୟୟ କରି ୫ ୱିକେଟ ଅକ୍ତିଆର କରିଥିଲେ। ତାଙ୍କ ବଲ୍‌ରେ ଶୁଭମନ ଗିଲ, ବିଜୟ ଶଙ୍କର, ରାହୁଲ ତେବତିଆ, ରସିଦ ଖାନ ଏବଂ ନୁର ଯଶଙ୍କ ଶିକାର ହୋଇଥିଲେ। ଗୁଜୁରାଟର ବ୍ୟାଟିଂ ଲାଇନ୍‌ଅପ୍ ଖରାପ ରହିଥିଲା। ଏଠାରେ ୧୫୦ ରନ ଅଧିକ ରହିଥିବାବେଳେ ଗୁଜୁରାଟ ୧୫୦ ମଧ୍ୟରେ ଲକ୍ଷ୍ନୌକୁ ସୀମିତ ରଖି ପାରିନଥିଲା। ସେପଟେ ଗୁଜୁରାଟ ଶୁଭମନ ଗିଲଙ୍କ ଉପରେ ଅଧିକ ଭରସା ରଖୁଥିବାବେଳେ ସେ ଫେଲ୍ ମାରିବା ଦଳ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଥିଲା।

# ତେର ଦଣ୍ଡର ମହାମିଳନ ସମାରୋହ ଉଦ୍‌ଯାପିତ : ସହସ୍ରାଧିକ ଭକ୍ତ ସମାଗମ



**ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କନ୍ଧମାଳ ଜିଲ୍ଲା ବାଲିଗୁଡ଼ାରେ ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବାଲିଗୁଡ଼ା ସହରରେ ସ୍ଥାନୀୟ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ୩୭ ବର୍ଷ ପୂର୍ତ୍ତି ଅବସରରେ ୩୫ତମ ବାର୍ଷିକ ତେର ଦଣ୍ଡର ମହାମିଳନ ସମାରୋହ ବିପୁଳ ଉତ୍ସାହ ଉଦ୍ଦୀପନାର ସହ ଆୟୋଜିତ ହୋଇଯାଇଛି। ଦଣ୍ଡଯାତ୍ରାର ଏହି ମହାମିଳନକୁ ଦେଖିବା ଲାଗି ବାଲିଗୁଡ଼ା ସମେତ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ପରିପ୍ରେକ୍ଷୀରେ ରବିବାର ସକାଳେ ମା' ପାଟଖଣ୍ଡା ମନ୍ଦିରରେ ତେରଦଣ୍ଡ ଥଳଙ୍କୁ ବରଣ କରାଯାଇଥିଲା। ମଧ୍ୟାହ୍ନ ସମୟରେ ଟାଉନର ମୁଖ୍ୟ ରାସ୍ତା ରେ ଧୂଳିଦଣ୍ଡରେ ତେର ଦଣ୍ଡନାଚ ଋଷିପୁତ୍ର ତଥା ଦଣ୍ଡୁଆମାନେ ନିଜ ନିଜ ସ୍ଥାନରେ ପହଞ୍ଚି ବୀଣାକାର ଢୋଲ ଓ ମହୁରୀର ତାଳେତାଳେ ଦଣ୍ଡନାଚର ସମସ୍ତ ବିଧିବିଧାନକୁ ସୁଲଳିତ ସ୍ୱରରେ ଗାନ କରିଥିଲେ। ମଧ୍ୟାହ୍ନରେ ଅନୁଷ୍ଠିତ ଧୂଳିଦଣ୍ଡରେ ଦଣ୍ଡୁଆଙ୍କ ବିଭିନ୍ନ କାଠୁରିଆ ନୃତ୍ୟ ଜଙ୍ଗଲ ସୁରକ୍ଷା ଏବଂ ଜନ୍ତୁ ସୁରକ୍ଷା ନେଇ ବାଘନାଟ, ବୀଣାକାର, ବିଲରେ ଧାନରୁଆ ଇତ୍ୟାଦି ନାଟକ ବେଶ୍ ଆକର୍ଷିତ କରିଥିଲ। ଅପରାହ୍ନରେ ଆଦର୍ଶ ପୁଷ୍କରିଣୀରେ ପାଣିଦଣ୍ଡ ପରେ ସନ୍ଧ୍ୟାରେ ସବୁଠାରୁ ବିଶେଷ ଆକର୍ଷଣ ବଜାର ଛକରେ ତେର ଦଣ୍ଡର ଏକ ମହା ମିଳନରେ ଢୋଲିଆ, ପାଟଭୁକ୍ତା, ମହୁରିଆଙ୍କ ମିଳନ ହୋଇଥିବା ବେଳେ ଯାହାକୁ ହଜାର ହଜାର ଭକ୍ତ ଓ ଦର୍ଶକ ଉପଭୋଗ କରିଥିଲେ। ଏଥିରେ ବାଲିଗୁଡ଼ା, ମେଲସିକିଆ, କଟେରୀ ଭଟ୍ଟା, ରେବିଙ୍ଗିଆ, ରୁତୁଙ୍ଗିଆ, ଗୁଡ୍ରିଗାଁ, ଦଣ୍ଡପଦର, ପୋଖରୀବନ୍ଧ, ବାଟାଗୁଡା, ବାରଖମା, ସିଟୁପଡ଼ି ଓ ପ୍ରଥମ ଥର ପାଇଁ ଜିଲ୍ଲା ବାହାରୁ ଅର୍ଥାତ ରାୟଗଡା ଜିଲ୍ଲା ମୁନିଗୁଡ଼ା ଏବଂ କଳାହାଣ୍ଡି ଜିଲ୍ଲାର ମୋହନଗିରି ଅଞ୍ଚଳର ଦଣ୍ଡ ନାଚ ଦଳ ଯୋଗ ଦେଇ ନିଜ ନିଜର ନାଚ ପରିବେଷଣ କରିଥିଲେ। ସନ୍ଧ୍ୟାରେ ସୁନାମ ଧନ୍ୟ କଳାକାରମାନଙ୍କ ଦ୍ୱାରା ସ୍ଥାନୀୟ ତ୍ରିବେଦୀ ପାର୍କ ସମ୍ମୁଖରେ ଏକ ଭକ୍ତି ସଙ୍ଗୀତ କାର୍ଯ୍ୟକ୍ରମ ସଙ୍ଗୀତ ସନ୍ଧ୍ୟା ଆୟୋଜନ ହୋଇଥିଲା। ରାତ୍ରରେ ଝୁଣାଦଣ୍ଡ ପଟୁଆର ସହ ସୋମବାର ଦିନ ସକାଳେ ଯାତ୍ରା ସମାପନ ହୋଇଥିଲା।

# ଆନନ୍ଦପୁରରେ ବିଜେପି ପକ୍ଷରୁ ଜନ ସମ୍ପର୍କ ଅଭିଯାନ



**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି ପଞ୍ଚାୟତର ବିଭିନ୍ନ ଗ୍ରାମରେ ବିଜେପି ପକ୍ଷରୁ ଜନସମ୍ପର୍କ ଅଭିଯାନରେ ବିଜେପି ସାଂସଦ ପ୍ରାର୍ଥୀ ଅନନ୍ତ ନାୟକ ଓ ବିଧାୟକ ପ୍ରାର୍ଥୀ ଆଲୋକ ସେଠୀଙ୍କ ସହ ବରିଷ୍ଠ ନେତୃମଣ୍ଡଳୀ ଘର ଘର ବୁଲି ବିଜେପିକୁ ବିଜୟୀ କରାଇବା ପାଇଁ ନିବେଦନ କରିଥିଲେ। ପରେ ହରିଡ଼ାପାଳ, ବାଇଲୋ ଓ ପଞ୍ଚୁପଲି ପଞ୍ଚାୟତର ବରିଷ୍ଠ କାର୍ଯ୍ୟକର୍ତ୍ତାଙ୍କ ସହ ବୈଠକରେ ସାମିଲ ହୋଇଥିଲେ।

# ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ କରିବା ନିମିତ୍ତ ଇଭିଏମ୍ ରାଣ୍ଡୋମାଇଜେସନ ଅନୁଷ୍ଠିତ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଯାଉଥିବା ଚଳିତ ସାଧାରଣ ଲୋକ ସଭା ଓ ରାଜ୍ୟ ବିଧାନ ସଭା ନିର୍ବାଚନକୁ ଅବାଧ, ମୁକ୍ତ ଓ ନିରପେକ୍ଷ ଭାବେ ପରିଚାଳନା କରିବା ପାଇଁ ଜିଲ୍ଲା ପ୍ରଶାସନ, ନୂତନ ଭାବେ ଯୋଗଦାନ କରିଥିବା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିଖିଲ ପଓ୍ୱନ କଲ୍ୟାଣ ଅହରହ ଉଦ୍ୟମ ଜାରି ରଖିଛନ୍ତି। ଯାଜପୁର ଲୋକ ସଭା ଆସନ (୮) ଅନ୍ତର୍ଗତ ବିଂଝାରପୁର (୪୮) ବିଧାନସଭା ନିର୍ବାଚନ ମଣ୍ଡଳୀ ବରୀ (୪୯), ବଡଚଣା (୫୦), ଧର୍ମଶାଳା (୫୧), ଯାଜପୁର (୫୨), କୋରାଇ (୫୩) ଏବଂ ସୁକିନ୍ଦା (୫୪) ବିଧାନ ସଭା ନିର୍ବଚନ ମଣ୍ଡଳୀ ଗୁଡିକରେ ଲୋକସଭା ଏବଂ ସଂପୃକ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀର ମତଦାନ ଆସନ୍ତା ଜୁନ୍ ୧ ତାରିଖରେ ଅନୁଷ୍ଠିତ ହେବ। ଯାଜପୁର ଲୋକ ସଭା ଆସନ (୮) ପାଇଁ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିଖିଲ ପଓ୍ୱନ କଲ୍ୟାଣ ରିଟର୍ଣ୍ଣିଂ ଅଫିସର ଭାବେ କାର୍ଯ୍ୟ କରିବା ସହ ବିଂଝାରପୁର (୪୮) ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶୁଭେନ୍ଦ୍ର କୁମାର ସାମଲ, ବରୀ (୪୯) ପାଇଁ ଅତିରିକ୍ତ ଉପ-ଜିଲ୍ଲାପାଳ ନରୁପମା ଜାଲି, ବଡଚଣା (୫୦) ଓ ଧର୍ମଶାଳା (୫୧) ପାଇଁ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ନବକ୍ରିଷ୍ଣ ଜେନା, ଯାଜପୁର (୫୨) ଓ କୋରାଇ ୫୩) ପାଇଁ ଉପ-ଜିଲ୍ଲାପାଳ ଅଂଶୁମାନ ଶତପଥୀ ଏବଂ ସୁକିନ୍ଦା (୫୪) ପାଇଁ ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗ ନଗର ଲଙ୍କେଶ୍ୱର ଅମାତ ରିଟର୍ଣ୍ଣିଂ ଅଫିସର ଭାବେ କାର୍ଯ୍ୟ କରିବେ। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ନିଖିଲ ପଓ୍ୱନ କଲ୍ୟାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର, ସହକାରୀ ରିଟର୍ଣ୍ଣିଂ ଅଫିସର ଏବଂ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତିରେ ଜିଲ୍ଲା କୋଷାଗାର ସନ୍ନିକଟ ୱାର ହାଉସ୍ ଠାରେ ଇଭିଏମ୍‌ଗୁଡିକର ରାଣ୍ଡୋମାଇଜେସନ ପ୍ରକ୍ରିୟା ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ସମ୍ବନ୍ଧୀୟ ସମସ୍ତ କାର୍ଯ୍ୟକ୍ରମ ଆଦର୍ଶ ଆଚରଣ ବିଧି ଅନୁଯାୟୀ ନିର୍ଦ୍ଧାରିତ ସମୟ ମଧ୍ୟର ନିର୍ବାଚନ ପରିଚାଳନା ପ୍ରକ୍ରିୟା ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶମତେ ଶାନ୍ତି ଶୃଙ୍ଖଳାର ସହ ଯେପରି ସମାପନ ହେବ ସେଥିପ୍ରତି ସମସ୍ତ ବିଧାନ ସଭା ନିର୍ବାଚନ ମଣ୍ଡଳୀ ରିଟର୍ଣ୍ଣିଂ ଅଫିସର, ସହକାରୀ ରିଟର୍ଣ୍ଣିଂ ଅଫିସର ଯତ୍ନବାନ ହେବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ନିଖିଲ ପଓ୍ୱନ କଲ୍ୟାଣ ନିର୍ଦ୍ଦେଶ ଦେବା ସହ ନିର୍ବାଚନ ପରିଚାଳନାରେ ସମସ୍ତ ରାଜନୈତିକ ଦଳ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ।



# ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି ବାଲିଘାଟ !

**ଧର୍ମଗଡ଼, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ପଣ୍ଡକୁଳ ବାଲିଘାଟ ଏବେ ବାଲି ମାଫିଆଙ୍କ ଭୂସ୍ୱର୍ଗ ପାଲଟିଛି। ଲିଜ୍ ନାମରେ ମାଫିଆମାନେ ଚୋରାଚାଲାଣ କରୁଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ଅନ୍ୟ ପକ୍ଷରେ କଳାହାଣ୍ଡି ଖଣି ବିଭାଗ ଓ ବାଲି ମାଫିଆଙ୍କ ସଲା ସୁତରା ଯୋଗୁଁ ଦିନକୁ ଦିନ ବାଲି ଚୋରଚାଲାଣ ହୋଇ କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛି। ତେଲନଦୀକୂଳରେ ଥିବା ପଣ୍ଡକୁଳ ଗ୍ରାମର ବାଲିଘାଟ ଆଜି ପର୍ଯ୍ୟନ୍ତ ବାଲି ମାଫିଆଙ୍କ ଚୋରାଭୂଇଁ ପାଲଟିଛି। ଏହି ବାଲିଘାଟ ଲିଜ ହୋଇନଥିବା ବେଳେ ଘାଟରେ ପ୍ରତିଦିନ ବାଲି ଚୋରାଚାଲାଣ ହେଉଛି। କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିଲେ ସୁଦ୍ଧା ଏ ଦିଗରେ ଖଣି ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ଆଗରୁ ବାଲିଘାଟ ତହସିଲ କାର୍ଯ୍ୟାଳୟ ଅଧୀନରେ ଥିଲା। ବର୍ତ୍ତମାନ ତାହା ଖଣି ବିଭାଗକୁ ହସ୍ତାନ୍ତର ହେଲା ପରେ କଳାହାଣ୍ଡି ଖଣି ବିଭାଗର କିଛି କର୍ମଚାରୀମାନଙ୍କ ପୁଷମାସ ହୋଇଛି। ମାଫିଆମାନଙ୍କ ଠାରୁ ଅର୍ଥ କାରବାର କରି ମନଇଚ୍ଛା ଯାହାକୁ ମଧ୍ୟ କାଗଜ ଖଣ୍ଡେ ଧରାଇ ଦେଇ ବାଲି ଉଠାଣ ପାଇଁ ନିର୍ଦ୍ଦେଶ ହେଉଥିବା ଅଭିଯୋଗ ହେଉଛି। କିନ୍ତୁ ସେହି କାଗଜ ଧରି ମାଫିଆମାନେ ଦିନରାତି ଜେସିବି ଲଗାଇ ମନଇଚ୍ଛା ବାଲି ଚୋରଚାଲାଣ କରୁଛନ୍ତି। ବାଲି ଚୋରାଚାଲାଣ ନେଇ ଗ୍ରାମବାସୀମାନେ ଅଭିଯୋଗ କରୁଥିଲେ ସୁଦ୍ଧା ଏନେଇ ଖଣି ବିଭାଗ ଚୁପ୍ ରହିଛନ୍ତି। ବାଲି ଟ୍ରାକ୍ଟର ଯିବା ଆସିବା କରିବା ଯୋଗୁଁ ରାସ୍ତା ଖରାପ ହେଉଥିବା ବେଳେ ରାସ୍ତାରେ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେଉଛି। ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ତୁରନ୍ତ କଳାହାଣ୍ଡି ଜିଲ୍ଲାପାଳ ବାଲିଘାଟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।



# ବିଜେଡ଼ିର ସ୍ୱାଗତ ସମ୍ବର୍ଦ୍ଧନା ସମାବେଶ ଓ ମିଶ୍ରଣ ପର୍ବ



**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ଶୁଲିଆ ପଦା ବ୍ଲକ ଭୁଷକୁଣ୍ଡା ଠାରେ ବିଜେଡ଼ିର ସ୍ୱାଗତ ସମ୍ବର୍ଦ୍ଧନା ସମାବେଶ ସହିତ ମିଶ୍ରଣ ପର୍ବ ଅନୁଷ୍ଠତ ହୋଇଯାଇଛି। ନିର୍ବାଚନ ଯେତେ ପାଖେଇ ଆସୁଛି ବିଜେଡ଼ି ପ୍ରଚାର ପ୍ରସାର ସେତେ ବଢ଼ାଇବାରେ ଲାଗିଛି। ମୋରଡ଼ା ନିର୍ବାଚନ ମଣ୍ଡଳୀରେ ବିଜେଡି ପକ୍ଷରୁ ମୋରଡ଼ା କୋଡ଼ିନେଟର କୃଷ୍ଣା ନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ସହିତ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି, ଯେଉଁଥିରେ ମୁଖ୍ୟ ଅତିଥି ଭାବରେ ବିଜୁ ଜନତା ଦଳର ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡି, ମରୋଡ଼ା ବିଧାୟକ ପ୍ରାର୍ଥୀ ପ୍ରୀତି ନନ୍ଦା କାନୁନଗୋ ସହିତ ଆମ ଓଡ଼ିଶା ନବୀନ ଓଡ଼ିଶାର ସାଧାରଣ ସମ୍ପାଦକ ଉପସ୍ଥିତ ଥିଲେ। ତେବେ ଏହି ସମାବେଶରେ ବିଭିନ୍ନ ଦଳରୁ ଆସିଥିବା କର୍ମକର୍ତ୍ତା ବିଜେଡିରେ ଯୋଗ ଦେଇଥିଲେ। କେବଳ ସେତିକି ନୁହେଁ ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡି ଏବଂ ବିଧାୟକ ପ୍ରାର୍ଥୀ ପ୍ରୀତି ନନ୍ଦା କାନୁନ୍‌ଗୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ବନାଇବା ପାଇଁ ଓ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ମରୋଡ଼ା ନିର୍ବାଚନ ମଣ୍ଡଳୀର ବିଧାୟକ ଭାବେ ପ୍ରୀତି ନନ୍ଦା କାନୁନ୍‌ଗୋଙ୍କୁ ବିଜୟର ମୁକୁଟ ପିନ୍ଧାଇବା ଏବଂ ସାଂସଦ ପ୍ରାର୍ଥୀ ସୁଦାମ ମାରାଣ୍ଡିଙ୍କୁ ବିଜୟ କରିବା ପାଇଁ ଭୋଟ ଭିକ୍ଷା ପ୍ରାର୍ଥନା କରିଥିଲେ।

# ବେଦାନ୍ତ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ 'ପ୍ରୋଜେକ୍ଟ ପଞ୍ଛି' ଶୁଭାରମ୍ଭ

**ଲାଞ୍ଜିଗଡ଼, ନ୍ୟୁଜ୍‌ବ୍ୟୁରୋ**

ବେଦାନ୍ତ ଲିମିଟେଡ୍, ଭାରତର ସ୍ମେଲଟରଗ୍ରେଡ୍‌ଆଲୁମିନା ଉତ୍ପାଦକ ତଥା ବେଦାନ୍ତ ଆଲୁମିନିୟମର ଏକ ୟୁନିଟ୍, ଏହାର ଅନନ୍ୟ ନିଯୁକ୍ତି ଡ୍ରାଇଭ 'ପ୍ରୋଜେକ୍ଟ ପଞ୍ଛି'ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିଛି ଏବଂ ଦେଶବ୍ୟାପୀ ଅଣସଂରକ୍ଷିତ ସମ୍ପ୍ରଦାୟର ୧୦୦୦ ବାଳିକାଙ୍କ ଜୀବନଧାରଣରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖିଛି, ଯେଉଁମାନେକି ସାମାଜିକ-ଅର୍ଥନୈତିକ ପ୍ରତିବନ୍ଧକ ହେତୁ ଅଧିକ ଅଧ୍ୟୟନ ଏବଂ ଏକ ପୂର୍ଣ୍ଣ କ୍ୟାରିୟର ଛାଡ଼ିବାର ସମ୍ଭାବନା ରହିଛି। ଏହି ପ୍ରକଳ୍ପର ଏକ ଅଂଶ ଭାବରେ, ପ୍ରାର୍ଥୀମାନେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଗୁଡିକରେ ସେମାନଙ୍କର ଉଚ୍ଚଶିକ୍ଷା ପାଇଁ ଆର୍ଥିକ ସହାୟତା ପାଇବା ସହିତ ଶିକ୍ଷା ସମାପ୍ତ ହେବା ପରେ, ବେଦାନ୍ତ ମଧ୍ୟରେ ଚାକିରି କରିବାର ସୁଯୋଗ ମଧ୍ୟ ରହିଛି। ଗତବର୍ଷ ଏହି ପ୍ରକଳ୍ପ ଆରମ୍ଭ ହେବା ପରଠାରୁ ବେଦାନ୍ତ ଲାଞ୍ଜିଗଡ଼ ୫୦ ରୁ ଅଧିକ ବାଳିକାଙ୍କୁ ନିଯୁକ୍ତି ପାଇଁ ଚିହ୍ନଟ କରିଥିଲେ, ଯେଉଁମାନେ ସେମାନଙ୍କ ପରିବାରର ପ୍ରଥମ ଶିକ୍ଷିତ ଅଟନ୍ତି। ଏକପୁଙ୍ଖାନୁପୁଙ୍ଖ, ପର୍ଯ୍ୟାୟ ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟାକୁ ଆଧାର କରି କମ୍ପାନୀ ରାୟଗଡ଼ା ଏବଂ କଳାହାଣ୍ଡି ଜିଲ୍ଲାଗୁଡିକରେ ସଠିକ୍ ପ୍ରାର୍ଥୀ ଚିହ୍ନଟ କରିଛି। ପରବର୍ତ୍ତୀ ସମୟରେ, ମନୋନୀତ ପ୍ରାର୍ଥୀମାନେ କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀ ମାନଙ୍କ ସହିତ ଏକ ବ୍ୟାପକ ଆଭିମୁଖ୍ୟ ପ୍ରକ୍ରିୟାକୁ ଅନୁସରଣ କରିଥାନ୍ତି। ଆଜିପର୍ଯ୍ୟନ୍ତ ବେଦାନ୍ତ ଆଲୁମିନିୟମ୍ ଏହି ପରିବର୍ତ୍ତନଶୀଳ ପଦକ୍ଷେପର ଏକ ଅଂଶ ଭାବରେ ଲାଞ୍ଜିଗଡ଼, ଝାରସୁଗୁଡ଼ା, କୋରବା ଏବଂ ସୁନ୍ଦରଗଡ଼ରେ ଦୂର ସମ୍ପ୍ରଦାୟରୁ ୨୩୦ରୁ ଅଧିକ ବାଳିକାଙ୍କୁ ଚିହ୍ନଟ କରିଛି। ଏହି ପ୍ରକଳ୍ପର ମହତ ବିଷୟରେ ପ୍ରକାଶ କରି ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ, ସିଇଓ - ଆଲୁମିନା ବ୍ୟବସାୟ, ବେଦାନ୍ତ ଆଲୁମିନିୟମ କହିଛନ୍ତି, ଆମ ଅଧ୍ୟକ୍ଷ ଅନିଲ ଅଗ୍ରୱାଲଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶନାରେ ପ୍ରକଳ୍ପ ପଞ୍ଛି ବିକାଶ କରାଯାଇଛି। ଏହିପରି ପଦକ୍ଷେପ ମାଧ୍ୟମରେ ବେଦାନ୍ତ ଲାଞ୍ଜିଗଡ଼ ଏହାର ସମାଜର ଏକଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଗଠନ କରୁଥିବା ବାଳିକାମାନଙ୍କୁ ସଶକ୍ତିକରଣ ଉପରେ ଏକ ବିଶେଷ ଧ୍ୟାନ ଦେଇ ଏହାର କାର୍ଯ୍ୟକଳାପକୁ ସୁଦୂର ସମ୍ପ୍ରଦାୟର ସାମାଜିକ-ଅର୍ଥନୈତିକ ଦୃଶ୍ୟକୁ ବଢାଇବାକୁ ଚେଷ୍ଟା କରିଥାଏ।



# ସମ୍ ଫୁଲନଖରା କ୍ୟାମ୍ପସ୍‌ରେ ସଫଳ ଅତ୍ୟାଧୁନିକ ଏଣ୍ଡୋସ୍କୋପିକ୍ ସର୍ଜରୀ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଫୁଲନଖରା କ୍ୟାମ୍ପସ୍‌ରେ ଏକ ଡାକ୍ତରୀ ଟିମ୍ ଅତ୍ୟାଧୁନିକ ଏଣ୍ଡୋସ୍କୋପିକ୍ ଏଣ୍ଡୋନାଜାଲ ପ୍ରକ୍ରିୟା ପ୍ରୟୋଗ କରି ଜଣେ ୧୬ ବର୍ଷୀୟ ବାଳକର ନାକରୁ ଭାସ୍କୁଲାର ଟ୍ୟୁମର ବାହାର କରିବାରେ ସଫଳ ହୋଇଛନ୍ତି। ବାଳକଟିର ନାକରେ ଏହି ଭାସ୍କୁଲାର ଟ୍ୟୁମର ସୃଷ୍ଟି ହୋଇ ତା'ର ସ୍କଲ ବେସ୍ ପର୍ଯ୍ୟନ୍ତ ଲାଗି ରହିଥିଲା ଯାହାକୁ କି ଜୁଭେନାଇଲ୍ ନାସୋଫାରିନ୍‌ଜିଆଲ ଆନ୍‌ଜିଓଫାଇବ୍ରୋମା କୁହାଯାଏ ବୋଲି ଏହି ଅସ୍ତ୍ରୋପଚାରର ନେତୃତ୍ୱ ନେଇଥିବା ହସ୍ପିଟାଲ୍‌ର ଇଏନ୍‌ଟି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଖଗେଶ୍ୱର ରାଉତ କହିଛନ୍ତି। ରୋଗୀଟି ଖୁବ୍ କମ୍ ବୟସର ଥିବା ବେଳେ ଖୋଲା ଅସ୍ତ୍ରୋପଚାର ଦ୍ୱାରା ତା'ର ମୁହଁରେ ଦାଗ ରହିବା ସହ ବିକୃତ ହେବାର ମଧ୍ୟ ସମ୍ଭାବନା ରହିଥିଲା। ତେଣୁ ଏଣ୍ଡୋସ୍କୋପିକ୍ ଏଣ୍ଡୋନାଜାଲ ପ୍ରକ୍ରିୟା ମାଧ୍ୟମରେ ମିନିମାଲି ଇନ୍‌ଭେସିଭ ଟେକ୍ନିକ୍ ଦ୍ୱାରା ଅତ୍ୟାଧୁନିକ ଯନ୍ତ୍ରପାତି ବ୍ୟବହାର କରି ଏହି ଅସ୍ତ୍ରୋପଚାର କରାଯାଇଥିଲା ବୋଲି ସେ କହିଛନ୍ତି। ଅସ୍ତ୍ରୋପଚାର ପରେ ରୋଗୀ ସୁସ୍ଥ ଥିଲା ବେଳେ ଏହାର ପର ଦିନ ଠାରୁ ହିଁ ବିନା ସମସ୍ୟାରେ ସେ ତା'ର ଦୈନନ୍ଦିନ କାର୍ଯ୍ୟ କରିପାରୁଛି ବୋଲି ପ୍ରଫେସର ରାଉତ କହିବା ସହ ତା'ର ପରିବାର ବର୍ଗ ଖୁବ୍ ଖୁସି ଅଛନ୍ତି ଏବଂ ଅସ୍ତ୍ରୋପଚାର କରିଥିବା ଡାକ୍ତରୀ ଟିମ୍‌କୁ ଧନ୍ୟବାଦ ଜଣାଇଛନ୍ତି ବୋଲି ପ୍ରକାଶ କରିଥିଲେ। ଏହି ଅସ୍ତ୍ରୋପଚାର ଟିମ୍‌ରେ ପ୍ରଫେସର ରାଉତଙ୍କ ବ୍ୟତୀତ ଆସିଷ୍ଟାଂଟ ପ୍ରଫେସର (ଡାକ୍ତର) ବିବେକାନନ୍ଦ ଆଚାର୍ଯ୍ୟ ଏବଂ ସିନିୟର ରେସିଡେଣ୍ଟ ଡାକ୍ତର ସୁବ୍ରତ ଚନ୍ଦନ ପ୍ରଧାନ ଓ ଡାକ୍ତର ରାକେଶ ଗିରି ସାମିଲ ଥିଲେ। ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଫୁଲନଖରା କ୍ୟାମ୍ପସ୍‌ର ଡିନ୍ ପ୍ରଫେସର (ଡାକ୍ତର)ଅରକ୍ଷିତ ସ୍ୱାଇଁ ଓ ମେଡିକାଲ୍ ସୁପରିଟେଣ୍ଡେଂଟ ପ୍ରଫେସର (ଡାକ୍ତର) ରାଜେଶ କୁମାର ଲେଙ୍କା ଅସ୍ତ୍ରୋପଚାର ନିମନ୍ତେ ସମସ୍ତ ସହଯୋଗ କରିଥିଲେ।




# ନିର୍ବାଚନକୁ ଦୃଷ୍ଟିରେ ରଖି ୫ଟି ସଂସଦୀୟ କ୍ଷେତ୍ରରେ ବିଜେଡିର ସଂଯୋଜକ ନିଯୁକ୍ତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନିର୍ବାଚନ ପୂର୍ବରୁ ବିଜେଡିର ନୂଆ ଷ୍ଟ୍ରାଟେଜି । ୫ ସଂସଦୀୟ କ୍ଷେତ୍ର ପାଇଁ ନୂଆ ସଂଯୋଜକ ନିଯୁକ୍ତ କଲା ବିଜୁ ଜନତା ଦଳ । ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ପାଇଁ ଚନ୍ଦ୍ର ଶେଖର ସାହୁ, ଭଦ୍ରକରେ ଦେବାଶିଷ ସାମନ୍ତରାୟ, କେନ୍ଦ୍ରାପଡାରେ ପ୍ରତାପ ଜେନା, କଳାହାଣ୍ଡିରେ ସୁଜିତ କୁମାର ଓ ପୁରୀ ସଂସଦୀୟ କ୍ଷେତ୍ର ପାଇଁ ସୁବାଷ ଖୁଣ୍ଟିଆଙ୍କୁ ସଂଯୋଜକ ଦାୟିତ୍ୱ ପ୍ରଦାନ କରିଛି ଦଳ । ତେବେ ଏନେଇ ଦଳୀୟ ନିର୍ଦ୍ଦେଶାନାମା ଜାରି କରାଯାଇଛି । ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁଙ୍କୁ କିଛି ଦିନ ତଳେ ଦଳର ଉପସଭାପତି ଓ ଦଳର ଇସ୍ତାହାର କମିଟିର ଅଧ୍ୟକ୍ଷ ଦାୟିତ୍ୱ ଦେଇଥିଲା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । ରବିବାର ମଧ୍ୟ ତାଙ୍କୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିଛି। ତେବେ ଗଞ୍ଜାମ ରାଜନୀତିରେ ଚନ୍ଦ୍ରଶେଖର ବେଶ ଟାଣୁଆ ନେତା ଭାବେ ଜଣାଶୁଣା । ୨୦୧୯ ଲୋକସଭା ନିର୍ବାଚନରେ ସେ ବିଜେଡିରୁ ପ୍ରତିଦ୍ୱନ୍ଦିତା କରି ୯୪,୮୪୪ ଭୋଟରେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭୃଗୁ ବକ୍ସିପାତ୍ରଙ୍କୁ ହରାଇଥିଲେ । ସେହିଭଳି ଭଦ୍ରକ ସଂସଦୀୟ କ୍ଷେତ୍ର ପାଇଁ ସଂଯୋଜକ ଦାୟିତ୍ୱ ମିଳିଥିବା ଦେବାଶିଷ ସାମନ୍ତରାୟ ରାଜ୍ୟ ରାଜନୀତିରେ ବେଶ ଗୁରୁତ୍ୱବହନ କରନ୍ତି । ବିଜେଡିରୁ ଲଢି ସେ ୩ ଥର ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି । ୨୦୦୦ ମସିହାରେ ସେ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀରୁ ବିଧାୟକ ଭାବେ ଲଢି ବିଜୟ ହୋଇଥିଲେ । ଏହାପରେ ୨୦୦୯ ଓ ୨୦୨୪ରେ ବାରବାଟୀ- କଟକ ଆସନରୁ ଲଢି ବିଧାନସଭା ଯାଇଥିଲେ । ଅନ୍ୟପଟେ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ରର ଦାୟିତ୍ୱ ପ୍ରତାପ ଜେନାଙ୍କୁ ଦିଆଯାଇଛି । କେନ୍ଦ୍ରାପଡାରେ ଲୋକସଭା ଆସନରେ ବିଜେପି ପକ୍ଷରୁ ବୈଜୟନ୍ତ ପଣ୍ଡା ସାଂସଦ ପ୍ରାର୍ଥୀ ହୋଇଥିବା ବେଳେ ବିଜେଡି ପକ୍ଷରୁ ଅଂଶୁମାନ ମହାନ୍ତି ଲଢେଇ କରିବେ । ସେପଟେ କଂଗ୍ରେସ ଏ ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ । ତେବେ ବିଜେଡିର ଗଡ କୁହାଯାଉଥିବା କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ରର ସଂଯୋଜକ ଦାୟିତ୍ୱ ପ୍ରତାପ ଜେନାଙ୍କୁ ଦେଇଛି ଦଳ । ପ୍ରତାପ ୫ ଥର ବିଧାୟକ ଭାବେ ବିଜୟ ହାସଲ କରିଛନ୍ତି । ୨୦୦୦, ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି ଦଳରୁ ବିଧାୟକ ଭାବେ ଲଢି ବିଜୟୀ ହୋଇଥିଲେ । ବିଜେଡି ସରକାରରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି । କଳାହାଣ୍ଡି ସଂସଦୀୟ କ୍ଷେତ୍ର ପାଇଁ ବିଜେଡି ସୁଜିତ କୁମାରଙ୍କୁ ସଂଯୋଜକ ଦାୟିତ୍ୱ ପ୍ରଦାନ କରିଥିବା ବେଳେ ପଶ୍ଚିମ ଓଡ଼ିଶାର ଜଣାଶୁଣା ନେତା ଅଟନ୍ତି । ୨୦୨୦ରୁ ସେ ରାଜ୍ୟସଭା ସାଂସଦ ଭାବେ ଓଡ଼ିଶାକୁ ପ୍ରତିନିଧିତ୍ୱ କରୁଛନ୍ତି । ପୁରୀ ସଂସଦୀୟ କ୍ଷେତ୍ର ପାଇଁ ବରିଷ୍ଠ ନେତା ସୁବାଷ ଖୁଣ୍ଟିଆଙ୍କୁ ସଂଯୋଜକ ଦାୟିତ୍ୱ ପ୍ରଦାନ କରିଛି ଦଳ ।

# ଦେବଦତ୍ତ କାନୁନଗୋଙ୍କ ସ୍ନାତକୋତ୍ତର ଆଇନ୍ ବିଭାଗରେ ସ୍ୱର୍ଣ୍ଣପଦକ ଲାଭ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**

ସମ୍ବଲପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଆଇନ୍ ବିଭାଗରେ ୨୦୨୩ ଶିକ୍ଷା ବର୍ଷରେ ସର୍ବୋଚ୍ଚ ନମ୍ବରରଖି ଦେବଦତ୍ତ କାନୁନଗୋ 'ସ୍ୱର୍ଣ୍ଣ ପଦକ' ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମାନ୍ୟବର ରାଜ୍ୟପାଳ ରଘୁବର ଦାସ ସୋମବାର ଦିନ ବିଶ୍ୱବିଦ୍ୟାଳୟର ୩୩ ତମ ସମାବର୍ତ୍ତନ ଉତ୍ସବରେ ଦେବଦତ୍ତ କାନୁନଗୋଙ୍କ ସମେତ ୩୫ ଜଣ ଛାତ୍ର ଛାତ୍ରୀଙ୍କୁ ସ୍ୱର୍ଣ୍ଣପଦକ ପ୍ରଦାନ କରିଛନ୍ତି। ଏତଦ୍ ବ୍ୟତୀତ ୨ ଜଣଙ୍କୁ ଡିଲିଟ ଉପାଧି, ୭୮ ଜଣ ଛାତ୍ର ଛାତ୍ରୀଙ୍କୁ ପିଏଚ ଡି ଉପାଧି ପ୍ରଦାନ କରିଛନ୍ତି। ଏହି ଉତ୍ସବରେ କୁଳାଧିପତି ରଘୁବର ଦାସଙ୍କ ସମେତ, ସମ୍ମାନିତ ଅତିଥି ଭାବେ ଆଇ ଏମ୍ ଏମ୍ ଟିର ନିର୍ଦ୍ଦେଶକ ଡ଼ଃ ରାମାନୁଜ ନାରାୟଣ, ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଓଡ଼ିଶାର ଉପକୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଏତଦ୍ ବ୍ୟତୀତ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଉପକୂଳପତି ପ୍ରଫେସର ବିଧୁଭୂଷଣ ମିଶ୍ର, ରେଜିଷ୍ଟ୍ରାର ନୃପରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଦେବଦତ୍ତଙ୍କ ସମେତ ସ୍ୱର୍ଣ୍ଣ ପଦକ ଧାରୀମାନଙ୍କୁ ସମ୍ମାନ ସୂଚକ ଭାବେ ଉତ୍ତରୀୟ ଓ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଦେବଦତ୍ତ ଜଙ୍ଗଲ ଓ ପରିବେଶ ଏବଂ ବାଣିଜ୍ୟ (ବିଜନେସ୍) ଆଇନ୍ ବିଷୟରେ ସ୍ନାତକୋତ୍ତର କରିଛନ୍ତି। ସେ ବର୍ତ୍ତମାନ ଜଙ୍ଗଲ ଓ ପରିବେଶ ଉପରେ ଗବେଷଣା (ପିଏଚଡ଼ି) କରୁଛନ୍ତି। ମେକାନିକାଲ ଇଞ୍ଜିୟରିଂ କରିଥିବା ଦେବଦତ୍ତ, ଖଡ଼ଗପୁର ଆଇଆଇଟିରୁ ''ଇଣ୍ଟେଲେକଚୁଆଲ ପ୍ରପଟି ରାଇଟ୍ ଓ କମ୍ପିଟିସନ ଲ"ରେ ମଧ୍ୟ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇଥିଲେ। ସେ ଉତ୍କଳ ବିଶ୍ୱବିଦ୍ୟାଳୟ ଆଇନ୍ ମହାବିଦ୍ୟାଳୟରୁ "ଏଲଏଲବିରେ" ଶ୍ରେଣୀରେ ଦ୍ୱିତୀୟ ସ୍ଥାନ ଲାଭକରି ଉତ୍ତୀର୍ଣ୍ଣ ହୋଇଥିଲେ। ସର୍ବଭାରତୀୟ ବାର ପରୀକ୍ଷାରେ କୃତୀତ୍ୱ ସହକାରେ ସଫଳତା ହାସଲ କରିଛନ୍ତି। ମହାରାଷ୍ଟ୍ରର ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟରୁ କ୍ରିମିନାଲ ଇନଭେଷ୍ଟିଗେସନ ଓ ମେଡ଼ିକାଲ ଜୁରିସପ୍ରୁଡେନ୍ସ ଆଣ୍ଡ ଫରେନସିକ ସାଇନ୍ସ" ବିଷୟରେ ଏ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଥିଲେ। ବେଙ୍ଗାଲୁରସ୍ଥିତ ନ୍ୟାସନାଲ ଲ' ସ୍କୁଲ ଅଫ ଇଣ୍ଡିଆନ୍ ୟୁନିଭରସିଟିରୁ "ସାଇବର ଲ' ଆଣ୍ଡ ସାଇବର ଫୋରେନସିକ୍" (ପିଜିଡ଼ିସିଏଲସିଏଫ) ବିଷୟରେ ଏ+ ଗ୍ରେଡ଼ରେ ସଫଳତା ହାସଲକରିଛନ୍ତି। କେନ୍ଦ୍ର ସରକାରଙ୍କର ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଇଲୋକଟ୍ରୋନିକ୍ସ "ଡ଼ିଜିଟାଲ ଫରେନସିକ" ସାର୍ଟିଫିକେଟ କୋର୍ସରେ ମଧ୍ୟ ଏ ଗ୍ରେଡ଼ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ୟୁଏନ୍ଓଡ଼ିସି ପକ୍ଷରୁ "ଟ୍ରାନ୍ସନ୍ୟାସନାଲ୍ ଅର୍ଗାନାଇଜଡ୍ କ୍ରାଇମ୍‌କୁ ବୁଝିବା", "ଆତଙ୍କବାଦର ମୁକାବିଲା କରିବା ଏବଂ ଧ୍ୱଂସକାରୀ ଅସ୍ତ୍ରଶସ୍ତ୍ରର ବିସ୍ତାର, ଆତଙ୍କରାଜ୍ କାର୍ଯ୍ୟକଳାପ", ''ରାସାୟନିକ, ଜୈବିକ, ରେଡିଓଲୋଜିକାଲ ଏବଂ ନିଉକ୍ଲିୟର ଆତଙ୍କବାଦ" ବିରୋଧରେ ଅନ୍ତର୍ଜାତୀୟ ଆଇନଗତ ଫ୍ରେମୱାର୍କ ଓ ଦୁର୍ନୀତିର ପ୍ରତିରୋଧ ଆଇନ୍‌ରେ ଶିକ୍ଷାଲାଭ କରିଛନ୍ତି। ଇଞ୍ଜିନିୟରିଂ କିଟ୍ ବିଶ୍ୱବିଦ୍ୟାଳୟରୁ ମେକାନିକାଲ ଇଞ୍ଜିନିୟରିଂରେ (ବିଟେକ୍) ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟରୁ (MBA in Production & Operations Management and Financial Management)କରିଛନ୍ତି। ସୁପ୍ରିମ କୋର୍ଟର ଖ୍ୟାତନାମା ଅଧିବକ୍ତା ତଥା ଆଡ୍‌ଭୋକେଟ ଅନ୍ ରେକର୍ଡ୍, ପ୍ରଶାନ୍ତ ଭୂଷଣଙ୍କ ଟିମ୍‌ରେ ଅଧିବକ୍ତା ଭାବେ କାର୍ଯ୍ୟରତ। ବିଶେଷକରି ଜନସ୍ୱାର୍ଥ ମାମଲା, ଖଣିନିୟମ ଉଲଙ୍ଘନ, ଦଳିତ, ସଂଖ୍ୟାଲଘୁ ସମ୍ପର୍କୀତ ମାମଲା, କର୍ମଚାରୀ ସମସ୍ୟା ଓ ପରିବେଶ ସମ୍ପର୍କିତ ସମସ୍ତ ମାମଲା ଉପରେ ତାଙ୍କର ପ୍ରାଥମିକତା ରହିଛି। ଦେବଦତ୍ତ ହେଉଛନ୍ତି ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ କାନୁନଗୋ ଏବଂ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଶ୍ରୀମତୀ ଚଞ୍ଚଳା କାନୁନଗୋଙ୍କ ଏକମାତ୍ର ପୁତ୍ର।





# ଆଦିତ୍ୟ ଆଲୁମିନିୟମ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ

**ବୋମଲୋଇ, ନ୍ୟୁଜ ବ୍ୟୁରୋ**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ପ୍ରତିଷ୍ଠା ଦିବସରେ ପ୍ରତିବର୍ଷ ୭ ଏପ୍ରିଲରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଏ। ଏହି ଦିନର ମୁଖ୍ୟ ଉଦ୍ଦେଶ୍ୟ ବିଶ୍ୱରେ ଲୋକଙ୍କ ଜୀବନରେ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସଚେତନତା ସୃଷ୍ଟି କରିବା ଏବଂ ସୁସ୍ଥ ଜୀବନଯାପନ ଅଭ୍ୟାସକୁ ପ୍ରୋତ୍ସାହିତ କରିବ। ପ୍ରତିବର୍ଷ ଏହା ଏକ ନିର୍ଦ୍ଦିଷ୍ଟ ଚିନ୍ତାଧାରା ଉପରେ ଧ୍ୟାନ ଆକର୍ଷଣ କରଇଥାଏ ଏବଂ "ମୋର ସ୍ୱାସ୍ଥ୍ୟ, ମୋର ଅଧିକାର, ଯାହା ଚଳିତ ବର୍ଷର ବିଷୟବସ୍ତୁ ଅଟେ । ଏହି ବର୍ଷର ବିଷୟବସ୍ତୁ ସହ ମାନବିକ ଅଧିକାର : ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା, ଶିକ୍ଷା ଏବଂ ସୂଚନା ସହ ଜଡ଼ିତ। ଢୋରୋପାଣି ଉଚ୍ଚ ବିଦ୍ୟାଳୟ ଓ ବୋମଲୋଇ ସେବାଶ୍ରମରେ ଏହି ଦିନ ପାଳନ କରିବା ସହ ଆଦିତ୍ୟ ଆଲୁମିନିୟମ୍ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରିଥିଲେ । ୧୦୫ ଜଣ ଛାତ୍ରମାନଙ୍କର ସ୍କ୍ରିନିଂ ଏବଂ ମାଗଣା ଔଷଧପତ୍ର ପ୍ରଦାନ କରାଯାଇଥିଲା । କ୍ୟାମ୍ପରେ ବ୍ଲଡ୍ ଗ୍ରୁପିଂ ପରୀକ୍ଷା ସୁବିଧା ମଧ୍ୟ ଛାତ୍ରମାନଙ୍କୁ ପ୍ରଦାନ କରାଯାଇଥିଲା। ଏହି ଉଦ୍ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଡଃ. ଦେବସ୍ମିତା ସେନାପତି (ଆଦିତ୍ୟ ଆଲୁମିନିୟମ), ଡଃ. ରାମ ନାରାୟଣ ସାହୁ (ଅବସରପ୍ରାପ୍ତ ), ଶ୍ରୀମତୀ ଶ୍ୱେତା ଉପାଧ୍ୟାୟ (ମୁଖ୍ୟ, ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ) ଯୋଗ ଦେଇଥିଲେ ଓ ଅନ୍ୟ ଅତିଥି ଗଣ ମଧ୍ୟରେ ଶ୍ରୀ ଅଶ୍ୱିନୀ କୁମାର ଷଡ଼ଙ୍ଗୀ (ପ୍ରଧାନ ଶିକ୍ଷକ, ଢୋରୋପାଣି ଉଚ୍ଚ ବିଦ୍ୟାଳୟ) ମନୋରଂଜନ ବେହେରା (ଉପ ପ୍ରବନ୍ଧକ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ) ଓ ଶ୍ରୀମତୀ ଅଞ୍ଜଳି କୁମାରୀ ନାୟକ (ପ୍ରଧାନ ଶିକ୍ଷୟତ୍ରୀ, ବୋମାଲୋଇ) ଉପସ୍ଥିତ ଥିଲେ। ଶିବିର ପରେ ଏକ ସଚେତନତା ଅଧିବେଶନ କରାଯାଇଥିଲା। ଯୋଗ, ବ୍ୟାୟାମ, ଭଲ ସନ୍ତୁଳିତ ଖାଦ୍ୟ, ସ୍ୱଚ୍ଛତା, ସୁସ୍ଥ ଜୀବନ ଶୈଳୀ, ପରିବେଶ ସ୍ୱଚ୍ଛତା, ହାତ ଧୋଇବା ଇତ୍ୟାଦି ସ୍ୱାସ୍ଥ୍ୟଗତ ଉନ୍ନତି ପାଇଁ ଏହି କାର୍ଯ୍ୟକ୍ରମରେ ପ୍ରବର୍ତ୍ତିତ ହୋଇଥିଲା। ସ୍ୱାସ୍ଥ୍ୟ ପ୍ରତ୍ୟେକ ମଣିଷର ଏକ ମୌଳିକ ଅଧିକାର । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସମ୍ବିଧାନ (୧୯୪୮)ରେ ମାନବିକ ଅଧିକାର ଭାବରେ ପଞ୍ଜୀକୃତ, ସ୍ୱାସ୍ଥ୍ୟ, ଅଧିକାର, ଜୀବନ, ଖାଦ୍ୟ, ଗୃହ, କାର୍ଯ୍ୟ, ଶିକ୍ଷା, ଗୋପନୀୟତା, ପ୍ରବେଶ ଅଧିକାର ସହିତ ଅନ୍ୟାନ୍ୟ ମାନବିକ ଅଧିକାର ମଧ୍ୟ ଧାର୍ଯ୍ୟ। ନିର୍ଯାତନାରୁ ମୁକ୍ତି ଏବଂ ସଙ୍ଗଠନ, ସଭା ଏବଂ ଆନ୍ଦୋଳନର ସ୍ୱାଧୀନତା ଏଥିରେ ଗୁଣବତ୍ତା, ସମୟାନୁବର୍ତ୍ତୀ ଏବଂ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ସହ ସ୍ୱାସ୍ଥ୍ୟର ଅନ୍ତର୍ନିହିତ ନିର୍ଣ୍ଣୟକାରୀଙ୍କ ପାଇଁ ପ୍ରବେଶ ଅନ୍ତର୍ଭୁକ୍ତ । ବିଦ୍ୟାଳୟ ପରିଚାଳନା ଓ ବିକାଶ କମିଟିର ସହଯୋଗରେ ଏହି କାର୍ଯ୍ୟକ୍ରମ ସଫଳତାର ସହିତ ସମ୍ପନ୍ନ ହୋଇଥିଲା ।




# ଅଂଶୁଘାତ ମୁକାବିଲା ପାଇଁ କଟକ ଏସସିବି ପକ୍ଷରୁ ବ୍ୟାପକ ବ୍ୟବସ୍ଥା




**କଟକ, ନ୍ୟୁଜ ବ୍ୟୁରୋ**

ତତଲା କଡେଇରେ ସିଝୁଛି ଓଡିଶା । ହଠାତ କରି ରାଜ୍ୟରେ ତାପମାତ୍ରରେ ବୃଦ୍ଧି ପାଇବା ଫଳରେ ସାଧାରଣ ଜନଜୀବନ ଏକ ପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼ିଛି । ବର୍ତ୍ତମାନ କାଳବୈଶାଖୀ ପ୍ରଭାବରେ ଦୁଇ ଦିନ ପାଗ କୋହଲା ରହିବା ପରେ ପୁଣି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ହେବା ସହ ଆଗକୁ ଆହୁରି ତାପମାତ୍ରା ବୃଦ୍ଧି ଘଟିବ ବୋଲି ପାଣିପାଗ ପକ୍ଷରୁ ପୂର୍ବନୁମାନ କରାଯାଇଛି । ଖରାଦିନେ ଅଂଶୁଘାତ ଏକ ବଡ଼ ସମସ୍ୟା ହୋଇ ଦଖାଦେଇଥାଏ । ତେବେ ଏହି ଅଂଶୁଘାତର ମୁକାବିଲା ପାଇଁ ପ୍ରସ୍ତୁତ ରହିଛି କଟକ ଏସସିବି ବଡ଼ ମେଡିକାଲ । ଏସସିବି ପ୍ରଶାସନିକ ଅଧିକାରୀ ଡଃ ଅବିନାଶ ରାଉତଙ୍କ କହିବା ଅନୁଯାୟୀ, ଅଂଶୁଘାତକୁ ଦୃଷ୍ଟିରେ ରଖି ଏସସିବି ମେଡିକାଲରେ ଟ୍ରମା କାଜୁଆଲଟିରେ ୧୦ଟି ବେଡ଼, ୫ଟି ଆଇସିୟୁ ବେଡ଼ର ବ୍ୟବସ୍ଥା ସହ ତୃତୀୟ ମହଲାରେ ମଧ୍ୟ ବେଡ଼ ପ୍ରସ୍ତୁତ କରାଯାଇଛି । ଏହାସହ ମେଡ଼ିସିନ ବିଭାଗୀୟ ମୁଖ୍ୟଙ୍କୁ ଆବଶ୍ୟକ ମୁତାବକ ଡାକ୍ତର, ପାରାମେଡିକ୍ ଓ ନର୍ସିଂ ଅଧିକାରୀଙ୍କୁ ନିୟୋଜିତ କରିବା ନେଇ ନିର୍ଦ୍ଦେଶ ଦିଆଯାଇଛି । ଏହାସହ ଅଂଶୁଘାତ ସମ୍ପର୍କିତ ଔଷଧ ପର୍ଯ୍ୟାପ୍ତ ପରିମାଣରେ ରଖିବା ପାଇ ଷ୍ଟୋର ମେଡ଼ିସିନ ଅଫିସରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟପଟେ ଏସସିବି ମେଡିକାଲର ସମସ୍ତ ବିଭାଗରେ ଡିଜିର ବ୍ୟବସ୍ଥା ପୂର୍ବରୁ ରହିଛି । ଇଲେକ୍ଟ୍ରି କାଟ୍ ନେଇ କୌଣସି ସମସ୍ୟା ଉପୁଜିବ ନାହିଁ । ଯଦିଓ ବିଦ୍ୟୁତ କାଟ୍ ହୁଏ ତେବେ କିଛି ସେକେଣ୍ଡରେ ବିଭାଗରେ ବିଦ୍ୟୁତ ସଂଯୋଗ ହୋଇଯିବ । ଏହାସହ ସମସ୍ତ ବିଭାଗରେ ଥିବା ଏସି ଗୁଡିକୁ ମାର୍ଚ୍ଚ ଶେଷ ସୁଦ୍ଧା ମରାମତି କରାଯାଇଛି । ପ୍ରତ୍ୟେକ ଦିନ ଗୋଟେ ଟିମ ଏସି ମରାମତି ନେଇ ଦାୟିତ୍ୱରେ ରହିଛନ୍ତି । ଯେପରି ରୋଗୀଙ୍କର କୌଣସି ସମସ୍ୟା ହେବ ନାହିଁ ସେନେଇ ଏସସିବିରେ ବ୍ୟାପକ ବ୍ୟବସ୍ଥା କରାଯାଇଥିବା କହିଛନ୍ତି ଡ଼ଃ ଅବିନାଶ ରାଉତ । ତେବେ ଗତବର୍ଷ ତୁଳନାରେ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ଅଧିକ ରହିଛି । କଟକ ସମେତ ସାରା ରାଜ୍ୟରୁ ରୋଗୀ ଏସସିବି ଉପରେ ନିର୍ଭର କରିଥିବାରୁ ଏହି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସମୟରେ ଅନେକ ଗୁରୁତର ରୋଗୀଙ୍କ ଚିକିତ୍ସା କରିବା ପାଇଁ ଏସିବି ସମ୍ପୂର୍ଣ୍ଣ ପ୍ରସ୍ତୁତ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଅପ୍ରେଲ ସୁଦ୍ଧା ...

କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ବନ ଅଧିକାରୀ ସୂଚନା ଦେଇଛନ୍ତି।

ଏହା ସହିତ ସେ ସୂଚନା ଦେଇଛନ୍ତି ଯେ ନିଆଁକୁ ଆୟତ୍ତ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ସମୁଦାୟ ୩୬୭ ଟିମ ଗଠନ କରାଯାଇଛି । ୨,୩୬୫ ସୁରକ୍ଷା କିଟ୍ ଏବଂ ୪୦୦୦ ରୁ ଅଧିକ ଅଗ୍ନି ଗ୍ଲୋଭସ ଯୋଗାଇ ଦିଆଯାଇଛି। ଜଙ୍ଗଲରେ ନିଆଁ ଲାଗିବା ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ପଦକ୍ଷେପ ପାଇଁ ୩୩୦ ଯାନ କେବଳ ନିୟୋଜିତ ହୋଇଛି। ତେବେ କିଛି ସ୍ଥାନରେ ଜଙ୍ଗଲ ଅଗ୍ନିକାଣ୍ଡର ମାତ୍ରା ଅଧିକ ହେଲେ ବନ ବିଭାଗ ସହାୟତା ମାଗିପାରେ।

## ୨୪ ଘଣ୍ଟା ପାଇଁ ...

୨୪ ଘଣ୍ଟା ପାଇଁ ନବରଙ୍ଗପୁର, ଗଜପତି, ରାୟଗଡ଼ା, କଳାହାଣ୍ଡି, ନୂଆପଡ଼ା, ଗଞ୍ଜାମ, କନ୍ଧମାଳ, ବଲାଙ୍ଗୀର, ସୋନପୁର, ବୌଦ୍ଧ, ନୟାଗଡ଼, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର, କେନ୍ଦ୍ରାପଡ଼ା, ଭଦ୍ରକ, ବାଲେଶ୍ୱର, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, ଢେଙ୍କାନାଳ, ଅନୁଗୁଳ ଆଦି ଜିଲ୍ଲାକୁ ବିଜୁଳି ଘଡ଼ଘଡ଼ି ସହ ବର୍ଷା ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବର୍ଷା ସାଙ୍ଗକୁ ପବନର ବେଗ ମଧ୍ୟ ୩୦-୪୦ କିମି ବେଗରେ ବହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି । ତେଣୁ ରାଜ୍ୟରେ ତାପମାତ୍ରା ଆଉ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବାର ସମ୍ଭାବନା ରହିଛି। ତେବେ ମଙ୍ଗଳବାରଠାରୁ ପୁଣି ଥରେ ତାପମାତ୍ରା ବୃଦ୍ଧି ହୋଇପାରେ ବୋଲି କୁହାଯାଉଛି।

## ଆଉ ୨ ଜିଲ୍ଲାରେ ...

ଦେଇଛନ୍ତି । ଏହି ଉଭୟ ଅଫିସରଙ୍କ ନିଯୁକ୍ତି ସଂକ୍ରାନ୍ତ ବିଜ୍ଞପ୍ତି ଜାରି କରି ସୋମବାର ସନ୍ଧ୍ୟା ୫ଟା ସୁଦ୍ଧା ଅନୁପାଳନ ରିପୋର୍ଟ ପଠାଇବାକୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ନିର୍ବାଚନ କମିଶନ ନିର୍ଦ୍ଦେଶ ଦେଇଥିଲେ।

ଉଲ୍ଲେଖଯୋଗ୍ୟ, ନିର୍ବାଚନ କମିଶନ ଗତ ଏପ୍ରିଲ ୩ ତାରିଖରେ ଖୋର୍ଦ୍ଧା ଏସପି ଯୁଗଳ କିଶୋର ବାନୋଥ ଓ ବ୍ରହ୍ମପୁର ଏସପି ସର୍ବଣା ବିବେକ ଏମଙ୍କ ସମେତ ଅନ୍ୟ ୪ଜଣ ଆଇପିଏସ ଓ ୨ଜଣ ଆଇଏସଙ୍କୁ ନିର୍ବାଚନ କାର୍ଯ୍ୟରୁ ଦୂରେଇ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ରାଜ୍ୟ ସରକାରଙ୍କୁ ଏସବୁ ପଦବୀରେ ନିଯୁକ୍ତି ଦେବା ନିମନ୍ତେ ଅଫିସରଙ୍କ ୩ଜଣିଆ ତାଲିକା ପଠାଇବାକୁ କହିଥିଲେ । ଉକ୍ତ ତାଲିକା ଆଧାରରେ ନିର୍ବାଚନ କମିଶନ ଆଜି ୨ଜଣ ଆଇପିଏସଙ୍କୁ ବ୍ରହ୍ମପୁର ଓ ଖୋର୍ଦ୍ଧା ଏସପି ଭାବେ ମନୋନୀତ କରିଛନ୍ତି ।

## ନିର୍ବାଚନ ମଣ୍ଡଳୀରେ...

ବିଜେଡ଼ିର ଆଉ ୩୯ ବିଧାନସଭା ଆସନ ଓ ବିଜେପିର ୩୫ଟି ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା ବାକି ରହିଥିଲେ ମଧ୍ୟ ଦିନେ ଦୁଇ ଦିନ ମଧ୍ୟରେ ଏହା ଘୋଷଣା କରାଯିବାର ସମ୍ଭାବନା ରହିଥିବା ଦଳୀୟ ସୂତ୍ରରୁ ଜଣାପଡିଛି। ଘୋଷିତ ପ୍ରାର୍ଥୀଙ୍କୁ ନେଇ ଅଧିକାଂଶ ନିର୍ବାଚନ ମଣ୍ଡଳୀରେ ବିବାଦ ଲାଗି ରହିଥିବା ବେଳେ ପ୍ରାର୍ଥୀ ପରିବର୍ତ୍ତନ ପାଇଁ ଦଳର ନେତା ଓ ଆଶାୟୀଙ୍କ ଅସନ୍ତୋଷ ମଧ୍ୟ ଜାରି ରହିଛି। ଅନ୍ୟପକ୍ଷରେ ବିଜେଡ଼ିରୁ ଘୋଷିତ ପ୍ରାର୍ଥୀମାନେ ଦଳୀୟ କର୍ମୀ ଓ ସମର୍ଥକଙ୍କୁ ସାଙ୍ଗରେ ଧରି ସେମାନଙ୍କ ପ୍ରଚାର ଆରମ୍ଭ କରିସାରିଛନ୍ତି। ସକାଳୁ ରାତ୍ରି ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନିର୍ବାଚନ ମଣ୍ଡଳୀର ବିଭିନ୍ନ ଅଞ୍ଚଳ ବୁଲି ଭୋଟ ଭିକ୍ଷାରେ ଲାଗି ପଡିଛନ୍ତି।

ନିର୍ବାଚନ ପ୍ରଚାର ବେଳେ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରିବା ଏବଂ ସାଧାରଣ ଲୋକଙ୍କୁ ଆକୃଷ୍ଟ ବା ମନେଇବା ପାଇଁ ବଡ ନେତାମାନେ ଯେଉଁ ଦିଗଦର୍ଶନ ଦେଇଛନ୍ତି, ତାହାକୁ କର୍ମୀମାନେ ଗ୍ରହଣ କରି ପାଳନ କରିଥାଆନ୍ତି। ସାଧାରଣ ଲୋକେ ମଧ୍ୟ ଏହାକୁ ସମର୍ଥନ ଜଣାଇଥାନ୍ତି। ବିଜେଡ଼ିର ବରିଷ୍ଠ ନେତା ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ରବିବାର ଭୁବନେଶ୍ୱରଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଭାଷଣ ଦେବା ବେଳେ କହିଥିଲେ ଆଗାମୀ ନିର୍ବାଚନରେ ଓଡ଼ିଶାର ୧୪୭ ବିଧାନସଭା ଆସନ ମଧ୍ୟରୁ ତିନି-ଚତୁର୍ଥାଂଶ ଆସନରେ ବିଜେଡି ରେକର୍ଡ ମାର୍ଜିନ୍‌ରେ ବିଜୟ ଲାଭ କରିବ ଏବଂ ନବୀନ ପଟ୍ଟନାୟକ ୬ଷ୍ଠ ଥର ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେବେ। ଓଡ଼ିଶାର ସବୁ ନିର୍ବାଚନ ମଣ୍ଡଳୀରେ ନବୀନ ନିର୍ବାଚନ ଲଢୁଛନ୍ତି ବୋଲି ମଧ୍ୟ ସେ କହିଥିଲେ। ଶ୍ରୀ ପାଣ୍ଡିଆନ୍‌ଙ୍କ ଏହି ବକ୍ତବ୍ୟର ପ୍ରଭାବ ସୋମବାର ରାଜ୍ୟର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ଅନୁଭୂତ ହୋଇଛି । ବିଜେଡ଼ି ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାର ବେଳେ ଏହି ପ୍ରସଙ୍ଗ ଦୋହରାଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ଆମ ନିର୍ବାଚନ ମଣ୍ଡଳୀରେ ଲଢୁଛନ୍ତି ଏବଂ ଓଡ଼ିଶାରେ ଯାହାସବୁ ବିକାଶ ହୋଇଛି ଆଗକୁ ତାହା ଅଧିକ ତ୍ୱରାନ୍ୱିତ ହେବ ବୋଲି କହିଛନ୍ତି। ପ୍ରାର୍ଥୀଙ୍କ ଏହି ପ୍ରଚାରକୁ ସାଧାରଣରେ ଭଲ ସମର୍ଥନ ମିଳିଛି। ନବୀନଙ୍କ ନାଁରେ ନିର୍ବାଚନ ପ୍ରଚାର ଜୋର ଧରୁଥିବା ବେଳେ ଦଳୀୟ ନେତା ଓ କର୍ମୀ ମହଲରେ ବେଶ୍ ଉତ୍ସାହ ପରିଲକ୍ଷିତ ହେଉଛି।

## ଦେଶରେ ସକ୍ରିୟ ...

ଗିରଫରୁ ଜଣାପଡ଼ିଥିଲା ଯେ ଫୋର୍ଟିସ ହସ୍ପିଟାଲର ସଂଯୋଜକ ବିନୋଦ ସିଂହ କିଛି ଦିନ ତଳେ ଟଙ୍କା ଦେଇ ଜାଲ ପ୍ରମାଣପତ୍ର ନେଇଥିଲେ। ଏସିବି ତାଙ୍କୁ ମଧ୍ୟ ଗିରଫ କରିଛି। ଏହା ପରେ ସରକାର ଇଏଚସିସି ହସ୍ପିଟାଲର ଅର୍ଗାନ ଟ୍ରାନ୍ସପ୍ଲାଣ୍ଟ ଲାଇସେନ୍ସକୁ ନିଲମ୍ବିତ କରିଦେଇଛନ୍ତି।

ଏସିବି ଡିଆଇଜି ଡ. ରବି କହିଛନ୍ତି ଯେ ଯାଞ୍ଚ ସମୟରେ ଗୌରବଙ୍କ ଘରୁ ୧୫୦ରୁ ଅଧିକ ଜାଲ ପ୍ରମାଣପତ୍ର ମିଳିଛି । ଏଥିରୁ ତିନୋଟି ପ୍ରମାଣପତ୍ର ନେପାଳ ଲୋକଙ୍କର ଥିଲା । ଏଥିରୁ ସ୍ପଷ୍ଟ ହୋଇଥିଲା ଯେ ବାହାର ଲୋକଙ୍କଠାରୁ ଅଙ୍ଗପ୍ରତ୍ୟଙ୍ଗ କିଣାବିକା କରାଯାଉଛି।

ହରିୟାଣା କିଡନୀ ପ୍ରତିରୋପଣ ର୍‍ୟାକେଟର ଲିଙ୍କ୍ ନେପାଳ-କାମ୍ବୋଡ଼ିଆଙ୍କୁ ବ୍ୟାପିଛି । ରାଜସ୍ଥାନ ଏସିବିକୁ ଏହାର ପ୍ରମାଣ ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ନେପାଳ-କମ୍ବୋଡିଆ ଲୋକଙ୍କ ପ୍ରମାଣପତ୍ର ଏସିବି ହାତରେ ଲାଗିଛି। ଏହି ର୍‍ୟାକେଟର ମାଷ୍ଟରମାଇଣ୍ଡ ଝାଡ଼ଖଣ୍ଡର ମହମ୍ମଦ ମୁର୍ତାଜା ଅନସାରୀ ଏବେ ଫେରାର ରହିଛି। ସେ ହରିୟାଣାରେ ଲୁଚିଥିବା ଏସିବି ସନ୍ଦେହ କରୁଛି। ଦାତା ଏବଂ ଗ୍ରହୀତାଙ୍କ ମଧ୍ୟରେ ସେ ମଧ୍ୟସ୍ଥି ଭାବେ କାମ କରୁଥିଲା । ସେ ପ୍ରଥମେ ଦିଲ୍ଲୀର ଏକ ଘରୋଇ ହସ୍ପିଟାଲରେ ଅନୁବାଦକ ଭାବେ କ୍ୟାରିୟର ଆରମ୍ଭ କରିଥିଲା। ବାଂଲାଦେଶର କିଛି ଲୋକ ମଧ୍ୟ ଏହାର ଜାଲରେ ଫଶି ଥିଲେ। ରାଜସ୍ଥାନ ଏସିବି ୩ ଜଣଙ୍କୁ ଗିରଫ କରିବା ପରେ ଏହି ର୍‍ୟାକେଟର ଖୁଲାସା ହୋଇଥିଲା । ଏସିବିର ସୂଚନା ଆଧାରରେ ଗୁରୁଗ୍ରାମ ପୁଲିସ, ସିଏମ ଫ୍ଲାଇଂ ସ୍କ୍ୱାଡ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଅଧିକାରୀଙ୍କୁ ଟିମ ସେକ୍ଟର ୩୯ରେ ଥିବା ଏକ ଗେଷ୍ଟ ହାଉସରେ ଚଢ଼ଉ କରି ୫ ଜଣ ବାଂଲାଦେଶୀଙ୍କୁ ଗିରଫ କରିଥିଲା। ମାମଲାର ତଦନ୍ତରେ ସାମିଲ ଜଣେ ଅଧିକାରୀ କହିଛନ୍ତି ଯେ ଏହି ର୍‍ୟାକେଟର ମୁଖ୍ୟ ଗରିବ ଏବଂ ଋଣରେ ବୁଡ଼ିଥିବା ଲୋକଙ୍କୁ ନିଶାଣ କରୁଥିଲେ। ଏମାନଙ୍କୁ ବାଂଲାଦେଶରୁ ଗୁରୁଗ୍ରାମ ଅଣାଯାଉଥିଲା। ପରେ ଜୟପୁରରେ କିଡ୍‌ନୀ ପ୍ରତିରୋପଣର ବ୍ୟବସ୍ଥା କରାଯାଉଥିଲା। ରାଜସ୍ଥାନର ୧୦ ଏବଂ ମୁମ୍ବାଇର ୨ ହସ୍ପିଟାଲର ସହ ଅନସାରୀର ଲିଙ୍କ ଥିଲା।

## ମଣିପୁରକୁ ରକ୍ଷା...

କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିବାଦର ଉଗ୍ର ସ୍ଥିତି ବେଳେ ମଣିପୁରରେ ରହିଥିଲେ। ବିଭିନ୍ନ ସଂଗଠନ ଓ ଅଂଶୀଦାରଙ୍କ ସହ ବିବାଦର ସମାଧାନ ପାଇଁ ୧୫ରୁ ଅଧିକ ବୈଠକ କରିଥିଲେ।

କେନ୍ଦ୍ର ସରକାର ନିୟମିତ ଭାବେ ରାଜ୍ୟ ସରକାରଙ୍କୁ ସବୁ ପ୍ରକାରର ସହାୟତା ଯୋଗାଇ ଦେଇଥିଲେ। ବର୍ତ୍ତମାନ ରିଲିଫ ଓ ପୁନଃ ଥଇଥାନ ପ୍ରକ୍ରିୟା ଚାଲିଛି । କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ଆର୍ଥିକ ସହାୟତା ସମେତ ବିଭିନ୍ନ ପ୍ରକାରର ସୁବିଧା ବ୍ୟବସ୍ଥା କରାଯାଇଛି।

ଗତବର୍ଷ ମେ ମାସରୁ ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ଯୋଗୁ ମଣିପୁରରେ ହିଂସାକାଣ୍ଡ ଦେଖିବାକୁ ମିଳିଥିଲା। ଏଥିରେ ୧୬୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି। ସେହିପରି ହିଂସାକାଣ୍ଡ ଯୋଗୁ ୧ ଲକ୍ଷରୁ ଅଧିକ ଲୋକ ରିଲିଫ କ୍ୟାମ୍ପରେ ରହୁଛନ୍ତି । ଏବେ ସ୍ଥିତିରେ ସାମାନ୍ୟ ସୁଧାର ଆସିଥିଲେ ହେଁ ଜୀବନଜୀବିକା ସ୍ୱାଭାବିକ ହୋଇନାହିଁ।

## ୫୪ ବର୍ଷରେ ...

ବୈଜ୍ଞାନିକମାନେ ମଧ୍ୟ ଅନେକ ଗବେଷଣା କରିବାକୁ ଯୋଜନା କରିଛନ୍ତି।

ଆମେରିକାର ବିଭିନ୍ନ ସହରରେ ସୂର୍ଯ୍ୟପରାଗକୁ ନେଇ ଲୋକଙ୍କ ମଧ୍ୟରେ ବହୁତ ଉତ୍ସାହ ଦେଖିବାକୁ ମିଳୁଛି ଏବଂ ଲୋକମାନେ ଏହାକୁ ଦେଖିବା ପାଇଁ ଅନେକ ପ୍ରସ୍ତୁତି କରିଛନ୍ତି। ଏହି ସୂର୍ଯ୍ୟପରାଗ କାନାଡା, ଉତ୍ତର ଆମେରିକାଠାରୁ ଆରମ୍ଭ କରି ମେକ୍ସିକୋ ପର୍ଯ୍ୟନ୍ତ ଦେଖାଯିବ । କିନ୍ତୁ ୫ ଘଣ୍ଟା ୧୦ ମିନିଟ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସୂର୍ଯ୍ୟପରାଗ ଭାରତରେ ଦେଖିବାକୁ ମିଳିବ ନାହିଁ।

# ଜନ୍ମଦିନ ପାଳି ଫେରିବା ବେଳେ କରେଣ୍ଟ ଲାଗି ଚାଲିଗଲା ଜୀବନ

**କଟକ, ନ୍ୟୁଜ ବ୍ୟୁରୋ**

ମୃତ୍ୟୁ ଏମିତି ବି ଆସେ । ଖୁସିରେ ନିଜ ସାଙ୍ଗର ଜନ୍ମଦିନ ପାଳିବାକୁ ଯାଇଥିଲେ । ହେଲେ ଜାଣିନଥିଲେ ସେଇଠି କାଳ ଛକି ବସିଥିଲା ବୋଲି। ମଧ୍ୟରାତିରେ କେକ୍ କାଟିବା ହେଲା କାଳ । କରେଣ୍ଟରେ ଚାଲିଗଲା ୨୩ ବର୍ଷୀୟ ଯୁବକ ଆଲୋକ ପ୍ରଧାନଙ୍କ ଜୀବନ । ରବିବାର ରାତି ପାଖାପାଖି ୧୧ ଟା ସମୟରେ ଆଲୋକ ତାଙ୍କ ସାଙ୍ଗ ଆକାଶଙ୍କ ଜନ୍ମ ଦିନ ପାଳିବା ପାଇଁ କଟକ ତୁଳସୀପୁର ସ୍ଥିତ ମଧୁକୁଞ୍ଜ ପାର୍କ ନିକଟକୁ ଯାଇଥିଲେ। ସମସ୍ତେ ଜନ୍ମ ଦିନ ପାଳିବା ସମୟରେ ଆଲୋକ ଓ ତାଙ୍କ ସାଙ୍ଗ ଉଦିତ କେକ କାଟି ଫେରିବା ବେଳେ ପାର୍କ ସାମ୍ନାରେ ଥିବା ଏକ ଇଲେକ୍ଟ୍ରି ଖୁଣ୍ଟିରେ ସଂଯୋଗ ହେବା ଫଳରେ ଦୁଇ ଜଣଙ୍କୁ କରେଣ୍ଟ ଆଘାତ ହୋଇଥିଲା। ଗୁରୁତର ଅବସ୍ଥାରେ ଦୁହିଁଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲ୍ କୁ ଅଣା ଯାଇଥିଲା। ସେଠାରେ ଡାକ୍ତର ଆଲୋକଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ଏହି ଘଟଣାରେ ଉଦୟ ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଛନ୍ତି । ମୃତ ଦେହକୁ ଏସ ସି ବି ମେଡିକାଲ କୁ ସ୍ଥାନାନ୍ତର କରାଯାଇଛି।

# ଖାକିରେ ଦାଗ: ପୋଲିସ ହାତରେ ହାତକଡ଼ି ପକାଇଲା ପୋଲିସ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ଖାକିରେ ଲାଗିଲା କଳଙ୍କ । ଗଞ୍ଜେଇ ଚାଲାଣକାରୀଙ୍କୁ ଧରିବା ବଦଳରେ ନିଜେ ମାତିଥିଲେ ଗଞ୍ଜେଇ ଚୋରାଚାଲାଣରେ । ପୋଲିସ ହାତରେ ହାତକଡି ପକାଇଛି ପୋଲିସ। ବେଆଇନ ଗଞ୍ଜେଇ କାରବାର ସମ୍ପୃକ୍ତିରେ ଜଣେ ଜିଲ୍ଲା ପୋଲିସ କର୍ମଚାରୀଙ୍କୁ ଗିରଫ କରିଛି ବୌଦ୍ଧ ପୋଲିସ । ପୂର୍ବରୁ ବେଆଇନ ଗଞ୍ଜେଇ କାରବାର ପଛରେ ବଡ ବଡିଆଙ୍କ ସହିତ କେତେକ ଅସାଧୁ ବନ କର୍ମଚାରୀ ଓ ପୋଲିସ କର୍ମଚାରୀଙ୍କ ସିଧାସଳଖ ସମ୍ପୃକ୍ତି ଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲା।

ସୂଚନା ମୁତାବକ, ବୌଦ୍ଧ ଜିଲ୍ଲା ଦେବଗଡ଼ ପନ୍ଥେଇ ରାସ୍ତା ଦେଇ ବେଆଇନ ଗଞ୍ଜେଇ ଚୋରାଚାଲାଣ ହେଉଥିଲା । ଏନେଇ କୌଣସି ସୂତ୍ରରୁ ଖବର ପାଇ ଜିଲ୍ଲା ଅବକାରୀ, ପୋଲିସ ଓ ଆରଟିଓ ବିଭାଗର ସ୍କ୍ୱାର୍ଡ ଚଢଉ କରିଥିଲେ। ଚଢଉ ସମୟରେ ଏକ ଇଣ୍ଡିଗୋ କାର୍ ମଧ୍ୟରୁ ୫୮ କେଜି ଗଞ୍ଜେଇ ଜବତ ସହିତ ଡିଙ୍ଗର ମାଝୀ ନାମକ ଜଣେ ପୋଲିସ କର୍ମଚାରୀଙ୍କୁ ଗିରଫ କରାଯାଇଥିବା ସୂଚନା ମିଳିଛି। ତେବେ ଏଭଳି ଘଟଣା ବୌଦ୍ଧ ଜିଲ୍ଲାରେ ବାରମ୍ବାର ଘଟୁଥିବା ତଥା ଏଭଳି ବେଆଇନ କାର୍ଯ୍ୟରେ ଖାକିବର୍ଦ୍ଦିରେ ସମ୍ପୃକ୍ତି ଚିନ୍ତାରେ ବିଷୟ ହୋଇଛି । ଏନେଇ ବୁଦ୍ଧିଜୀବୀ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ତେବେ ଏହି ବେଆଇନ ଗଞ୍ଜେଇ କାରବାର ଯୋଗୁଁ ଅପରାଧିକ ମାମଲା ବୃଦ୍ଧି ପାଇବାରେ ଲାଗିଛି । ବୌଦ୍ଧ ଜିଲ୍ଲାର ବିଭିନ୍ନ



ଆଭ୍ୟନ୍ତରୀଣ ଜଙ୍ଗଲ ଅଞ୍ଚଳରେ ହଜାର ହଜାର ଏକର ଜଙ୍ଗଲ ନଷ୍ଟ କରାଯାଉଛି ସବୁଜ ଜହରର ଚାଷ ପାଇଁ । ଏହି ବେଆଇନ ଗଞ୍ଜେଇ ଚାଷରେ ସ୍ଥାନୀୟ ଜନ ପ୍ରତିନିଧିଙ୍କ ଠାରୁ ନେଇ ବିଭିନ୍ନ ବିଭାଗର କର୍ମଚାରୀଙ୍କ ହାତ ରହୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଛି। ବିଶେଷ ଭାବରେ ବୌଦ୍ଧ ବନ ବିଭାଗର କିଛି କରିତକର୍ମା କର୍ମଚାରୀଙ୍କ ପ୍ରୋତ୍ସାହନରେ ଏହି ଗଞ୍ଜେଇ ଚାଷ ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଜଙ୍ଗଲ ସମ୍ପଦ ନଷ୍ଟ ହେବାରେ ଲାଗିଛି।

ଜିଲ୍ଲାର ବେଆଇନ ଗଞ୍ଜେଇ ସାରା ଦେଶରେ ବେଶ ଚାହିଦା ରହିଥିବା ବେଳେ ବିଭିନ୍ନ ସମୟରେ ପୋଲିସ ବାହାର ରାଜ୍ୟକୁ ଚୋରା ଚାଲାଣ ହେଉଥିବା ଗାଡ଼ିକୁ ଧରୁଛି । ସେହିପରି ଗତ କିଛି ମାସ ତଳେ ବଘିଆପଡା ଫାଣ୍ଡି ଠାରେ ଏଭଳି ଗଞ୍ଜେଇ ଲିଙ୍କରୁ ପ୍ରାୟ ୬ ଲକ୍ଷ ଟଙ୍କା ସହିତ ଜଣେ ପୋଲିସ କର୍ମଚାରୀକୁ ଭିଜିଲାନ୍ସ କାବୁ କରିଥିଲା । ଏହା ପୂର୍ବରୁ ଉକ୍ତ ବଘିଆପଡା ଫାଣ୍ଡିର ପୋଲିସ ଅଧିକାରୀ ଏହି ଗଞ୍ଜେଇ ଲିଙ୍କରେ ନିଲମ୍ବିତ ହୋଇଥିଲେ ।

